ଗୋଦାବରୀଶ ମହାପାତ୍ର

# ମୋ ସାଧ୍ୟ ସୃଷ୍ଟି

ଓଡ଼ିଶା ବୁକ୍ ଏମ୍ପୋରିୟମ

# ଏବେ ମଧ୍ୟ ବଞ୍ଚିଛି

ଓ

# ଅନ୍ୟାନ୍ୟ ଗଳ୍ପ

ଗୋଦାବରୀଶ ମହାପାତ୍ର

ପ୍ରକାଶକ

ଓଡ଼ିଶା ବୁକ୍ ଏମ୍ପୋରିୟମ୍

କଟକ-୨

ମୂଲ୍ୟ—ଦେଢ଼ଟଙ୍କା

# ସୂଚୀପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| ୧ । ଏବେ ମଧ୍ୟ ବଞ୍ଚିଛି | ... | ... | ୧ |
| ୨ । ପଟ୍ଟନାୟକେ, ପଇସାଟିଏ | ... | ... | ୮ |
| ୩ । ଏ ମଣିଷକୁ ପଥର କଲା କିଏ | ... | ... | ୧୩ |
| ୪ । ଦୁଇଟି ଦିନ | ... | ... | ୨୧ |
| ୫ । ମାଗୁଣିର ଶଗଡ଼ | ... | ... | ୨୫ |
| ୬ । ବ୍ରତଭିକ୍ଷା | ... | ... | ୩୦ |
| ୭ । ମୁଣ୍ଡା ଗାହ୍ମାଣ୍ଡା | ... | ... | ୩୪ |
| ୮ । ମୁଁ ସେ ରେଙ୍ଗୁନରୁ ଫେରିଲି | ... | ... | ୪୧ |
| ୯ । ବିଖ୍ୟାତ କଟକରୁ ଅଖ୍ୟାତ ପଲ୍ଲୀ | | ... | ୪୬ |
| ୧୦ । ଦୁର୍ନାମ | ... | ... | ୫୩ |
| ୧୧ । ଏ ଜନ୍ମର ତୀର୍ଥକ୍ଷେତ୍ର | ... | ... | ୫୮ |
| ୧୨ । ପ୍ରେମର ସିଂହାସନ | ... | ... | ୬୬ |
| ୧୩ । ସ୍ୱପ୍ନ | ... | ... | ୭୩ |
| ୧୪ । ଦେବତାର ବିଧାତା | ... | ... | ୭୮ |
| ୧୫ । ଜାତିର ଧକ୍କା | ... | ... | ୮୪ |
| ୧୬ । ମୁହୂର୍ତ୍ତିକର ଦେଖା | ... | ... | ୯୧ |
| ୧୭ । ଦୁଇଟି ରାତିର ଶେଷ ପ୍ରହର | ... | ... | ୯୫ |

# ଏବେ ମଧ୍ୟ ବଞ୍ଚିଛି

## ( ୧ )

ବେଣୁଧର କ'ଣ କରିବ କିଛି ଠିକ୍ କରି ପାରିଲା ନାହିଁ ।

ଯେତେବେଳେ ଗାଁଯାକ ଲୋକ ବାହାରନ୍ତି ସାହାଯ୍ୟ କେନ୍ଦ୍ରକୁ ସାହାଯ୍ୟ ପାଇଁ, ବେଣୁଧର ପିଣ୍ଡାରେ ଗୁନ୍ନେହୋଇ ଠିଆହୁଏ । ଭାବେ, ଏତେ ଲୋକ ଯାଉଛନ୍ତି, ସମସ୍ତଙ୍କ ଆଗରେ ମୁଁ ହାତ ପତେଇ ଠିଆହୋଇ ମାଗିବାଟା ସୁନ୍ଦର ହେବ ନାହିଁ ।

ଯେଉଁଦିନ କେହି ଯାଆନ୍ତି ନାହିଁ, ସେଦିନ ବେଣୁଧର କାନ୍ଥରେ ଲଟକାଇ ଥିବା ଚିରା କାମିଜଟାକୁ ଦେହରେ ଗଳାଇ ଦେଇ ଖୁବ୍ ସାହସରେ ଦାଣ୍ଡକୁ ବାହାରି ପଡ଼େ । ଦାଣ୍ଡ ଡେଇଁ, ବିଲ ପଡ଼ିଆ ଡେଇଁ ଯେତେବେଳେ ସେ ବଡ଼ ବରଗଛ ମୂଳେ ପହଞ୍ଚେ, ଟିକିଏ ବସିପଡ଼େ । ଶ୍ୟାମଳ ପତ୍ର ଗହଳ ତଳେ ଶୀତଳ ପବନ ଟିକିଏ ପାଇ ସେ ଆଖି ବୁଜି ଅନେକ ଭାବେ । ଭାବେ, ସେ ଯିବ, କେନ୍ଦ୍ର ଦୁଆରେ ଠିଆହେବ । କିପରି ଠିଆହେବ ? ହାତ ଯୋଡ଼ିବ ନା ହାତ ଦୁଇଟା ଦୁଇ ପାଖକୁ ଝୁଲାଇ ରଖିବ ? ମୁଣ୍ଡ ଟିକିଏ ନୁଆଁଇବ ନା ମୁଣ୍ଡକୁ ବୀର ପରି ସିଧା ରଖି ଠିଆହେବ ? ହସିବ ନା ଦୁଃଖରେ ମୁହଁ ଶୁଖାଇ ଗୁହିଁବ ? କ'ଣ କରିବ କିଛି ସେ ସ୍ଥିର କରିପାରେ ନାହିଁ । ବସ୍ତୁରେ, ସେଠି ଯେ ଥିବେ ସେ ଯେବେ ଚିହ୍ନା ଲୋକ ହୋଇଥିବେ ତେବେ କଣ କରିବାକୁ ହେବ ?

ବସି ବସି, ବଗୁର ବଗୁର ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠେ, ତାର ଭାବନା ଶେଷ ହୁଏ ନାହିଁ । ସେହି ଜନଶୂନ୍ୟ ବିଲମାଳ ଭିତରେ ଗଛଡାଳରେ ଯେତେବେଳେ ଦୁଇଟା ଗୁଣ୍ଡୁଚିମୂଷା ଚେଁ ଚେଁ ହେ କରି ଏ ଡାଳରୁ ସେ ଡାଳକୁ ଧାଆଁନ୍ତି କିମ୍ବା କୁଆ କୋଇଲି ରାବି ଉଠନ୍ତି ସେ ଆଣ୍ଠୁ ଉପରୁ ମୁଣ୍ଡ ଉଠାଇ ଆଖି ଫିଟାଏ । କିନ୍ତୁ ଦେଖେ ସେହି ନିତିଦିନର ସଂସାର ତାହାର ଆଗରେ ! ଦୂରର ମରୀଚିକା ପାଣିପରି ଭାସିଯାଏ । ତାର ଆଶା ଠିକ୍ ସେହିପରି ଦୂରରୁ ଦୂରକୁ ବଢ଼ିଯାଏ । ମୁହଁ ବୁଲେଇ ଦେଖେ ଦୂରରେ ଗଛ ଗହଳରେ ଘେରେଇ ଗାଁ । ସେହିଠାରେ ଗୋଟାଏ ସ୍କୁଲ ଉପରେ ଗୋଟାଏ ଜାତୀୟ ପତାକା । ତାହାର ତଳେ ସ୍ୱେଚ୍ଛାସେବକ, ଦେଶସେବକ, ମାତୃପୂଜକ, ଜନନାୟକ, ଦରିଦ୍ର-ସାଥି—ଯେ କେହି ଶୃଙ୍ଖଳ ଧରି ବାଣ୍ଟିବାକୁ ବସିଥିବେ ବୋଲି ମନେକରେ । ଅନ୍ୟଆଡ଼େ ମୁହଁ ବୁଲେଇ ଦେଖେ ସେହିପରି ଗୁଡ଼ାଏ ଗଛ ଗହଳରେ ବାଗଲପଡ଼ା—ତାହାର ଭିତରେ ଗୋଟିଏ ଶ୍ରେଷ୍ଠ ଜେଲଘର, ସେହି ଜେଲଘର ଭିତରେ କେତୋଟି ପ୍ରାଣୀ, କାହା ପେଟରେ ଅନ୍ନ ନାହିଁ କି କାହା ମୁହଁରେ ହସ ନାହିଁ । ଦିନେ ନୁହେଁ, ଦୁଇଦିନ ନୁହେଁ, ପାଞ୍ଚଦିନ ହେଲା ସେହି କୁଡ଼ିଆ ତଳେ ଚୁଲି ଜଳି ନାହିଁ, ସେ ଭିତରେ ଅଁଠା ପଡ଼ିନାହିଁ । ଏ କଥା ଭାବିଦେଲାବେଳେ ସେ ପୁଣି ଆଖି ବୁଜିଦିଏ । ମାତ୍ର ନିଜ ଭିତରେ ସେ ଦେଖେ ଆଉ ଗୋଟାଏ ଜଗତ୍ ! କି ସୁନ୍ଦର କି ଜୀବନମୟ ଜଗତ୍ ସେ ! ! ସେ ଭିତରେ ବେଣୁଧର ବୋଲି ସତର ବର୍ଷର ଯୁବକ କେତେ ଖେଳିଲା, କେତେ ହସି ହସେଇଲା, କେତେ ନାଚି ନଚେଇଲା । ସେ ଗଲା ଘରଗ୍ରୁଡ଼ି ପାଠ ପଢ଼ିବାକୁ । ଯେଉଁଠାରେ ଦେବତା ମନ୍ଦିରର ସାକ୍ଷୀ, ସେହିଠାରେ ସେ ପାଠ ପଢ଼ିଲା । ପାଠ ପଢ଼ି ପଢ଼ି ସେ ଭାବିଲା, ସେ ଜାଗିବ, ଦେଶକୁ ଜଗାଇବ !

ବେଣୁଧର ଆଖି ଫିଟେଇଲା । ସେ ଦେଖିଲା, ପୁଣି ସେହି ଆଖି ଆଗରେ ପୁରୁଣା ସଂସାର ! ସେହି ଭଙ୍ଗାରୁଜା ସଂସାର ଭିତରେ ତାର ପାଠପଢ଼ା ଅକାଳରେ ଶେଷ ହୋଇଛି, ସେହି ନୀରସ ସଂସାର ଭିତରେ ତାର ଆଶାର

ଝରଣା ଶୁଖି ଆସିଛି, ପ୍ରାଣର ରସ ମରିଯାଇଛି । ସେ ଆସିଛି ଭିକ ମାଗି କେତୋଟି ପ୍ରାଣୀକୁ ପୋଷିବ ବୋଲି !

ବେଣୁଧର ପାରିଲା ନାହିଁ । ବରଗଛ ମୂଳେ ଠିଆହୋଇ ମୁହଁ ବୁଲେଇଲା ଗାଁ ଆଡ଼କୁ । ଭାବିଲା, "ନା, ମୁଁ ଏପରି ଭାବରେ ଯାଇ ଭିକ ମାଗିବାଟା ସୁନ୍ଦର ହେବ ନାହିଁ । କେହି ଯେତେବେଳେ ଯାଉନାହାନ୍ତି, ମୁଁ ଏକାକୀ ଗଲେ ସେମାନେ ମନେ କରିବେ କ'ଣ ? ବରଂ ଗହଳି ଭିତରେ ପଶି କାନ ପତେଇ ମାଗିଦେଲେ ଚଳିପାରେ ।"

ତଥାପି ବେଣୁଧର କ'ଣ କରିବ ବୁଝି ପାରିଲା ନାହିଁ । ଦିନେ ଗଲା, ଦୁଇ ଦିନ ଗଲା, ଚାରିଦିନ ଗଲା, ଆଠ ଦିନ ଗଲା—ଦିନ ସଙ୍ଗେ ଅବା ପାଣି ପରି ବହିଗଲା । ସେ ଦେଖିଲା ସେଇ ସୁଅରେ ତା' ନିଜ ଗାଁର ଶହ ଶହ ମହାପ୍ରାଣୀ ଭାସି ଭାସି, ପେଟ ଦେଖାଇ, କଙ୍କାଳ ଦେଖାଇ, କାନ୍ଦ ଦେଖାଇ ଯାଇ ଲାଗୁଛନ୍ତି ସିରେଇ ଗାଁର ଚାଉଳବଣ୍ଟା କେନ୍ଦ୍ର ଦୁଆରେ । ଯାହା ପାଉଛନ୍ତି ମୁଠାଏ ତାହା ସିଝେଇ ଖାଇବାକୁ ଦରକାର ପଡ଼ୁନାହିଁ । ଖାଉବେଳେ ତଳ ଦାନ୍ତ ଓ ଉପର ଦାନ୍ତ ଭିତରେ ମଟ୍‌ରେ ଯେ ପେଟ ଚାଖଣ୍ଡିକ ଭାତ ଉଠୁଛି, ତାହା ସେମାନେ ସମ୍ଭାଳି ନ ପାରି ମୁଠା ମୁଠା ଚାଉଳ ବ୍ୟାକୁଳଭାବରେ ପାଟିରେ ଭରଣ୍ଡ କରୁଛନ୍ତି ।

ବେଣୁଧର ଘରକୁ ଫେରି ଆଇଲା । ଏପରି ଦିନେ ନୁହେଁ, ଦଶ ଦିନ ଯାଇ ଦଶ ଦିନ ଫେରିଲା । ସବୁ କଥାର ସୀମା ଅଛି; ମାତ୍ର ବେଣୁଧରର କଥା ସୀମା ପାର ହୋଇଗଲା । ଘରେ ଯେତେବେଳେ ଖୁଦକଣିଟାଏ ସୁଦ୍ଧା ନାହିଁ, ସେତେବେଳେ କି ସୀମା ଭିତରେ ରହିହୁଏ ? ଶେଷରେ ଦିନେ ସେ କେନ୍ଦ୍ରରେ ଯାଇ ହାଜର ହେଲା ।

( ୨ )

ସିରେଇ ଗାଁର ସାହାଯ୍ୟକେନ୍ଦ୍ର—ଦୁର୍ଭିକ୍ଷ-ରାକ୍ଷସର ତାହା ଗୋଟାଏ ବିରାଟ ଯାଦୁଘର । ଯେଉଁ ଦେଶରେ ଯୁଗ ଯୁଗ ଧରି ବିରାଟ ପ୍ରସ୍ତରସ୍ତୁ

ଉପରେ ପତିତପାବନ ବାନା ଉଡୁଛି, ସେହି ଦେଶର ଲକ୍ଷ ଲକ୍ଷ ନରନାରୀଙ୍କ ବିକଳଧ୍ୱନି ସେତେବେଳେ ସିରେଇରେ ପ୍ରତିଧ୍ୱନିତ ହେଉଥିଲା । ଯେଉଁ ଦେଶରେ ମଣିଷର ସାକ୍ଷୀରୂପେ ସ୍ୱୟଂ ଦେବତା ବାଟ ଚାଲି ଆସିଥିଲେ ବୋଲି କଥା ଅଛି, ଦୁଃଖଦାରିଦ୍ର୍ୟର ସାକ୍ଷ୍ୟ ନେବାପାଇଁ ସେଇ ଭୂମିର ପରମ ସନ୍ନ୍ୟାସୀ ଉତ୍କଳମଣି ସେହିଠାରେ ଉପସ୍ଥିତ ଥିଲେ ।

ସେତେବେଳେ ସିରେଇ ଗୋଟାଏ ବିରାଟ ମଶାଣି କହିଲେ ଚଳେ । ଦରମରା ମଣିଷଗୁଡ଼ାକ ସେଠାରେ ମରିବେ କି ଜୀଇବେ ଠିକ୍ କରିପାରୁ ନ ଥିଲେ । କାହା ଆଖିରେ ଜ୍ୟୋତି ନ ଥିଲା, କାହା ମୁହଁରେ ହସ ନ ଥିଲା, କାହା ପାଦରେ ବଳ ନ ଥିଲା, କାହା ପେଟରେ ଅନ୍ନ ନ ଥିଲା କି କାହା କଟିରେ କନା ନ ଥିଲା । ଥିଲା କେବଳ ସମସ୍ତଙ୍କ କଣ୍ଠରେ ବିକଟ ସ୍ୱର ! ସମସ୍ତେ କହୁଥିଲେ ଦିଅ-ଦିଅ-ଦିଅ ।

ବେଣୁଧର ସେଇ ଭିଡରେ ଯାଇ ଠିଆ ହେଲା । ସେ ଶବ୍ଦ ଶୁଣି ତାର କାନ ତାଲ୍ଧା ପଡ଼ିଗଲା । ସେ ଦୃଶ୍ୟ ଦେଖି ତା' ଆଖିକି ଜାଲୁଜାଲୁଆ ଦିଶିଲା । ସେ ସେହି ଭିଡରେ ଜଣେ ହୋଇ ଠିଆହେବାକୁ ଇଚ୍ଛା କଲା ନାହିଁ : ମନେକଲା, ଲୋକଲୋଚନ ଅଗୋଚରରେ କେଉଁଠି ସେ ମିଶିଯାଆନ୍ତା କି, କେଉଁଠି ସେ ଆପଣାର ମୁହଁଟା ଲୁଚାଇ ଠିଆ ହୋଇପାରନ୍ତା କି, କେଉଁଠି ନିଜକୁ ହରାଇ ପାଗଳ ହୋଇ ଯାଆନ୍ତା କି ?

ସେ ପଛକୁ ଘୁଞ୍ଚିଆସିଲା । କାହାର ସ୍ନେହ ପାଳିତ ଗୋଟିଏ ଗଛମୂଳେ ପଥର ଉପରେ ବସିପଡ଼ି ଖାଲି ଦେଖିଲା । ତାକୁ ଦିଶିଲା ଗୋଟାଏ ପ୍ରାଚୀନ ବିରାଟ ଜାତି ହଠାତ୍ କିପରି ଭିକାରୀ ପାଲଟିଗଲା ! ଜୀବନ ଆଉଥାଉ କାଉଟା କିପରି ଅପମାନ ବରଣ କରିନେଲା ! ଚାହୁଁ ଚାହୁଁ ବାଟ କିପରି ସେ ଭୁଲି ଆସିଲା !

ତାକୁ ଦିଶିଲା – ଏଇପରି ଏକ ପ୍ରଭାତ ଅବସରରେ ସେ ପାଠ ପଢ଼ିଥିଲା । ଚିରଶ୍ୟାମଳ ବକୁଳ ଲୁଗିଅନା ମୂଳେ ଶହ ଶହ ତରୁଣ ପ୍ରାଣରେ

ଯେଉଁ ଶିକ୍ଷାର ମନ୍ତ୍ର ପୋତାଯାଇଥିଲା, ତାହା କଣ ଶେଷକୁ ବଢ଼ି ଉଠିଲା ଏଇ ଭିକ ମାଗିବା ପାଇଁ ? ବେଣୁଧର କ'ଣ ଶେଷରେ ଏଇଆ ହେବବୋଲି ବନ୍ଧ ଧରିଥିଲା ?

ବେଣୁଧର ସେଠି ଅଛି କି ନାହିଁ ବୁଝିପାରିଲା ନାହିଁ । ସେ ନିଜକୁ ଖୋଜିଲା । ତାର ଆଖି ରହିଲା ଭିତରେ, ତାର ମନ ରହିଲା ଭିତରେ, ତାର ଭାବନା ରହିଲା ଭିତରେ — ତାର ଶରୀରଟା କେବଳ ସିଠେଇ ଗାଁର ଏକ ଗଛ ମୂଳେ ଥିଲା । ଗୃହଳ ଧରି ଲୋକେ ଫେରି ଚାଲିଛନ୍ତି, ଗହଳି କ୍ରମେ ଭାଜି ଆସୁଛି, ଖରା କ୍ରମେ ମାଡ଼ି ଆସୁଛି । କିନ୍ତୁ ବେଣୁଧର ନିଜକୁ ହରେଇ ଗଛମୂଳେ ବସିଛି ।

( ୩ )

ଝାଞ୍ଜି ପବନର ସ୍ପର୍ଶ କିମ୍ବା କପୋତର କରୁଣଧ୍ୱନି ବେଣୁଧରର ମୋହ ଭାଙ୍ଗି ପାରିଲା ନାହିଁ । ଗଛଟା ଯେପରି କାହାକୁ କିଛି ନ କହି ଅନେକଦିନୁ ଠିଆ ହୋଇଛି, ତାହାର ତଳେ ବେଣୁଧର କାହାକୁ କିଛି ନ ମାଗି ସକାଳପହରୁ ବସିଛି ।

ତାର ଆଗରେ ପ୍ରଶ୍ନ ହେଲା—

“ବାବୁ, ତୋର ଗାଁ ?”

ଦଶ ପାଞ୍ଚ ଥର ଏହିପରି ପଚାରିବା ପରେ ବେଣୁଧର ମୁହଁ ଟେକି ଚାହିଁଲା । ଚାହିଁଲା, ସତେ ଯେପରି କୋଣାର୍କର ଗୋଟାଏ ପଥର ମୂର୍ତ୍ତି କେତେ ଯୁଗ ହେଲା ପାଣି, ପବନ, ଖରା, ତରା, ସହି ସହି ପଡ଼ି ରହିଥିଲା, ହଠାତ୍ କାହାର ଡାକରେ ତାର ଜଡ଼ ପିଣ୍ଡରେ ପ୍ରାଣ ସଞ୍ଚାର ହେଲା !

ପୁଣି ତାକୁ ପଚରାଗଲା—

“ତୋର ଗାଁ କେଉଁଠି ବାବୁ ? ଭୁଲି ଯାଇଚୁ ?”

ବେଣୁଧର ସେଇପରି ଚାହିଁ ରହିଲା ।

ତା'ପରେ, ପ୍ରଶ୍ନ ପଚାରୁଥିବା ବ୍ୟକ୍ତି ଧୀରେ ଧୀରେ ତା ପାଖକୁ ଲାଗି ଆସିଲେ । ଗୋଟିଏ ଶୀତଳ କୋମଳ ହାତର ସ୍ପର୍ଶ ତା' ପିଠିରେ ଲାଗିଲା । ପିଠିର କାମିଜ୍, ଦେହର ଚମ, ଚମ ତଳର ରକ୍ତ ମାଂସ ହାଡ଼ ଭେଦ କରି ସତେ ଅବା ସେହି ସ୍ପର୍ଶ ବେଣୁଧରର କେଉଁ ଅନ୍ତର ଭିତରେ ବାଜିଲା । ତାର ଦେହ ଶୀତେଇ ଉଠିଲା । ତାର ଆଖିପତା ଥରିଲା । ଆଖି କ୍ରମେ ଓଦା ହୋଇ ଆସିଲା । ତା' ପରେ, ଦୁଇ ଟୋପା ଲୁହ ନିଗିଡ଼ି ତଳେ ପଡ଼ିଗଲା । ସେ କଣ କହିବ ବୋଲି ଚେଷ୍ଟା କଲା, ଓଠ କୋଣ ଥରି ଆସିଲା ।

ସେ ବ୍ୟକ୍ତି ପଚାରିଲେ—

"ଗୃହଲ ନେଇଚୁ ବାବୁ ?"

"ନା" ଏତିକି କେବଳ ସେ କହିଲା ।

"ନେବୁ ?"

"ନା, ମୁଁ ନେବାକୁ ଆସି ନାହିଁ ।"

"ଆଉ ତେବେ—?"

ବେଣୁଧର ଆଉ ସମ୍ଭାଳି ପାରିଲା ନାହିଁ । ଭେଁ କରି କାନ୍ଦି ଉଠିଲା । ଏତିକି କହିଲା—

"ଏଇପରି ଗଛମୂଳେ ଏଇ ଚରଣ ତଳେ ପଡ଼ି ବସି କଥା ଶୁଣିଥିଲି—

"ଜୀବନ ଥିଲେ ଭାଇ ପାଇବା ନାହିଁ ହାଣ

ମଣିଷ ପରି ଦିନେ ମଣିଷ ହୋଇବା ତ ।"

ଏତିକି କହି ବେଣୁଧର ଲୁଚି ଗଲା ପରି ସେଇ ପାଦ ତଳେ ପଡ଼ିଗଲା ।

ତା ପରେ—ତା ପରେ ଅନେକ କ୍ଷଣ ବିତିଗଲା । ବସିପଡ଼ିଥିବା ବେଣୁଧରର ମୁଣ୍ଡରେ ହାତ ଦେଇ ସେଇ ଶାନ୍ତ ଉଦାର ମହାପୁରୁଷ ଦୂରରେ ଖୁବ୍ ଦୂରରେ—ସୁଦୂର ଦିଗ୍‌ବଳୟ ସୀମାରେ ଚକ୍ଷୁ ସ୍ଥିର ରଖି ଅନେକ କ୍ଷଣ ଠିଆ ହେଲେ । ଦୁଇଧାର ଅଶ୍ରୁ ତାଙ୍କର କୃଷ୍ଣୋଜ୍ଜ୍ୱଳ ଶ୍ମଶ୍ରୁ ମଣ୍ଡଳରେ ବିନ୍ଦୁ ବିନ୍ଦୁ ହୋଇ ଖସୁଥିଲା । ଆଖି ମୁଦି ହୋଇ ଯାଇଥିଲା । ଯେତେବେଳେ ସେ ଆଖି ଫିଟାଇଲେ, ଦେଖିଲେ ସ୍ୱେଚ୍ଛାସେବକ ତାଙ୍କୁ ଡାକୁଛନ୍ତି, ବେଣୁଧର ପଥର ପରି ତଳେ ପଡ଼ିଛି । ତାଙ୍କ ମୁହଁରୁ ପଦେ କଥା ବାହାରିଲା—
"ଏ ଜାତି ଏବେ ମଧ୍ୟ ବଞ୍ଚିଛି ।"

# ପଟନାୟକେ, ପଇସାଟିଏ

ଆସିକା ବସ୍ ଷ୍ଟାଣ୍ଡରେ ବସ୍ ରହିବା ସଙ୍ଗେ ସଙ୍ଗେ ଶବ୍ଦ ଶୁଣାଗଲା—

ପଟନାୟକେ, ପଇସାଟିଏ !

ଅନବରତ ଘଡ଼ ଘଡ଼, ଦମ୍ ଦମ୍, ଭଁ ଭଁ ଶବ୍ଦ ଶୁଣି ଶୁଣି କାନ ତାବଦା ହୋଇ ଯାଇଥିଲା, ମନ ତିକ୍ତ ହୋଇ ଉଠିଥିଲା । ଧୂଳିପୂର୍ଣ୍ଣ ରାଜରାସ୍ତା ଉପରେ ବସ ରହିବା ସଙ୍ଗେ ସଙ୍ଗେ ହଠାତ୍ ଘୋର ପରିବର୍ତ୍ତନ ଘଟିଲା ସେ କର୍କଶ ରୁକ୍ଷ ଶବ୍ଦ ସ୍ଥାନରେ ଗୋଟିଏ କରୁଣ କଣ୍ଠର କ୍ଷୀଣ ସ୍ୱର ଶୁଣାଗଲା—

ପଟନାୟକେ, ପଇସାଟିଏ !

ସମୟଟା ବସନ୍ତ କାଳ । ସେ ବସନ୍ତ ସମୟରେ କବିକଳ୍ପିତ କାବ୍ୟ କବିତାର କୋକିଲ କେଉଁ ଶ୍ୟାମଳ ବନ ଗହ୍ୱଳରେ ଅମୃତ ଢାଳୁଥିବ କେଜାଣି, ସେତେବେଳେ ଆସିକା ନିକଟରେ କୋକିଳର ସ୍ୱର ଶୁଣାଯାଉ ନଥିଲା । ଏକମାତ୍ର ଶବ୍ଦ ଜଣାପଡ଼ୁଥିଲା—

ପଟନାୟକେ, ପଇସାଟିଏ !

ଲୋକେ ବସ୍‌ରୁ ଓହ୍ଲାଇଲେ, ବସ୍‌ରେ ବସିଲେ । ଲୋକେ ପଇସା ଗଣିଲେ, ଟିକେଟ ଆଣିଲେ । କିନ୍ତୁ ସେହି କରୁଣ କୋମଳ ସ୍ୱରଟିର କିଛି ହେଲେ ପରିବର୍ତ୍ତନ ଘଟିଲା ନାହିଁ । ବରଂ ସେଥିରେ ଟିକିଏ ଲୁହ ରସାଣି ଦେଇ ଆତୁର ବିକଳ ସ୍ୱରରେ କୁଆଡ଼ୁ ହୃଦୟ ଭିତରେ ପ୍ରତିଧ୍ୱନି ଉଠିଲା—

ପଟନାୟକେ, ପଇସାଟିଏ !

ସମସ୍ତେ ଭୁଲି ଗଲେ, ସମସ୍ତେ ମୁହଁ ଫେରାଇ ଆଣିଲେ; କିନ୍ତୁ ସ୍ୱରଟି ଯାହା କଣ୍ଠରୁ ବାହାରି ଆସି ପାଖ ଶହେ ଦୁଇଶହ ଗଜ ପରିମିତ

ଧରଣୀକୁ କରୁଣାର୍ଦ୍ର କରୁଥିଲା, ସେ ସମସ୍ତଙ୍କ ମୁହଁକୁ ଖାଲି ବୁଲି ବୁଲି ଗୁହିଁ ଗୁହିଁ ଏକାପରି କହୁଥିଲା—

ପଟ୍ଟନାୟକେ, ପଇସାଟିଏ !

ପଟ୍ଟନାୟକେ କାହାନ୍ତି ? ପଇସା କାହିଁ ? ଏ ସ୍ୱରର କେହି ଉତ୍ତର ଦେଲେ ନାହିଁ । କେବଳ ଖଣ୍ଡେ ମାତ୍ର ଛିଣ୍ଡା କନା ଅଣ୍ଟାରେ ଗୁଡ଼ାଇ ଦେଇ, ସଂସାରକୁ ନିଜର ବୁକୁ ହାଡ଼ ଗଣିବାକୁ ଦେଖାଇ ଦେଇ ସେ ଲୋକଟି ଏକା ପରି କହିବାରେ ଲାଗିଲା—

ପଟ୍ଟନାୟକେ, ପଇସାଟିଏ !

ପାଦ ତାର ଭୂଇଁରେ ଥିରହୋଇ ପଡ଼ୁ ନ ଥିଲା, ଆଖି ତାର ଭଲ ହୋଇ ଦିଶୁ ନଥିଲା । ସେ ନିଜେ ସଂସାରରେ ଅଛି କି ନାହିଁ ବୋଧହୁଏ ଜାଣି ପାରୁ ନ ଥିଲା । ତଥାପି ପ୍ରାଣରେ କି କ୍ଷୀଣ ଆଶା ବହି ଶୁଖିଲା ଓଠକୁ କ୍ଷୀଣ ସ୍ୱର ଉଠାଉଥିଲା—

ପଟ୍ଟନାୟକେ, ପଇସାଟିଏ !

ସେ ରଥଙ୍କୁ ଗୁହିଁ ମାଗିଲା, ମିଶ୍ରଙ୍କୁ ଗୁହିଁ ମାଗିଲା । ରଥେ ମିଶ୍ରେ ମୁହଁ ବୁଲାଇ ଦେଲେ । ଦାସଙ୍କୁ କହିଲା—'ପଟ୍ଟନାୟକେ,' ଦାସେ ଚଡ଼ିଉଠିଲେ । ପଧାନେ ବସିଥିଲେ ମୁଣ୍ଡରେ ପଗଡ଼ି ଭିଡ଼ି । ସେ ବୋଧହୁଏ "ପଧାନ" ଡାକ ଶୁଣିଥିଲେ ପଇସାଟିଏ ଦେଇଥାନ୍ତେ । ପଟ୍ଟନାୟକ ଶବ୍ଦ ତାଙ୍କୁ ବିଗିଡ଼ାଇ ଦେଲା । ପାଲେ ବସିଥିଲେ ଆଗ ଆସନରେ । ସେ ରାଗି ଉଠିଲେ । ତଥାପି ସେହି ଭରଣ ଜଣ ଯାତ୍ରୀଙ୍କ ପାଖରେ ସେ ଲୋକଟି ଜନଶହି ଥର 'ପଟ୍ଟନାୟକ' ଶବ୍ଦ ଉଚ୍ଚାରଣ କରି ପଇସାଟିଏ ପଇସାଟିଏ ବୋଲି ମାଗିଗଲା । କିଏ କହିଲା – ତାର ଏଟା ଅଭ୍ୟାସ, କିଏ କହିଲା—ଏଟା ପାଗଳ, କିଏ ବା କହିଲା – ଗଞ୍ଜେଡ଼ି, ଆପୁଆ, ଗୁଲିଆ । ସେ ସବୁ ଶୁଣିଲା, ତଥାପି ପ୍ରତିବାଦ କଲା ନାହିଁ । ସେ ତିରସ୍କାର ପାଇଲା, ତଥାପି ଆଖିରୁ ଲୁହ ଗଡ଼ାଇଲା ନାହିଁ । ଗାଳି ଶୁଣିଲା, ପାଦ ପଛକୁ ଘୁଞ୍ଚାଇଲା ନାହିଁ ।

ତା ହାତକୁ ଛୁଇଁଲା ପରେ ଅଣିଟିଏ ମୁଁ ବଢ଼ାଇ ଦେଇ କହିଲି, "ଆରେ ଏ, ପଟ୍ଟନାୟକେ କଏ ?"

ସେ ଅଣିଟିକି ହାତରେ ଧରି ଆଖି ପାଖକୁ ନେଇ ଟିକିଏ ନିରେଖି କହିଲା—"ହଁ, ପଇସାଟିଏ । ଦେଲ, ଭଲ କଲ । ନେଇ ତ ଥିଲ, ଦିଅନ୍ତା କିଏ ?"

ମୁଁ ଅବାକ୍ ହୋଇଗଲି । କ୍ଷଣେ ନୀରବ ରହି ପଚାରିଲି—"ନେଇଥିଲି କେବେ ?"

ମୁହଁକୁ ସେ ଟିକିଏ ଉପରକୁ ଟେକି, ଦମ୍ଭରେ ରହି କହିଲା ପରି କହିଲା—"କେବେ, ପାଞ୍ଚ ବର୍ଷ ତଳର କଥା ଭୁଲିଗଲ ? ସେଇ ଯେ ବାଲିପଦର ଗାଁର ପକାଘର ଖଣ୍ଡିକ, ସେ ଘରେ କଣ ଆଉ ରଘୁ ସୁବୁଦ୍ଧି ଅଛି ? ସେ ଆଣିଥିଲା ତମଠୁଁ ମୋଟେ ପଚିଶ ଟଙ୍କା ।"

ଏତିକି କହି ଭିକାରୀଟି ଟିକିଏ ଥକ୍କା ହୋଇଗଲା । ବୋଧହୁଏ ତାର ଦମ୍ ପାଇଲା ନାହିଁ । ମୁଣ୍ଡରେ ତାର କ୍ଷୀଣ ଝାଳବିନ୍ଦୁ ଦେଖାଗଲା । ଟିକିଏ ଆଖି ମୁଦି ରହି ପୁଣି କହିଲା—

"ହଁ, ପଚିଶ ଟଙ୍କା । ତା ପରେ·····ପାଞ୍ଚବର୍ଷ ପରେ ପା···ଞ୍ଚ···ଶ···ଟ···ଙ୍କା···।" ସେ କେବଳ ମୁହଁକୁ ବୋକାଙ୍କ ପରି ଚାହିଁ ରହିଲା ।

ବସ୍ ଡାକିଲା—ଭିଁ··ଭିଁ··ଭିଁ, ଫଟ୍··ଫଟ୍···ଫଟ୍··

ସତେ ଯେପରି ବସ୍‌କୁ ମୋ ଜୋରରେ ମୁଁ ଅଟକାଇ ତା କଥା ଶୁଣିବି ଭାବି ପିଣ୍ଡି ତଳେ ଗଦାକ ମାଡ଼ି ବସିଲି । ସେ କହିଲା—ହଁ, ହଁ, ପାଞ୍ଚଶ ଟଙ୍କା । ବିଲ ବାଡ଼ି, ଘରଦ୍ୱାର ସବୁ··ଦାଣ୍ଡରେ ବୁଲି ଭିକ ମାଗୁଛି । ତମକୁ ଖୋଜୁଥିଲି··

ବସ୍ ଧୀରେ ଧୀରେ ଚାଲିଲା । ମୁଁ ମୁହଁ ବଢ଼ାଇ ପଛକୁ ଚାହିଁଲି । ବସ୍ ଚାଲିଲା—ଫଟ୍··ଫଟ୍··ଫଟ୍ । ମତେ ଶୁଭିଲା—ପଟ୍ଟନାୟକେ, ପଟ୍ଟନାୟକେ, ପଟ୍ଟନାୟକେ ।

ଏ ଘଟଣାର ଠିକ୍ ଦେଢ଼ବର୍ଷ ପରେ ଅନେକ ଥର ସେ ବାଟେ ଗଲି; କିନ୍ତୁ 'ପଟ୍ଟନାୟକ' ଡାକ ସେପରି ଆଉ ଶୁଣିଲି ନାହିଁ । କେତେ କାନେଇଲି, କେତେ କାହାକୁ ଭୁଲରେ ଅପେକ୍ଷା କଲି, ପଇସାଟିଏ କାହା ଝୁଲିରେ ପକାଇଲି, ପକାଇ କେତେ ଥର ସନ୍ଦେହରେ ନାଁ ପଚାରିଲି; କିନ୍ତୁ ଦେଢ଼ବର୍ଷ ତଳର ସେହି ବ୍ୟାକୁଳ ପ୍ରାଣର "ପଟ୍ଟନାୟକ" ଶବ୍ଦଟି ଆଉ ଶୁଣିଲି ନାହିଁ । ଦେଢ଼ବର୍ଷ ପରେ ଆସିକା ବସ୍ ଷ୍ଟେସନରେ ଆଉ ଗୋଟିଏ ଭିକାରି ସହିତ ଦିନେ ସାକ୍ଷାତ ହେଲା । ଦେଢ଼ବର୍ଷ ତଳେ ଜଣେ ମାଗୁଥିଲା ପଇସା, ଦେଢ଼ବର୍ଷ ପରେ ଏ ଯାଚୁଥିଲା ପଇସା । ଭିକାରି, ସେ ପୁଣି ଯାଚିବ ପଇସା ! ତା ହାତରୁ ନେବ କିଏ ? କେହି—କିଅନ୍ତୁ ନାହିଁ, କେବଳ ଦୁଃଖ କରି କହନ୍ତି—"ଆହା, ଭାଗ୍ୟ ଇମିତି କରିଏ । ବସି ଖାଇଲେ ଯେ ସାତ ଜନ୍ମ ଖାଇବ, ସେ ଆଜି ଇମିତି । ପଟ୍ଟନାୟକେ ପାଗଳ ହୋଇଗଲେ । ପଟ୍ଟନାୟକେ ପାଗଳ ନ ହେବାକୁ ବାଟ କାହିଁ ? କେତେ ଲୋକର ତ ତୋଟି ଚପିଥିଲେ, ତାଙ୍କର ଭୂତ ଏବେ ସ୍ୱାଙ୍କ ତୋଟି ଧରି ବାୟା କରେଇ ଦେଇଚି ।" ଆଉ କିଏ କହେ—"ଦେଖି ନ, ସୁବୁଦ୍ଧି ପରି ସ୍ୱାଙ୍କର ହେତୁ ବାୟା ହେଲା ଯେ, ଆଉ ଘରକୁ ଫେରିଲା ନାହିଁ । ସ୍ୱାଙ୍କୁ ଖୋଜି ଖୋଜି ସେ ସଂସାର ବୁଲୁଚି, ଆଜି ପୁଣି ଏ ତାକୁ ଖୋଜି ଖୋଜି ବାୟା । ସଂସାର ଯେ ଆତଯାତ କରିଉଚି, ସେ କରେଇଚି ସ୍ୱାକୁ ।"

ପଟ୍ଟନାୟକ ନାଁ ଶୁଣି ମୋ ମନରେ ଦକା ପଶିଗଲା । ମୁଁ ତାର ହାତ ଆଡ଼କୁ ହାତ ପାତି ଦେଲି । ସେହି ଜରାଜୀର୍ଣ୍ଣ ଭିକାରିଟି ମୋ ହାତକୁ ଭରତରରେ ପଇସାଟି ପକାଇ ଦେଇ ହାତଟାକୁ ଧରିପକାଇଲା । ତା'ପରେ ପାଗଳ ପରି ହସି ହସି କହିଲା—"ଦେଖା ହେଲା, ଦେଖା ହେଲା । କିଛି ନେଇ ନାହିଁ, ସବୁ ରଖି ଦେଇଚି, ସୁବୁଦ୍ଧି ଯାଉଚି କୁଆଡ଼େ ?"

କେତେବେଳେ ବସ୍ ଛୁଟିଲା, ଜାଣେ ନାହିଁ । କେତେବେଳେ ମୋ ହାତ ତା ହାତରୁ ଅଲଗା ହେଲା ଜ୍ଞାନ ନାହିଁ । ମୋ ଗନ୍ତବ୍ୟ ସ୍ଥଳ ସେଠାରୁ ପ୍ରାୟ ପଚିଶ ମାଇଲ ଦୂରରେ । ବସ୍‌ରୁ ଓହ୍ଲାଇ ଘରଆଡ଼କୁ ଚାହିଁଲି । ଦେଖିଲି ମୋର ବୁକୁ ଭିତରେ ଦେଢ଼ବର୍ଷ ତଳର ସୁବୁଦ୍ଧି ଓ ଘଣ୍ଟାକ ତଳର ପଟ୍ଟନାୟକ ପରସ୍ପରକୁ ଚିହ୍ନି ପାରିଛନ୍ତି । ଦେଖିଲି ଜଣେ ହତାଶ ପ୍ରାଣରେ ଚାଲିଯାଉଚି, ଜଣେ ଅନୁତାପରେ ତାକୁ ଟାଣି ଧରୁଚି । ଦୁଇଟି ବ୍ୟଥାତୁର ପ୍ରାଣ ସମାନ ତାଳରେ ମୋ ଭିତରେ ନୃତ୍ୟ ଆରମ୍ଭ କରିଛନ୍ତି । ତା ପରେ ଦଶିଲି—ପାହାଡ଼, ପର୍ବତ, ଜନସ୍ରୋତ, ହାଟ, ବଜାର; କିନ୍ତୁ ସୁବୁଦ୍ଧି ଓ ପଟ୍ଟନାୟକ କାହାନ୍ତି ?

ଧନଧାନ୍ୟପୂର୍ଣ୍ଣ ବସୁନ୍ଧରାର ଗୋଟିଏ ଧନୀ ଓ ଗୋଟିଏ ଗରିବର ନିଷ୍ଠୁର ଖେଳ, ଗୋଟିଏ ମହାଜନ ଓ ଗୋଟିଏ ଖାତକର ନିର୍ମମ ଲୀଳାର ଇତିହାସର ପୃଷ୍ଠାଏ ଏ । ସେ ଅତ୍ୟାଚାରୀ ଓ ଅତ୍ୟାଚାରିତର ଭଙ୍ଗୁର ଶରୀର କୁଆଡ଼େ ଧୂଳି ହୋଇଗଲାଣି; ତଥାପି ସେ କରୁଣ ଧ୍ୱନି ମୋ ହୃଦୟରେ ବେଳେ ବେଳେ ପ୍ରତିଧ୍ୱନିତ ହେଉଛି—ପଟ୍ଟନାୟକେ, ପଇସାଟିଏ !

# ଏ ମଣିଷକୁ ପଥର କଲା କିଏ ?

ଧ୍ୟାନମଗ୍ନ ଋଷି ପରି କେତେ ଯୁଗରୁ ଯେ ପାହାଡ଼ଟା ଠିଆ ହୋଇଛି, ତାର ଇତିହାସ କେହି ଜାଣନ୍ତି ନାହିଁ । କେବେ ପ୍ରଥମେ ପାହାଡ଼ ଉପରେ ପଥର ଜମାଟ ବାନ୍ଧିଲା, କେବେ ପ୍ରଥମେ ତାର ତରୁଲତା ଦେହରେ ଶ୍ୟାମଳ ପତ୍ର ଦେଖା ଦେଲା, ଫୁଲ ଫୁଟି ହସିଲା, ସେ କଥା ମଧ୍ୟ କେହି କହିପାରିବେ ନାହିଁ । ସେ ଭିତରେ ବଣ ଜନ୍ତୁ ବସା ବାନ୍ଧି ରହିଲେ, ପକ୍ଷୀ ଗୀତ ଗାଇଲେ, ବର୍ଷା ତାର କପାଳ ଧୋଇଦେଲା, ସୂର୍ଯ୍ୟ ଚନ୍ଦ୍ର ତାରା କେତେବେଳେ କେତେ ବେଶ ତାକୁ ପିନ୍ଧାଇ ଦେଲେ—ସେ କଥା ପାହାଡ଼ କେବଳ ଜାଣେ ।

ଏହି ହେଉଛି ମଧୁପୁର ଗଡ଼ ପର୍ବତର ଅତି ଗୋପନୀୟ କଥା । ଏ କଥା କେହି ଜାଣି ନାହାନ୍ତି କି କେହି ଜାଣିପାରିବେ ନାହିଁ ମଧ୍ୟ ।

ଏହାପରେ ଯାହା ଘଟିଲା ତାହାହିଁ କୁହାଯାଉଛି ।

ପାହାଡ଼ ତଳ ଜଙ୍ଗଲ—ଦିଗ୍‌ଦିଗନ୍ତ ଧରି ତାର ସୀମା କେତେଦୂର ଯେ ବ୍ୟାପି ରହିଛି, ତାର ଠିକଣା ନାହିଁ । ସୃଷ୍ଟି ଆଦ୍ୟରୁ କେବେ ସେଠାରେ ମାନବର ପାଦ ପଡ଼ିଥିଲା କେଜାଣି, ମାତ୍ର ହଠାତ୍ ଦିନେ ଚମକ ବଜାଇ କେତେ ଜଣ ଲୋକ ଆସି ପାହାଡ଼ ତଳଟାକୁ ମାପିଦେଇ ଗଲେ । ବଣଜନ୍ତୁ ଚମକି ଉଠିଲେ··· ଗଛ ପତ୍ର ପବନରେ ଡାଳି ଡାଳି କି ଅବ୍ୟକ୍ତ ଭାଷାରେ କୁହାକୁହି ହେଲେ—"ଏ ରାଜ୍ୟରେ ପୁଣି ଏ କଣ ?"

କିଛି ଦିନ ଗଲା । ଦେଖୁ ଦେଖୁ ମୂକ ଜଡ଼ ତରୁଗୁଡ଼ାକ କାଠୁରିଆର ପ୍ରଚଣ୍ଡ କୁଠାରାଘାତରେ ବନଭୂଇଁକୁ ଭସ୍ମସାତ୍ କରି ଦେଇ ଗୋଟିକ ପରେ ଗୋଟିଏ ଢଳି ପଡ଼ିଲେ । ଅଳ୍ପ କେତେ ଦିନ ଭିତରେ ପାହାଡ଼ ତଳର ଭୀଷଣ ଦୁର୍ଭେଦ୍ୟ ଜଙ୍ଗଲ ଏକ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ପରିଣତ ହେଲା । ଉଦ୍‌ଭିନ୍ନଯୌବନା ବାଳବିଧବାର ଶାନ୍ତସ୍ନିଗ୍ଧ ବେଶଟି ପରି ଶ୍ୟାମଳ କୋମଳ ଲତା ପଲ୍ଲବରେ ତାହା ବିଚିତ୍ର ଶ୍ରୀ ଧାରଣ କଲା । ବନ ରାଜ୍ୟରେ ହାହାକାର ପଡ଼ିଗଲା—

ମାନବର ଅତ୍ୟାଚାର !

ମାନବର ଅତ୍ୟାଚାର ! !

ଦେଖୁ ଦେଖୁ ମାନବର ଅତ୍ୟାଚାର ଭୀଷଣରୁ ଭୀଷଣତର ହେଲା । ସେ ରାଜ୍ୟରେ କାହାର ଡାଳ ହଣା ହେଲା, କାହାର ମୂଳ ଉଡ଼ା ଗଲା, କାହାର ବା ସୁ ଣ୍ଡ କାଟି ତାକୁ ଶ୍ରୀହୀନ ଥୁଣ୍ଟା ଆକାରରେ ଛାଡ଼ି ଦିଆଗଲା । ଖାଲି ସେତକ ନୁହେଁ, ଜଙ୍ଗଲବାସୀ ଜୀବଗଣଙ୍କୁ ଗୁଳି, ଶର, ଫାଶ୍ରା ବଳରେ ଲୋପ କରିବାର ଚେଷ୍ଟା ହେଲା ।

ପାହାଡ଼ ସବୁ ଦେଖିଲା, ସବୁ ସହିଲା; ମାତ୍ର ମୂକ ସେ—କରିବ କଣ ?

ଏହା ପରେ······ପର୍ବତର ବୁକୁଭିତରକୁ ଲୁହାର ଶାବଳ ଭର୍ତ୍ତିକରି ତାକୁ ଖଣ୍ଡ ଖଣ୍ଡ କରିବାର ଉଦ୍ୟମ ହେଲା । ଗୋଟା ଗୋଟା ପଥର, ଶଗଡ଼ ଶଗଡ଼ ରଙ୍ଗମାଟି, କେତେ ଗୋଡ଼ି, କେତେ ମାଟି ଧୂଳି ଦିନକୁ ଦିନ ପାହାଡ଼ତଳି ଅଞ୍ଚଳକୁ ବୁହାହୋଇ ଆସିଲା । ସବୁଆଡ଼େ ସ୍ପଷ୍ଟ ହେଲା—ନଅର ତୋଳା ହେବ, ନଅର ତୋଳା ହେବ !

ଏଥିରେ ବନବାସୀ ଜୀବଜନ୍ତୁ, ତରୁଲତାଙ୍କର ଦୁଃଖର ସୀମା ନାହିଁ; ପୁଣି ଅତ୍ୟାଚାରରେ ତ ମାନବଜାତିର ଆନନ୍ଦର ସୀମା ନାହିଁ । ସୃଷ୍ଟିର ଏହି ଭଙ୍ଗାଗଢ଼ା ଲୀଳା ଭିତରେ ସ୍ୱର୍ଗର ଦେବତା ବା ନରକର ପିଶାଚ ତୃପ୍ତି ଲାଭ କରିଥିବେ, କହି ହେଉ ନାହିଁ ।

ଏହିପରି ଚାଲିଲା······

କେତେ ଦିନ ଚାଲିଲା ଠିକ୍ ନାହିଁ ।

ରାଜାନଅର ତୋଳା ହେଲା । ପର୍ବତର ବୁକୁ ଫଟାଇ ପଥର କଟା ହେଲା, ସୁନ୍ଦର ଆବାସ—ସେ ଭିତରେ ଦୀପମାଳା, ସେ ଭିତରେ ଅପୂର୍ବ ସାଜସଜ୍ଜା, ସେ ଭିତରେ ବିଳାସପ୍ରିୟ କୀର୍ତ୍ତିଲିପ୍ସୁ ମାନବଗଣ ! ଆଉ

କଣ ? ସେ ଭିତରେ ରାଜା ରହିଲେ, ସେ ଭିତରେ ରାଣୀ ରହିଲେ । କେତେ ଆନନ୍ଦ ଉତ୍ସବ,କେତେ ବାଇଦ ବାଜଣା,·····ମର୍ତ୍ତ୍ୟର ମରୁଭୂମିରେ ସ୍ୱର୍ଗର ଅମରାବତୀର ଛାୟା ପଡ଼ିଲା ।

ଏହାର ନାଁ ହେଲା ମଧୁପୁରଗଡ଼, ଆଉ ଏହି ପର୍ବତଖଣ୍ଡକର ନାଁ ହେଲା "ଗଡ଼ପର୍ବତ !"

ଜଙ୍ଗଲ କାଟି, ପାହାଡ଼ ଭାଙ୍ଗି ଗଡ଼ ସିନା ତିଆରି ହେଲା, ସେ ଭିତରେ ମାନବର ଲୀଳାଖେଳା ସିନା ଚାଲିଲା; ମାତ୍ର ଗଡ଼ କାମ ଶେଷ ହେଲା ନାହିଁ । ପୁଣି ଘର, ପୁଣି ପାଚେରି, ପୁଣି ଦେବମନ୍ଦିର......ପ୍ରସ୍ତାବ ପରେ ପ୍ରସ୍ତାବ, କଳ୍ପନା ପରେ କଳ୍ପନା—ଏସବୁ ରାଜକଳ୍ପନାକୁ କିଏ କଳନା କରିବ ?

ଗଡ଼ରେ ପ୍ରଜା ରହିଲେ, ଉଆସ ଭିତରେ ରାଜା ରହିଲେ, ମାତ୍ର ସେହି ଦରଭଙ୍ଗା ପାହାଡ଼ଟା ଭିତରେ କିଏ ରହିଲା; ସେ କଥା କେହି ହେଲେ ଦିନେ ବିଚାରିଲା ନାହିଁ ।

ଜଙ୍ଗଲ ଥିଲା-ଗଡ଼ ହେଲା, ପାହାଡ଼ ଥିଲା ତାର ବୁକୁ କଟା ହେଲା, ରାଜା ଆସିଲେ—ରାଜା ଗଲେ; ତଥାପି ଗଡ଼ରେ ଘର ତୋଳାର ବିରାମ ହେଲା ନାହିଁ । ବୁଢ଼ାରାଜା ମଲେ, ଯୁବରାଜ ରାଜ ସିଂହାସନରେ ବସିଲେ, ପୁରୁଣା ଦେବାନ୍ ଯାଇ ନୂଆ ଦେବାନ୍ ହେଲେ, ଏ ବର୍ଷ ଯାଇ ଆରବର୍ଷ, ତା ଆର ବର୍ଷ ଏହିପରି କେତେ ବର୍ଷ କଟିଗଲା; ମାତ୍ର ଗଡ଼ ପର୍ବତର ବୁକୁ ଯେପରି ଭାବରେ ଫଟା ଯାଉଥିଲା ସେହିପରି ଫଟାଗଲା । ସେହିପରି ସକାଳୁ ସନ୍ଧ୍ୟାଯାଏ ହାତୁଡ଼ିର ଠକ୍ ଠକ୍ ଶବ୍ଦ, ପଥର ଗଡ଼ାର ଘଡ଼ ଘଡ଼ ଶବ୍ଦ ବରାବର ଶୁଣାଗଲା; ମାତ୍ର ରାଜା ଦିନେ ହେଲେ ପଚାରିଲେ ନାହିଁ—କିଏ ସେ ପଥର କାଟୁଛି, କିଏ ବା ସେ ପଥର ଗଡ଼ାଇ ଗଡ଼ବାସୀଙ୍କୁ ଚମକାଇ ଦେଉଛି !

ଭୀମ ଧାଙ୍ଗ ଜନ୍ମରେ ମନୁଷ୍ୟ, ଜାତିରେ ଚଷା, ବ୍ୟବସାୟରେ ପଥରକଟା । ବୟସ ତାର ଅଶୀକି ପାଖାପାଖି । ଘର ତାର ଜଙ୍ଗଲ, ଖାଦ୍ୟ ତାର ଜଙ୍ଗଲର ଫଳମୂଳ ।

ଭୀମ ଦାସର ଇତିହାସ ସଙ୍ଗେ ମଧୁପୁର ଗଡ଼ର ଇତିହାସର ଏତେ ସମ୍ପର୍କ ଯେ ଗଛରୁ ଡାଳ ପତ୍ର ବକଳା କାଢ଼ି ତାକୁ ଗଛ ବୋଲି କୁହାଯାଇ ପାରେ; ମାତ୍ର ଭୀମ ଦାସକୁ ବାଦ୍ ଦେଲେ ମଧୁପୁର ଗଡ଼ର ଇତିହାସ କଳ୍ପିହେବ ନାହିଁ ।

ଯେଉଁଦିନ ଜଙ୍ଗଲ ଭିତରେ ବନ୍ୟଜନ୍ତୁଙ୍କୁ ଭୟତ୍ରସ୍ତ କରି ସର୍ବପ୍ରଥମେ ରାଜ ଟମକ ବାଜିଲା, ସେହି ଦିନ ଭୀମ ଦାସ ଟମକ କାଠି କାଟି ଟମକଦିଆ ହାଡ଼ି ହାତକୁ ବଢ଼ାଇଥିଲା । ତା'ପରେ ଗଛ କଟା ହେଲା । ଭୀମ ଦାସର ପ୍ରଥମ ଚୋଟ ଗଛ ଦେହରେ ବାଜିଥିଲା, ପ୍ରଥମ ପଥରଖଣ୍ଡ ସେ ତାଡ଼ିଥିଲା । ମଧୁପୁର ଗଡ଼ ପର୍ବତର ଅନ୍ଧାରିଆ ଗହ୍ୱର ଭିତରେ ପ୍ରଥମ ମାନବ ସ୍ୱର ସେହି ଭୀମ ଦାସ କେବଳ ଶୁଣାଇଥିଲା । ସେ ସେହିଠାରେ ପ୍ରଥମେ ହସିଥିଲା, ସେହିଠାରେ ପ୍ରଥମେ ଗୀତ ବୋଲିଥିଲା । ତାକୁ ସେଠାରେ ମାନବ କୁହାଯାଇ ପାରେ, ପଥର କୁହାଯାଇ ପାରେ, ତରୁ ଲତା କୁହାଯାଇ ପାରେ— ଏପରି କି ପର୍ବତ ଭିତରେ ସେ ଏକ ପର୍ବତ ବୋଲି ମଧ୍ୟ କୁହାଯାଇ ପାରେ ! !

ରାଜପୁରୀ, ଦେବମନ୍ଦିର, କଅର, ନିଆସ, ବିହାର, ଉଦ୍ୟାନ କୌଣସିଠାରେ ଏପରି ଖଣ୍ଡିଏ ହେଲେ ପଥର ନାହିଁ, ଯେଉଁଥିରେ କି ଭୀମ ଦାସର ହାତ ବାଜି ନାହିଁ । ପ୍ରତି ପଥର ଖଣ୍ଡ ସେ ନିଜର ହତିଆର ସାହାଯ୍ୟରେ ତାଡ଼ିଛି । ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଧରି ଦୀର୍ଘ ଷାଠିଏ ବର୍ଷକାଳ ଖରା ସହି, ଶୀତ ଭୋଗି, ବର୍ଷା ଖାଇ ସେ ପର୍ବତକୁ ରମଣୀୟ ନିଆସରେ ପରିଣତ କରିଛି—ଅକର୍ମା ଶିଳାକୁ ଅଭିନବ ବେଶରେ ସଜାଇ ପାରିଛି । ଆଉ ସେ ନ କରିଛି କ'ଣ ?

ଏହି ଦୀର୍ଘ ଷାଠିଏ ବର୍ଷ ଭିତରେ କେତେ ଲୋକ ମଧୁପୁର ଗଡ଼ରେ ଜନ୍ମ ହେଲେ, କେତେ ପୁଣି ଜନ୍ମ ଜରା ବ୍ୟାଧିର ସୀମା ପାରହୋଇଗଲେ, କେତେ ବା ବିଳାସ ବିହାରରେ ଲୋକଲୋଚନକୁ ଚମକାଇ ଦେଇ କୁଆଡ଼େ

ଛାଡ଼ିଗଲେ, କେତେ ପୁଣି ଦ୍ୱାରେ ଦ୍ୱାରେ ଭିକ ମାଗି ଅନ୍ଧାର ରାତିରେ ବାଟ ନ ପାଇ ହାହାକାରରେ ଅନାହାରରେ ଅବସ୍ଥାରରେ ଏ ବିଶ୍ୱ-ଜଗତର ସକଳ ସମ୍ବନ୍ଧ ତୁଟାଇ ଦେଇ ଗଲେ......କିନ୍ତୁ ଭୀମ ଦାସ ଏକାପରି ବସିଛି। ସେ ସକାଳୁ ଉଠି ପିଠିକୁ ଖରାକୁ ଦେଖାଇ ଦେଇ ପଥର ଭାଙ୍ଗୁଛି...ଭାଙ୍ଗୁ ଭାଙ୍ଗୁ ବେଳ ବୁଡ଼ି ଯାଉଛି। ପନ୍ଦର ବର୍ଷ ବୟସର ତାର ଘନକୃଷ୍ଣ କେଶଗୁଚ୍ଛ, ଟକ୍‌କଣ ଶରୀର କାନ୍ତି, ଆରକ୍ତ ଅଧର ତଳ, ବିମଳ ଲୋଚନ ଜ୍ୟୋତି, କୋମଳ ବଚନ, ନିରଳସ ଚାଲି, ନିରାଭରଣ ବେଶ ସବୁ କୁଆଡ଼େ ଓଲଟ ପାଲଟ ହୋଇ ଯାଇଛି। ଭୂମିକମ୍ପରେ ପର୍ବତ ସମୁଦ୍ର ହୋଇ ସମୁଦ୍ର ପର୍ବତ ପାଲଟିଗଲା ପରି ଭୀମ ଦାସର ଜୀବନଟା ଏକ ଅଦ୍ଭୁତ ଭାବରେ ବଦଳି ଯାଇଛି। ସେ ଚାହୁଁଛି; କିନ୍ତୁ କିଛି ଦେଖୁନାହିଁ—ସେ କାମ କରୁଛି; କିନ୍ତୁ କିଛି ହେଲେ ଜାଣିପାରୁ ନାହିଁ—ସେ ରାତିରେ ନିଦରେ ଶୋଉଛି; ମାତ୍ର ଯୌବନର ସ୍ୱପ୍ନ ଦେଖୁ ନାହିଁ—ସେ ଦିନରେ ବାଟ ଚାଲୁଛି; ମାତ୍ର କାହାକୁ ପଥ ପଚାରୁ ନାହିଁ।

ଏ ଗଲା ଭୀମ ଦାସର କଥା। ଏଣେ ରାଜଦରବାରରେ ଘୋର ପରିବର୍ତ୍ତନ। ରାଜା ଆସି ରାଜା ଗଲେ-ବୁଢ଼ା ରାଜା ପରେ ଯୁବରାଜ ରାଜଗାଦିରେ ବସିଲେ। ସେଠାରେ ମଧ୍ୟ ପରିବର୍ତ୍ତନର ସୀମା ସ୍ଥିର ରହିଲା ନାହିଁ। ଏତେ ଘନ ଘନ ପରିବର୍ତ୍ତନ ଭିତରେ ଦିନେ ହେଲେ କିଏ ସେହି ପଥରକୋରଡ଼-ବାସୀ ଭୀମ ଦାସ କଥା ମନେ ପକାଇ ନ ଥିଲେ। ଦିନେ ପଥର କଟାର ଠକ୍ ଠକ୍ ଶବ୍ଦରେ ଦରବାର ଭିତରେ ଚମକ ପଡ଼ିଲା, ରାଜାଙ୍କ ପଦ୍ଧତିରେ ବ୍ୟାଘାତ ଲାଗିଲା, ସଙ୍ଗେ ସଙ୍ଗେ ଆଦେଶ ହେଲା—"ଏ ଠକ୍ ଠକ୍ ଶବ୍ଦ ବନ୍ଦ କରାଅ—ବନ୍ଦ କରାଅ।"

ନାଲିପଗଡ଼ି ବନ୍ଧା ହୁଦା ପିନ୍ଧା ପାଇକ ଯାଇ ବନବାସୀ ଭୀମ ଦାସ ପିଠିରେ ଚାବୁକ ଦେଇ କହିଦେଇ ଆସିଲେ—"ପଦ୍ଧତି ବେଳ, ପଦ୍ଧତି ବେଳ—କାମ ବନ୍ଦ କର, ବନ୍ଦ କର!"

ଦିନେ ନୁହେଁ, ଦୁଇଦିନ ନୁହେଁ, ମାସେ ଦି ମାସ ମଧ୍ୟ ନୁହେଁ କେତେବର୍ଷ ଏହିପରି ଚାଲିଲା । ଏହିପରି ନଅର ଭିତରେ ପହୁଡ଼ ହୁଏ ଏହିପରି ପର୍ବତ ଭିତରେ ଶବ୍ଦ ହୁଏ, ପୁଣି ଏହିପରି ମନା ମଧ୍ୟ ହୁଏ— ତଥାପି ପଥର କଟା ବନ୍ଦ ହୁଏ ନାହିଁ ।

ଠିକ୍ ପଚିଶବର୍ଷ ପରେ ଦିନକର ଘଟଣା । ରାଜା ବାହାରିଲେ ପାରଧିକୁ । ବାପା ଯେଉଁ ଜଙ୍ଗଲରେ ପ୍ରଥମେ ପଶିବାକୁ ସାହସ ନ କରି ଟମକ ଦିଆଇ ଗଛପତ୍ର କଟାଇଥିଲେ, ଆଜି ସେହି ଭିତରେ ନିର୍ଭୟରେ ଏକାକୀ ବିଚରଣ କଲେ । ପର୍ବତ ଦେଖିଥିଲା ଦିନେ ସେ ଦୃଶ୍ୟ— ଦେଖିଲା ପୁଣି ଦିନେ ଏ ଦୃଶ୍ୟ ! ସେ ହସିଲା କି କାନ୍ଦିଲା, ଜାଣି ହେଲା ନାହିଁ କେବଳ ପବନର ସାଇଁ ସାଇଁ ଶବ୍ଦରେ ତା ବୁକୁ ଭିତରର କି ଗୋପନ କଥା ସେ ସଂସାରରେ ଶୁଣାଇ ଦେଲା । ସେତେବେଳକୁ ଭୀମ ଦାଶ କିଛି ବାକି ରଖିନାହିଁ; ଏକା ହାତକେ ପର୍ବତର ଦେହଟାଯାକ ଗାତ କରି ପକାଇଛି !

ଗାତ ପରେ ଗାତ, ଗୁହା ପରେ ଗୁହା, କୁଞ୍ଜ ପରେ କୁଞ୍ଜ ପାରହୋଇ ରାଜା କ'ଣ ଖୋଜିବାରେ ଲାଗିଲେ । କ୍ଷୁଦ୍ର ପକ୍ଷୀଟିଏ ସୁଦ୍ଧା ଆଖିରେ ପଡ଼ିଲା ନାହିଁ । କେବଳ ଦୂରରେ ଶୁଭିଲା— ଠକ୍— ଠକ୍— ଠକ୍ !

ରାଜା ସେହି ଶବ୍ଦ ଲକ୍ଷ୍ୟରେ ଯାଇ ଠାଏ ଦେଖିଲେ—ଗୋଟିଏ ପଥର ଗଦା ପାଖେ ଏକ ଅଶୀବର୍ଷର ଅସ୍ଥି ଚର୍ମର ଏକ ଗଦା ସତେ ଅବା ଥୁଅ ହୋଇଛି •••ଭୀମ ଦାସ ଭୀମକର୍ମୀ ବୃକୋଦର ପରି ପଥର ବୁକୁ ଫଟାଇବାରେ ଲାଗିଛି ।

ରାଜା ତା'ର ପଛରେ ଠିଆହେଲେ, ସେ ବୁଲି ଚାହିଁଲା ନାହିଁ । କଡ଼ ବୁଲି ପାଦ ଶବ୍ଦ କଲେ, ଟିକିଏ ହେଲେ ସେ ହଲଚଲ ହେଲା ନାହିଁ । ଆଗରେ ଆସି ଠିଆ ହେଲେ, ମୁଣ୍ଡ ସୁଦ୍ଧା ସେ ଟେକିଲା ନାହିଁ ।

ଶେଷରେ ରାଜା ପଚାରିଲେ—

"ଶୁଣୁଛ ?"

ଭୀମ ଦାସ ମୁହଁ ଟେକିଲା ।
"କ'ଣ କରୁଛ ?"
"ପଥର କାଟୁଛି ।"
"ଏ ବୟସରେ ?"
"ବୟସ କଣ !"
"କେତେ ବର୍ଷ ହେଲା ?"
"ମୁଁ ଜାଣେ ନାହିଁ ।"

ପାଖ ଲୋକେ ପହଞ୍ଚିଗଲେ । ରାଜା ଆଦେଶ ଦେଲେ— "ଏ ଲୋକକୁ ଉଆସକୁ ନେଇ ଚାଲ ।"

ଉଆସ ଭିତରେ ଭୀମ ଦାସ ପାଇଁ ସ୍ୱତନ୍ତ୍ର ଘର ଠିକ୍ ହେଲା । ନୂଆ ଲୁଗା ଅଣାଗଲା; ନୂଆ ଖଟ ତା ପାଇଁ ତିଆରି ହେଲା । ତା' ପାଇଁ ଚାକର ବାକର ରହିଲେ । ତାକୁ ରାଜସମ୍ମାନ ଦେଖାଗଲା ଏବଂ କହି ଦିଆଗଲା—"ଏ ମଧୁପୁର ଗଡ଼ ତୁମର ହାତରେ ତିଆରି । ତୁମେ ଏବେ ବିଶ୍ରାମ ନିଅ ।"

ଭୀମ ଦାସ କିଛି ବୁଝିପାରିଲା ନାହିଁ; ଖାଲି ପଦେ ମାତ୍ର କହିଲା— "ପଥର କାହିଁ ?"

ସେହି ପଳିତକେଶ ଗଳିତଦନ୍ତ ବୃଦ୍ଧର ମୁହଁକୁ ଚାହିଁ ରାଜା କହିଲେ —"ପଥର ! ପଥର କ'ଣ କରିବ ? ଏଇ ଯେ ତୁମର ପଥର ଘର । ଆଉ ପଥର ଲୋଡ଼ା ନାହିଁ ।"

ଭୀମ ଦାସ କଣ ବୁଝିଲା କେଜାଣି, ଭୋ ଭୋ କରି କାନ୍ଦି ଉଠିଲା । ତା' ପରେ ସେହି ଘରର ପଥର ଚଟାଣଟାକୁ କୁଣ୍ଢାଇ ଧରିଲା ପରି ପଡ଼ିଯାଇ କହିଲା—"ପଥର ! ପଥର ! ! ମୋ ପଥର ! ! !"

ସକାଳୁ ଦେଖାଗଲା, ଭୀମ ଦାସ ସେ ଘରେ ନାହିଁ । ରାଜା ଅବାକ୍ ହୋଇ ପୁଣି ସେହି ପର୍ବତ ଗୁହା ଆଡ଼କୁ ଚାଲିଲେ । ଏ ଗହ୍ୱର, ସେ କୁଞ୍ଜ, ଏ ତରୁତଳ, ସେ କନ୍ଦରା, କେତେ କୁଆଡ଼େ ଖୋଜି ଖୋଜି ଯାଇ ଦେଖିଲେ

ଭୀମ ଦାସ ଠାଏ ବସି ତା'ର ପଥର କଟା ହତିଆର ସବୁ ସଜାଡ଼ିବାରେ ଲାଗିଛି । ରାଜାଙ୍କୁ ଆଗରେ ଦେଖି ସେ ଚମକିଲା ନାହିଁ କି ସମ୍ମାନ ଦେଖାଇବା ପାଇଁ ଉଠି ଠିଆ ହେଲା ନାହିଁ ।

କେତେ ସମୟ ନୀରବରେ ଠିଆହେବା ପରେ ରାଜା ମନକୁ ମନ ଅତର୍କିତରେ ପ୍ରଶ୍ନ କଲେ—

"ଏ ମଣିଷକୁ ଏପରି ପଥର କଲା କିଏ ?"

ପର୍ବତର ପାଦତଳୁ ଶିଖରଦେଶ ପର୍ଯ୍ୟନ୍ତ ସେହି ଏକା ତାନ ପ୍ରତିଧ୍ୱନିତ ହୋଇ ଉଠିଲା—"କିଏ—କିଏ—କିଏ ?"

ପ୍ରତି ପଥର ଖଣ୍ଡ, ପ୍ରତି ତରୁଲତା ପତ୍ରପୁଷ୍ପ, ପ୍ରତି ଧୂଳିକଣା ସତେ ଅବା ରାଜାଙ୍କୁ ଉପହାସରେ ଉତ୍ତର ଦେଲେ—କିଏ— କିଏ—କିଏ ?"

ରାଜା ବିହ୍ୱଳରେ ସେହି ପ୍ରତିଧ୍ୱନିକୁ ପ୍ରତିଧ୍ୱନି ବୋଲି ମନେ ନ କରି ସେହି 'କିଏ'ର ଉତ୍ତର ଦେଲେ— "କିଏ ? ମୁଁ ରାଜା ।"

ଏତେ ସମୟ ପରେ ଭୀମ ଦାସ ରାଜାଙ୍କୁ କୁଣ୍ଢାଇ ପକାଇ, ତା'ର ସେହି ଶୁଖିଲା ଆଖି, ହାଡୁଆ ମୁହଁକୁ ଦେଖାଇ କହିଲା—"ରାଜା ! ମୋ ରାଜା ! ଯେ ମୋତେ ପଥର କାଟିବାକୁ ଆଦେଶ ଦେଇଥିଲେ, ସେହି ମୋର ରାଜା !"

ଜୀବନଟାକୁ ପଥର କରିବା ଭିତରେ ସେ ରାଜାଙ୍କୁ କେବେହେଲେ ଦେଖି ନ ଥିଲା ପରି କିଂକର୍ତ୍ତବ୍ୟବିମୂଢ଼ଭାବରେ ଜାକି ଧରି ପୁଣି ଥରେ ଚିତ୍କାର କଲା— "ରାଜା, ରାଜା, ରାଜା ।"

ପର୍ବତରେ ପ୍ରତିଧ୍ୱନିର ଶେଷ ଶବ୍ଦ ଶୁଭିଲା—"ହାଃ—ହାଃ —ହା—ଆ—"

ସେ ବୋଧହୁଏ ରାଜାଙ୍କ ପ୍ରଶ୍ନର ଉତ୍ତର । ପର୍ବତ ଉପହାସ କଲା ।

# ଦୁଇଟି ଦିନ

## (୧)

ଭାଇଗା ଦିନେ ଘରୁ ବାହାରିଗଲା; ପୁଣି ଦିନେ ଫେରି ଆସିଲା । ଏ ମଧ୍ୟରେ ଗୋଟିଏ କ୍ଷୁଦ୍ର ଜୀବନର ଦୁଃଖମୟ କାହାଣୀ ଲୁଚି ରହିଛି ।

କନକନିଆ ଶୀତ ରାତିର ଶେଷ ପ୍ରହରରେ ତରୁ ପତ୍ର ଗହଳରୁ ଯେତେବେଳେ କାକର ଝରୁଥିଲା, ସେହିପରି ଅସମୟରେ ପ୍ରତାପପୁର ଗାଁର ପୂର୍ବପଟରେ ଦି ଚାରିଟା କୁକୁର ଏକାବେଳକେ ଭୁକି ଉଠିଲେ । ସେ ଶବ୍ଦ ଶୁଣି କୁଡ଼ିଆ ଭିତରେ କାହିଁ ହୁଏ ତ ମା'ଆ କୋଳରେ ପିଲା ଚମକି ଥିବ, ରୋଗୀ ଶେଯରେ ପଡ଼ି ନିତାନ୍ତ ବିରକ୍ତ ହୋଇଥିବ, ସରବରାକାରଙ୍କ ସୁଖନିଦ୍ରା ଭାଜିଯିବା ଫଳରେ ସୁକୋମଳ ରେଜେଇ ଉପରେ କଡ଼ ଲେଉଟାଇ ସେ କୁକୁର ବଂଶକୁ ଅଭିଶାପ ଦେଇଥିବେ କିନ୍ତୁ କୁକୁର ଯାହାକୁ ଦେଖି ଭୁକିଲେ ସେ କିଛି ବିଚଳିତ ହେଲା ନାହିଁ । ଗଛ ଗହଳ ତଳେ, ଘୁଇଘୁଇଆ ଅନ୍ଧାର ଭିତରେ ପ୍ରେତପରି ସେ ଚାଲିଗଲା । ତା କାନ ପାଖେ ଥଣ୍ଡା ଉତ୍ତରା ପବନ ସାଇଁ ସାଇଁ ବହି ଯାଉଥିଲା । ଅବାଟ ବାଟରେ ପାଦ ତଳେ ଗୋଡ଼ି ଗଳି ଯାଉଥିଲା । କାହା ପ୍ରତି ତାର ଲକ୍ଷ୍ୟ ନ ଥିଲା । ଦେହରେ ତାର ଖଣ୍ଡେ ଲୁଗା । ସେଥିରୁ କାନିଏ ପିନ୍ଧି ଆର କାନିରେ ପିଠିର ଦଶପଣ ଆବୃତ କରିଥିଲା । ସତର ବର୍ଷର ସୁପରିଚିତ ଗାଁଟିକୁ ଛାଡ଼ି ସେ ଯେଉଁ ପ୍ରେତରୂପୀ ମାନବମୂର୍ତ୍ତିଟି ଧୀରେ ଧୀରେ ଦୂର ଲକ୍ଷ୍ୟରେ ଚାଲିଗଲା, ସେଇ ହେଉଛି ଭାଇଗା ।

ଭାଇଗା ଗଲା ବିଦେଶକୁ ଟଙ୍କା ଅରଜି ନୁହେଁ, ପେଟ ପୋଷି । ଯିବା ଆଗରୁ ସେ କେତେ ଦିନ କେତେ ରାତି କେତେ ଥର ଘରୁ ଗୋଡ଼ କାଢ଼ିଥିଲା, ପୁଣି କେତେ ଥର ଫେରି ଆସିଥିଲା । ପୁରୁଣା ଘର ଖଣ୍ଡିକର ଛାୟା, ପରିଚିତ ରାସ୍ତା ଘାଟର ମମତା, ଗାଁର ଆକର୍ଷଣ ସବୁ ଏଡ଼ି ସେ ଯାଇ ପାରିଥାନ୍ତା;

ମାତ୍ର ତାହା ଭିତରେ ଯେ ତାର ମା ଥିଲା, ତାକୁ ସେ ସହଜରେ ଛାଡ଼ି ପାରୁ ନ ଥିଲା । ଯିବ ଯିବ ବୋଲି କେତେ ଥର ବସି ବସି ଭାବିଥିଲା, କେତେ ଥର ଉଠି ମୂକ ହୋଇ ଠିଆ ହୋଇଥିଲା, କରୁଣ ପ୍ରାଣରେ କେତେ ଥର ମାଆ ପାଖେ ବସି କାନ୍ଦିଥିଲା । କେତେବେଳେ ବା କି ମଧୁର ସ୍ୱପ୍ନ ଦେଖି ହସି ହସି ମାଆକୁ କହିଥିଲା—"ମାଆ, ରାମିଆ ଆଇଲା ରେଙ୍ଗୁନରୁ ଯେ, ବଣେ ସୁନା ଆଣିଛି ବୋଲି ଲୋକେ କହୁଛନ୍ତି । ମୁଁ ଗଲେ ପାଏ ଆଣି ପାରିବି ନାହିଁ ? ମୋଠୁଁ କଣ ସେ ବଡ଼ ପାରିବାର ?" ମାଆ ତା କଥା ଶୁଣି ଆଖିରୁ ଲୁହ ଗଡ଼େଇ କହେ, "ବଡ଼ ହେଲେ ଯିବୁରେ ବାବୁ; ବଣେ କାହିଁ, ପାଞ୍ଚ ବଣା ଆଣିବୁ ।" କେବେ କେବେ ଭାଇଗା ଶୋଇବା ଶେଯରେ ବାଉଳା ହୋଇ କହେ—"ମାଆ, ଲଗା ଚୁଲି । ଆଜି ଆଣିଚି ସାତ ପଇସା । ଯାଉଚି ଗୁଡ଼ଲ କିଣି ଆଣିବି ।" ସାତ ପଇସା ଯେ ବେଳେ ବେଳେ ଅରଜେ ସେ ଯେ ରେଙ୍ଗୁନ ଗଲେ ବଣା ବଣା ସୁନା ଆଣିବା କଳ୍ପନା କରିପାରୁଚି, ଏଇ ହେଉଚି ଭାଇଗା ପକ୍ଷରେ ବଡ଼ କଥା । ସେ ସୁନା ଆଣିବ, ସୁନା ବିକିବ, ମାଆକୁ ପୋଷିବ, ଏ ମଧୁର କଳ୍ପନା କରୁ କରୁ ବେଳେ ବେଳେ ତା ଭିତରେ ଯବନିକା ପଡ଼ିଯାଏ । ଆଖି ବୁଜି ଭାବୁଥାଏ । ଆଖି ଫିଟାଇ ଦେଖେ ଘରଟା ଅନ୍ଧାର ! ଦୁଇ ଓଳି ହେଲା ଚୁଲି ଲାଗି ନାହିଁ । ଆଉ କେବେ କେବେ ସେ ଗୁହିଁକରି ଚମକି ପଡ଼େ । ତା ପରେ ମାଆକୁ କହେ, "ମାଆ, ଟଙ୍କାଏ ଖଜଣା ତ ବାକି ଥିଲା, ନାହାକି କଣ ସେଥିପାଇଁ ଘରଡ଼ିହ ଖଣ୍ଡିକ ନେଇଯିବ ?" ମାଆ ପୁଅକୁ ଯାକି ପକାଇ କଣ ଭାବି ଛେପ ଢୋକିଦିଏ ।

ଏହିପରି ଅନେକ ଦିନ ଅନେକ କଥା ପରେ ସେଦିନ ରାତିରେ ଭାଇଗା ଗଲା ବିଦେଶକୁ । ସେ ଯିବ, ପଇସା ଅର୍ଜିବ, ଆସି ଘର ଖଣ୍ଡିକ ମୁକୁଳେଇ ମାଆକୁ ପୋଷିବ । ଗଲାବେଳେ ତାଟି ଫିଟେଇ ମାଆ ପୁଅକୁ ଯେତେବେଳେ ବିଦାୟ ଦେଲା, ପଣତକାନରେ ଲୁହ ପୋଛୁ ପୋଛୁ କହିଲା — "ଗଣ୍ଡି ରେ, ଧନ ରେ, ଯେଉଁଠି ଥା ତୋରାଣି ମନ୍ଦାକରେ ଭାତ ମୁଠେ ଖାଉଚୁ ବୋଲି ଜାଣିଲେ ମାଆ ତୋର ବଞ୍ଚିତ ବୋଲି ଭାବିବୁ ।"

ଏ ଗଲା ଗୋଟିଏ ଦିନ ।

( ୨ )

ଆଜି ଗୋଟିଏ ଦିନ । ପ୍ରତାପପୁର ସିନା ଗାଁ ନାଁ; କିନ୍ତୁ ଗାଁର ସମସ୍ତେ ପ୍ରତାପୀ ନୁହନ୍ତି । ଗାଁର ସରବରାକାର ବା ନାହାକ ଛଡ଼ା ସମସ୍ତେ ପ୍ରାୟ ଗରିବ । ରାଜ୍ୟରେ ଦିନେ ଶବ୍ଦ ହେଲା—ଭାଇଗା ମା ଆଉ ବଞ୍ଚିବ ନାହିଁ । ସେଥିଲାଗି ନାହାକେ ତାକୁ ବାଡ଼ିପାଖ ପିଣ୍ଡାରୁ ଉଠେଇ ଗୁହାଳଘର ପିଣ୍ଡାକୁ ନେଇ ଯାଇଛନ୍ତି ।

ଭାଇଗା ମା ! ଯେ ଶୁଣିଲା ସେ ଆହା, କଲା । ପ୍ରତାପପୁର ଗାଁରେ ସାତପୁଅର ମାଆ ଯେବେ କିଏ ଥିଲା, ତେବେ ସେ ହେଉଚି ଭାଇଗା ମା । ଗାଁରେ ବୁଢ଼ୀ ଯେବେ କିଏ, ତେବେ ସେ ହେଉଚି ଭାଇଗା ମା । ପୁଣି ଏବେ ଗାଁରେ ଅନାଥିନୀ ଯେବେ କିଏ, ତେବେ ସେ ମଧ୍ୟ ସେଇ ଭାଇଗା ମା । ଗୋଟି ଗୋଟି ହୋଇ ଭେଣ୍ଡା ବୟସରେ ଛଅ ପୁଅ ମଲେ । କୁମୁଟି, ମାରୁଆଡ଼ି, ମହାଜନ ଘରବାଡ଼ି ନିଲାମ କରିନେଲେ । ଥିଲା କେବଳ ଜିହଖଣ୍ଡିକ । ଖଜଣା ବାକିରେ ନାହାକେ ଦୁଆରେ ତାର କଣ୍ଟା ଗୁଞ୍ଚି ଦେଇଛନ୍ତି ।

ବୁଢ଼ୀ ନାହାକ ଘର ଗୁହାଳ ପିଣ୍ଡାରେ ପଡ଼ି ଦିନେ କହୁଥିଲା— "ନ ଆସୁ ପଛକେ, ତୋରାଣି ସାଥିରେ ଭାତ ଗୁଣ୍ଡାଏ ହେଲେ ଖାଉଥାଉ ।" ନାହାକେ ପିଣ୍ଡା ସେପଟେ ଥାଇ ଶୁଣୁଥିଲେ, "କଣ ଭାଇଗା ମା, ଭାଇଗା ଆସିବ ଆଜକାଲ; ଚିଠି ଦେଇଥିଲା ।" ବୁଢ଼ୀ ଚମକି ପଡ଼ି କହିଲା—"ଧନ ମୋର, ସଙ୍ଗାଳ ମୋର, ଖାଇବାକୁ ପାଉଚି ? ନାହିଁ, ନାହିଁ, ନ ଆସୁ, ନ ଆସୁ । ସେ ମୁଠିଏ ଖାଇବାକୁ ପାଉଚି ତ ଥାଉ । କାହିଁକି ଆସୁଚି ?"

ବୁଢ଼ୀ ମୁହଁମାଡ଼ି ଶୋଇ ପଡ଼ିଲା । ଏ ଉଦ୍‌ବେଗରେ ତାର ଭଙ୍ଗା ବୁକୁ ଭିତୁ ଶୂଳ ଉଠିଲା ପରି ହେଲା ।

ରାତି ପହରକୁ ପ୍ରତାପପୁର ଗାଁର ପୂର୍ବପଟେ ପଲେ କୁକୁର ଭୁକି ଉଠିଲେ । ଗାଁର ପିଲାମାନେ ଦାଣ୍ଡରେ ଖେଳୁଥିଲେ । କହିଲେ—'ବାରିକ୍ଷା

ଗଲୁ ।' ନାହାକେ ବସ୍ତ୍ରରଲେ, ଖମାରରେ ଲୋକ ଶୁଆଇବ । ସ୍ତ୍ରୀର ଆସିଲେଣି; ମାତ୍ର ଚେତଣେ ଶେଯରେ ଥାଇ ଭାଇଗା ମା କ୍ଷୀଣ କଣ୍ଠରେ କହିଲା—"ଏମିତି ତ କୁକୁର ସେ ରାତରେ ଭୁକଥିଲେ... ।"

ଦେଖୁ ଦେଖୁ ମୁହୂର୍ତ୍ତିକ ମଧ୍ୟରେ ଗାଁରେ ଚହଳ ପଡ଼ିଗଲା—କିଏ ଜଣେ ଆସି ଭାଇଗା ମାର କଣ୍ଟାବୁଜା ଦୁଆରୁ କଣ୍ଟା ଆଡ଼ଉଚ । ହାତକେ ଲଣ୍ଠନ ଓ ହାତକେ ଠେଙ୍ଗା ଧରି ନାହାକେ ଦଳବଳ ସହିତ ଧାଇଁ ଆସିଲେ । ସାଙ୍ଗେ ସାଙ୍ଗେ ପାଞ୍ଚଟା ପୋଷା କୁକୁର ତାଙ୍କୁ ଗୋଡ଼ାଇ ଚାଲିଲେ । ଭୟ ଓ କୌତୂହଳରେ ଗାଁରେ ଚହଳ ପଡ଼ିଗଲା । ଏପରି ସମୟରେ ଭାଇଗାର ଭଙ୍ଗା ଘର ଆଗରେ ଆଲୁଅକୁ ମୁହଁ ଉପରକୁ ନେଇ ନାହାକେ କହିଲେ—"କିରେ ଭାଇଗା, ଏ କିଏ ? ଆ-ଆ-ଆ, ମା ଅଛି ଆମ ଘରେ । ତୁ ତ ଗଲୁ, ତାକୁ ପାଳନ୍ତା କିଏ ?"

ପିନ୍ଧିବା ଲୁଗା ଧଳା, ଲଗାଇଥିବା ଅଙ୍ଗୀ କଳା, ହାତରେ ଟଚଲାଇଟ, ଅଣ୍ଟାରେ ବଟୂଆ, କାନ୍ଧରେ ଗୋଟିଏ କାଠର ବାକ୍ସ ଓ ଖଣ୍ଡେ ଶୀତଳ ପଟି—ସବୁ ଏକାବେଳକେ ଶରୀରରେ ବନ୍ଧି ଭାଇଗା ଚାଳିପିଲା ପରି ନାହାକଙ୍କ ପଛେ ପଛେ ଚାଲିଲା—ଠିକ୍ ରେଙ୍ଗୁନ ଫେରନ୍ତା ଓଡ଼ିଆ ।

ସେ ପାଖେ ଦୁହାଳ ଗାଈ, ପାଞ୍ଚିହଳ ବଳଦ, ଗୋଟାଏ କୋଣରେ ହଳ, ଲଙ୍ଗଳ, ଯୁଆଳି, ଆଉ ଏକ କୋଣରେ ରଙ୍ଗମାଟି ଓ ପାଳବଡ଼ିଆ । ପାଖକେ ଭାଇଗା ମା କନା ମୁଚୁଳାଟାଏ ମୁଣ୍ଡରେ ଦେଇ ଖଣ୍ଡିଆ ସନ୍ତର ପଟିଟାରେ ଆଁ କରି ଚାହିଁ ପଡ଼ିଛି ।

ଭାଇଗା ସବୁ ଜିନଷ ତଳେ ଦୁମ୍ କିନା ପକାଇ ଦେଇ ମାଆର ଶେଯ ଉପରକୁ ଆଣ୍ଠୁମାଡ଼ି ଲଇଁ ପଡ଼ି ବ୍ୟଗ୍ର ବିକଳ କଣ୍ଠରେ ଡାକିଲା—"ମାଆ, ମାଆ, ମୁଁ ଆସିଛି, ସୁନା ଆଣିଛି ।" ସେ କଣ କହିଲା ସେ ଜାଣେ ନାହିଁ । ମାଆ ତାର କ୍ଷୀଣ କଣ୍ଠରେ ଏତିକି ମାତ୍ର ଉତ୍ତର ଦେଲା—"ମୁଠେ ଖାଇବାକୁ ପାଉଥିଲୁ ?"

ମା ଆଉ ପୁଅର ଉତ୍ତର ଶୁଣିଲା ନାହିଁ । କେବଳ ତାର ନିର୍ଜୀବ ହାତଟାକୁ ପୁଅ ମୁଣ୍ଡ ଉପରକୁ ଉଠାଇବାକୁ ଚେଷ୍ଟା କଲା ; କିନ୍ତୁ ପାରିଲା ନାହିଁ ।

ଘଡ଼ିଏ କାଳ ସମସ୍ତେ ନୀରବ ରହିଲେ । ଶେଷକୁ ନାହାକେ କହିଲେ—"ହଉ,·· କାଠପଣ ସଜ କର ।" ଏ ଗୋଟିଏ ଧ୍ୱନ ।

---

# ମାଗୁଣୀର ଶଗଡ଼

ଖଲିକୋଟର ଦୁଇଲକ୍ଷ ପ୍ରଜାଙ୍କ ଭିତରେ ପ୍ରତିଦିନ ଯିବା ଆସିବା ଚାଲିଚ । କେତେ ସଂସାରରୁ ଯାଉଛନ୍ତି, କେତେ ସଂସାରକୁ ଆସୁଛନ୍ତି । ଏ ଖବର ରଖୁଛନ୍ତି ଗୃହପରିବାର ବା ସାଇ ପଡ଼ିଶାର ଲୋକେ । କିନ୍ତୁ ଯେଉଁଦିନ ମାଗୁଣୀ ଏ ସଂସାର ଛାଡ଼ି ଚାଲିଗଲା ସେଦିନ ଖବରଟା ଖଲିକୋଟର ପୁରପଲ୍ଲୀ ସବୁଆଡ଼େ ବ୍ୟାପିଗଲା । ଯେ ଶୁଣିଲା ସେ ମୁହୂର୍ତ୍ତେ ହେଲେ ନୀରବ ରହି ଦୁଃଖରେ କହିଲା—ମାଗୁଣୀ ଚାଲିଗଲା ? ଆହା ! ବିଚରା ଚାଲିଗଲା ! !

ମାଗୁଣୀ କିଏ ? ଖଲିକୋଟର ସେ ରାଜା ନୁହେ, ଏ କଥା ନିଶ୍ଚୟ । ସେ ରାଜ୍ୟର ନେତା ନୁହେ, ଏ କଥା ସମସ୍ତେ କହିବେ । ସେ କର୍ମୀ ନୁହେ, ଏ କଥା ସମସ୍ତେ ଜାଣନ୍ତି । ସେ କେବେ ସତ୍ୟାଗ୍ରହରେ ଯୋଗ ଦେଇନାହିଁ କି ରଜାକୁ ଖଜଣା ଦେଇ ନାହିଁ । ତା ବେକରେ କିଏ ଫୁଲମାଳ ଲମ୍ବାଇ ନାହିଁ, କି ସେ କାହା ଗଳାରେ ମାଳା ଲମ୍ବାଇ ଦେବା ଦରକାର ପଡ଼ି ନାହିଁ । ଜନସମୁଦ୍ର ଭିତରେ କରତାଳି ଗହଳରେ ବକ୍ତୃତା ଦେଇନାହିଁ କି ଦାଣ୍ଡ—ଦେଉଳରେ ପରଜନ୍ମରେ ସ୍ୱର୍ଗ ଲାଭ ପାଇଁ ଜପତପ କରିନାହିଁ । ସେ କେବଳ କରିଛି ଗୋଟି । କାମ—ମୁଣ୍ଡର ଝାଳ ତୁଣ୍ଡରେ ମାରି ଜୀବନ ପଥରେ ଲଢ଼େଇ କରିଛି । ସେ ଲଢ଼େଇ ଦେଶପାଇଁ ନୁହେ, ଜାତିପାଇଁ ନୁହେ, ତାହା ନିଜର ପେଟ ଟିକିଏ ପାଇଁ । ତଥାପି, ମାଗୁଣୀର ମୃତ୍ୟୁ ଖବର ପାଇ ସମସ୍ତେ କହିଲେ—ଆହା ! ବିଚରା ଚାଲିଗଲା !

ଗଡ଼ରେ ପଚାରିଲେ ତ ସମସ୍ତେ କହିବେ ମାଗୁଣି କିଏ, ଦୂର ଜଙ୍ଗଲଭିଡ଼ ପଲ୍ଲୀଗାଁରେ ମଧ୍ୟ ତାର ପରିଚୟ ମିଳି ପାରିବ । ମାଗୁଣୀ ଖଲିକୋଟର କେହି ନୁହେ, ସେ ଜଣେ ଶଗଡ଼ିଆ—ଦୁଇଟା ବଳଦ ଓ ସେ—ଏ ତିନି ମିଶି ଗୋଟାଏ ସଂଘ ଗଢ଼ିଥିଲେ ଯାହା କି ଦୁଇଲକ୍ଷ ଲୋକଙ୍କ ମନକୁ ଛୁଇଁଗଲା ।

ପ୍ରତିଦିନ ଖଲିକୋଟ ଗଡ଼ରେ ସୂର୍ଯ୍ୟ ଉଏଁ ଓ ସୂର୍ଯ୍ୟ ଅସ୍ତ ହୁଏ । ଘନଘୋର ବର୍ଷାଦିନେ ଲୋକେ ସୂର୍ଯ୍ୟ ନ ଦେଖି ମାଗୁଣୀକି ଦେଖି ବେଳ ଜାଣନ୍ତି । ମାଘ ମାସର ଜାଡ଼ରେ ପିଣ୍ଡାରେ ଘୋଡ଼ାଘାଡ଼ି ହୋଇ ଲୋକେ ବସିଥିଲା ବେଳେ ମାଗୁଣୀ ନିଜ ପରିଚିତ ସାଙ୍ଗ ଦୁଇଟିକୁ ଶଗଡ଼ରେ ଯୋଚି ପାହାଡ଼ ତଳେ ଗୀତ ବୋଲି ଚାଲିଯାଏ । ଲୋକେ କହନ୍ତି, ମାଗୁଣୀ ସେମାନଙ୍କର ଗୋଟାଏ ଘଣ୍ଟା । ବର୍ଷାଦିନେ ବର୍ଷା ଘୁଞ୍ଚି ଯାଇପାରେ; ଖରାଦିନେ ଖରା ତାତି ଊଣା ହୋଇପାରେ, କିନ୍ତୁ ମାଗୁଣୀର ଶଗଡ଼ ଦିନେ ହେଲେ ବନ୍ଦ ହୁଏ ନାହିଁ । ସେ କହେ ରଜା ଘରେ ଯୋଡ଼ା ଯୋଡ଼ା ମୋଟରକାର ଅଛି ସତ, କିନ୍ତୁ ତା ପରି ଇଞ୍ଜିନିୟର ନାହାନ୍ତି । ତା ଶଗଡ଼ ରଜାଘର ମୋଟରଠୁଁ ବଳେ । ବାରବର୍ଷର ଅତି-ପରିଚିତ ସାଥୀ କାଳିଆ ଓ କଷରା ବଳଦ ଉପରେ ସେ ହାତ ମାରି ଆଉଁସି ଦେଲେ ତା ଗାଡ଼ିରେ ପମ୍ପ ଦିଆହୁଏ । ଯେତେବେଳେ ସେ ଶଗଡ଼ ଉପରେ ବସି ଗୀତ ପଦେ ବୋଲି ଦିଏ—"ରାମ ଯେ ଲଇଖଣ ଗଲେ ମୃଗମାରି" ତାର ମୋଟର ଚାଲେ । ସେତେବେଳେ ଶ୍ୟାମଳ ତରୁ ପନ୍ତି ତଳେ, ଗିରି କନ୍ଦରା ଭିତରେ ପ୍ରତିଧ୍ୱନି ଉଠେ । ଅର୍ଦ୍ଧସୁପ୍ତ କୁକୁଟ କୁମ୍ଭାଟୁଆ ତାକୁ ଉତ୍ତର ଦିଅନ୍ତି; ପଲ୍ଲୀର ବୁଲା କୁକୁର ଦଳ ଚମକି ଉଠି ଗାଁରେ ଚହଳ ପକାଇ ଦିଅନ୍ତି । ଘଡ଼ଘଡ଼ ଶବ୍ଦରେ ଶଗଡ଼ ଚାଲିଯାଏ, ଷ୍ଟେସନ ଅଭିମୁଖେ ।

ପଚାଶ ବର୍ଷର ମାଗୁଣୀ ବାର ବର୍ଷର ସାଥି ବଳଦଙ୍କୁ ଧରି ଯେତେବେଳେ ଭଡ଼ା ବୋହି ଚାଲେ ସତୁରି ଅଶୀବର୍ଷ ତଳର କାହାଣୀ ପାଣିପରି ବହିଯାଏ । ସେ କହେ ଆଗ ତା ନିଜ କଥା । ତାର କେବେ ବାପ

ମା ଥିଲେ, ସେ କେବେ ସୁଖରେ ବଡ଼ି ଖଟରେ ଶୋଉଥିଲା, ସେ କେବେ ଘରେ ବସି ଦୁଇଓଳି ପେଟ ପୂରାଇ ଖାଉଥିଲା; ଆଉ, ଜଣକର ମଧୁର ବଚନ ଶୁଣି ଜୀବନର ସକଳ ଦୁଃଖ ଭୁଲିଯାଉଥିଲା । ସେ ଗଢ଼ିଥିଲା ଗୋଟାଏ ସ୍ୱପ୍ନ-ରାଜ୍ୟ । ସେ ରାଜ୍ୟର ସେ ଥିଲା ରାଜା । ରାଣୀ କରି ଯାହାକୁ ଆଣିଥିଲା ଜୀବନଟା ସେ ହସାଇ ହସାଇ ନଚାଉଥିଲା । ତାର ଅଧର ତଳେ ସେ ଅମୃତ ପିଉଥିଲା, ତାର ଚାହାଣୀ ଭିତରେ ସେ ଜଗତ୍ ଦେଖୁଥିଲା, ତାର ନିଃଶ୍ୱାସରେ ସେ ସୁବାସ ବାରୁଥିଲା ଓ ତାର ପାଦତଳେ ସେ ଫୁଲ ଫୁଟିବାର ଦେଖୁଥିଲା । କିନ୍ତୁ ସେ ସ୍ୱପ୍ନ ତାର ବେଶୀ ଦିନ ରହିଲା ନାହିଁ । ସ୍ୱପ୍ନମୟୀ ହସି ହସି ଚାଲିଗଲା ଏ ସଂସାରର ସେ ପାଖକୁ । ଏ ପାଖେ ଏ ଦୁଇଟି ବଳଦ ଘେନି ଗାଁରୁ ଷ୍ଟେସନକୁ ଓ ଷ୍ଟେସନରୁ ଗାଁକୁ ଦିନକେ ଦୁଇଥର ଯାଇ ତାକୁ ଆଉ ଜନ୍ମରେ ଭେଟିବାକୁ ଚେଷ୍ଟା କରୁଥିଲା ।

ଶଗଡ଼ ବାହିଲାବେଳେ ଏ କଥା ସେ ସମସ୍ତଙ୍କୁ ଶୁଣାଇ କାନ୍ଦାଇ ପକାଏ । ନିଜେ ଦୁଇ ଟୋପା ଲୁହ ନିଜର ଚିରା କାନିରେ ପୋଛି ଦେଇ ବଳଦ ଉପରେ ହାତ ମାରି ପୁଣି କହେ ଆଉ ଗୋଟାଏ ଗଳ୍ପ । ଲୋକଙ୍କ ବାଟ ସରିଯାଏ । କିନ୍ତୁ ତାର ଗଳ୍ପ ସରେ ନାହିଁ । ସେ କହେ, ତା ଶଗଡ଼ରେ ନ ବସିଛି କିଏ ? ବସି ନ ଥିଲେ ବସି ନ ଥିବେ ଖଲିକୋଟର ରଜା । କିନ୍ତୁ, ଦେବାନ କହ, ମାନେଜର କହ, ଓକିଲ କହ, ମହାଜନ କହ, ଏପରି କି, ମହାତ୍ମାଙ୍କ ଭକ୍ତ ପର୍ଯ୍ୟନ୍ତ କହ—ସମସ୍ତେ ବସିଛନ୍ତି ତା ଶଗଡ଼ରେ । ଏ ସବୁ କଥା କହିଲାବେଳେ ସେ ଏଡ଼େ ଉତ୍ସାହରେ କହେ ଯେ, ବେଳେ ବେଳେ ବଳଦ ଦୁଇଟା ଠିଆ ହୋଇଗଲେ ମଧ୍ୟ ସେମାନଙ୍କୁ ଉଡ଼ାଏ ନାହିଁ । ଜାଣି ପାରିଲେ କହେ—ଏ ପଶୁଗୁଡ଼ାକ ମଧ୍ୟ ଏ କଥା ଶୁଣିବାକୁ ଜାଣୁଛନ୍ତି ।

ମାଗୁଣୀର ଶଗଡ଼ ବଳଦ ଖଲିକୋଟର ଗୋଟାଏ ବିରାଟ ଇତିହାସ ନ ହେଲେ ମଧ୍ୟ ସେ ଇତିହାସର କେତେଟା ପୃଷ୍ଠା । ସେ ଇତିହାସ କହେ—ଏ ଶଗଡ଼, ରାଜ୍ୟର ସମସ୍ତଙ୍କି ଚିହ୍ନିଛି । କେତେ ବାଲବିଧବା ଏହାର ଉପରେ

ବସି ଶାଶୁ ଘରୁ ବାପ ଘରକୁ ଫେରିଛନ୍ତି, କେତେ ସୁହାସିନୀ କୁଳବଧୂ ବାପ ଘରୁ ଶାଶୁ ଘରକୁ ମଧ୍ୟ ଯାଇଛନ୍ତି । ଖଜଣା ଗଣ୍ଡାକ ଦେଇ ନ ପାରି ଯେଉଁଦିନ ମଣ୍ଡଳ ଗାଁର ଗଦା ଗାଉଁଲି ଜେଲ ଗଲେ ସେଇଦିନ ତା ଘରର ଗୁଞ୍ଚୁଣୀମୁଣ୍ଡା ଆଦି ଏଇ ଶଗଡ଼ରେ ବୁହାହୋଇ ଆସି ରଜାଘର କଚେରି ଦୁଆରେ ଜମା ହୋଇଥିଲା । ଯେଉଁଦିନ ବେନ୍ଧାଲିଆ ଗାଁର ମଧୁ ରଥେ ନରହତ୍ୟା ଅପରାଧରେ ଧରା ହେଲେ, ସେ ଦିନ ସେ ଏଇ ଗାଡ଼ିରେ ବସି ଯାଇଥିଲେ । ଏଇ ଗାଡ଼ିରେ ବସି ଓକିଲ ଆସି ରଜାଘର ପକ୍ଷ ନେଇଛନ୍ତି । ଏଇ ଗାଡ଼ିରେ ରଇତ କେତାଏ ହାତକଡ଼ା ପଡ଼ି କଚେରୀକି ଯାଇଛନ୍ତି । ଏଇ ଗାଡ଼ି ସୁଖ ଦେଖିଛି; ଦୁଃଖ ଦେଖିଛି । ଲୁହ ବୋହି ଏଇ ଗାଡ଼ିର ଶୁଖିଲା ପାଲଗାଦି ଓଦା ହୋଇଯାଇଛି, ହସ ଖେଳରେ ଏଇ ଗାଡ଼ି କେତେ କମ୍ପିଛି ।

ଏଇ ସବୁ କଥା କହି ମାଗୁଣି ଯେତେବେଳେ ଗାଡ଼ି ଚଳାଏ ମନେହୁଏ ମାଗୁଣି ଗୋଟାଏ ଜୀବନ୍ତ ଇତିହାସ । ଏଇପରି ଦଶ ପାଞ୍ଚଟା ଇତିହାସକୁ ଏକାଠି କଲେ ଓଡ଼ିଶାରେ ଗୋଟାଏ କୋଣାର୍କ ତିଆରି ହୁଅନ୍ତା ।

ଦିନେ ମାଗୁଣି ଶୁଣିଲା ତା ଗାଡ଼ିରେ ଆଉ ଲୋକେ ବସିବେ ନାହିଁ । କାରଣ ସିଂହଘର ଗୋଟାଏ ମୋଟର ବାସ୍ ଆଣୁଛନ୍ତି । ଶୁଣିଲାମାତ୍ରେ ସେ ହସି ହସି ଆକାଶ ଫଟେଇ ଦେଲା । କହିଲା—ମୋଟର ବାସ୍ ! ତା କଣ ମୋ କାଳିଆ କଣ୍ଟରାକୁ ଟପି ଯିବ ? ଭଲ କରି ଆହାର ଦେଇ ଯେତେବେଳେ ହାତ ମାରିଦେବି ଲୋକେ କଣ ମୋ ଗାଡ଼ି ଛାଡ଼ି ସେ ଗାଡ଼ିକି ଯିବେ ? ତାର ଏ କଥା ଶୁଣି ସମସ୍ତେ ହସିଲେ ସତ; ମାତ୍ର ସେ ଖାତିର କଲା ନାହିଁ । ଦୁଇ ଚାରିଦିନ ଗଲା; ଦେଖୁ ଦେଖୁ ଗଡ଼ରେ ମୋଟର ବାସ୍ ପହଞ୍ଚିଲା । ଲୋକେ କହିଲେ—ଏଥର ମାଗୁଣିର ବ୍ୟବସାୟ ବୁଡ଼ିଲା । ଏକାବେଳକେ ୨୦ ଜଣଙ୍କୁ ଧରି ଘଣ୍ଟାକେ ଯେ ୪୦ ମାଇଲ ଯିବ ମାଗୁଣି କି ତାକୁ ବଳିଯିବ ?

କଥା ସତ । ଦୈତ୍ୟଦାନବ ପରି ଗଡ଼ରେ ମୋଟର ବାସ୍‌ଟାକୁ ଦେଖି ମାଗୁଣିର ମନରେ ଛନକା ପଶିଗଲା । ସେ କାହିଁ ପାରିଲା ନାହିଁ ସତ; କିନ୍ତୁ

କାନ୍ଦି କାନ୍ଦି ହୋଇ ଭାବିଲା, ସେଦିନ ଯାଇଥିଲି କୋଦଳା ସଭାକୁ । କିଏ କହୁଥିଲେ କଳ ଜିନିଷଠୁଁ ହାତ ଜିନିଷ ଭଲ । ତା ହେଲେ ମୋଟର କଳଠୁଁ କଣ ମୋ ଶଗଡ଼ ଭଲ ନୁହେ ? ଏତେ ଲୋକ ତ ସଭାରେ ବସି ଶୁଣୁଥିଲେ, ସେମାନେ କଣ ମୋ ଦୁଃଖ ବୁଝିବେ ନାହିଁ । କର୍ମୀ ନ ବୁଝିଲେ ଯିବ ଗାନ୍ଧୀଙ୍କ ପାଖକୁ । ଦରିଦ୍ରର ସାଥି ସେ, ଗରିବଙ୍କ ବନ୍ଧୁ ସେ, କଣ କହିବେ ମାଗୁଣୀ ମରିଯାଉ; ଆଉ, ଏ ସିଂହେ ବଞ୍ଚନ୍ତୁ ?

ଷ୍ଟେସନରୁ ଗଡ଼କୁ ସିଂହଙ୍କ ବସ୍ ଚାଲିଲା, ମାଗୁଣୀର ଶଗଡ଼ ମଧ୍ୟ ଚାଲିଲା । କିନ୍ତୁ ବସ୍ ପୂର୍ଣ୍ଣ, ଶଗଡ଼ ଖାଲି । ମାଗୁଣୀ ଯେତେ ଆଗରୁ ରାସ୍ତା ଅଧରୁ ଷ୍ଟେସନରେ ଶଗଡ଼ ହାଜର କଲେ ମଧ୍ୟ ଲୋକେ ଗଲେ ବସ୍‌ରେ । ଯେତେ ନୂଆ ଅଖାର ଗଦି ପକାଇଲେ ମଧ୍ୟ ଲୋକେ ଧାଇଁଲେ ବସ୍ ମୁହଁକୁ । ଯେତେ ହାତ ଧରି ଡାକିଲେ ମଧ୍ୟ ଲୋକେ ଚାହିଁଲେ ବସ୍ ଆଡ଼କୁ । ଦିନେ ଗଲା, ଦୁଇ ଦିନ ଗଲା । ସେ ଦୁଇ ଓଳି ଖାଇ କରି ଆସୁଥିଲା, ଓଳିଏ ଖାଇ ଅଇଲା । ସେ ଭାତ ଖାଇ ଆସୁଥିଲା, ତୋରାଣି ପିଇ ଅଇଲା । ସେ ଦୁଇ ଓଳିରେ ଥରେ ପିଇ ଆସୁଥିଲା, କ୍ରମେ ତିନିଓଳି ଚୁଲି ଲଗିଲା ନାହିଁ । କାଳିଆ କଣ୍ଠାର ଗଣ୍ଠି ହାଡ଼ ଦେଖାଗଲା । ସେମାନଙ୍କୁ ଧରି ସେ ଯେତେବେଳେ କାନ୍ଦିଲା—କିଏ କହିଲା ପାଗଳ, କିଏ ବା କହିଲା ବାୟା ।

ତା ପରେ ଯେଉଁଦିନ ମାଗୁଣୀର କୁଡ଼ିଆ ଦୁଆର ଭାଙ୍ଗି ଗାଁ ଲୋକେ ତା ଶବ କାଢ଼ିଲେ, ଦେଖିଲେ ଛିଣ୍ଡା କନ୍ଥା ତଳେ ପାଞ୍ଚଣ ବାଡ଼ି ଖଣ୍ଡିକ ଶୁଆଇ ଦେଇ ମାଗୁଣୀ ଆଖି ବୁଜି ଦେଇଛି । ମଶାଣିରେ ନିଆଁ ଜଳିଲା, ଆକାଶରେ ପକ୍ଷୀ ଉଡ଼ି ଧୂଆଁ ପାର ହେଲେ, ପୃଥିବୀରେ ଦୁଇ ଲକ୍ଷ ଲୋକ ସେ ଖବର ପାଇ ଦୁଃଖରେ କହିଲେ—"ଆହା, ମାଗୁଣୀ ଚାଲିଗଲା !"

# ବ୍ରତ ଭିକ୍ଷା

## ( ୧ )

ଗାଁର ଦୁଇ ଭାଗରେ ଦୁଇପ୍ରକାର ଚହଳ ପଡ଼ିଛି । ଏକ ଭାଗରେ ବ୍ରତ ଉତ୍ସବର କଳରୋଳ ଓ ଅନ୍ୟଭାଗରେ ମୃତ୍ୟୁଯାତ୍ରାର ହାହାକାର ।

ଏକ ଦିଗରେ ମଙ୍ଗଳ ମହୁରୀ ସଙ୍ଗେ ନାରୀକଣ୍ଠର ହୁଳହୁଳି ନାଦ ଆକାଶରେ ପ୍ରତିଧ୍ୱନିତ ହୋଇ ଉଠିଲା ବେଳକୁ ଅନ୍ୟ ଦିଗରେ ଆକୁଳ ହୃଦୟର କରୁଣ କ୍ରନ୍ଦନଧ୍ୱନି ଆକାଶକୁ ଫଟାଇ ଦେବାକୁ ଚେଷ୍ଟା କରୁଛି । ଏକଦିଗରେ ଖିଆପିଆର ଆୟୋଜନ ଚାଲିଥିଲା ବେଳେ ଅନ୍ୟଦିଗରେ ଶ୍ମଶାନକୁ ଶବ ନିବାପାଇଁ କାଠ କୁଟା, କୁଲା ମାଠିଆର ଯୋଗାଡ଼ ହେଉଛି । ଠାଏ ବସି ପୁରୋହିତ ବେଦମନ୍ତ୍ର ଉଚ୍ଚାରଣ କରୁଥିବାବେଳେ ଅନ୍ୟ ସ୍ଥାନରେ ମୁମୂର୍ଷୁର ରୋଗଶଯ୍ୟା ପାଖେ କିଏ ବସି ଗୀତା ଭାଗବତ ଶୁଣିବାରେ ଲାଗିଛି । ମୋଟା ମୋଟି କହିବାକୁ ଗଲେ ଏକ ଦିଗରେ ମୃତ୍ୟୁ ଓ ଆଉ ଏକ ଦିଗରେ ନବଜୀବନର ଉତ୍ସବ ଆରମ୍ଭ ହୋଇଛି !

ବ୍ରତ-ଉତ୍ସବ ଭିତରେ ଗୃହିଣୀ ଗୃହସ୍ଥଙ୍କୁ ପଚାରିଲେ—"ମୋ ରାମିକୁ କଣ ବେଦୀରେ କିଛି ବନ୍ଦେଇବ ନାହିଁ ?".

ଗୃହସ୍ଥ ଉତ୍ତରରେ କଥା କହି ନ ପାରି କେବଳ ଲୁହ ଦି'ଟୋପା ଗଡ଼ାଇ ଦେଲେ । ତା'ପରେ ଲୁହ ପୋଛି ପୋଛି କହିଲେ—"ଦେବାକୁ ଆଉ କଣ ଅଛି ? ଯାହା ଦି'ମାଣ ଥିଲା ସେଥିରୁ କିଛି ବା ମିଳିଥାନ୍ତା । ଆଜିର ସେତିକି ଅବସ୍ଥା ଯାହା ଆଉ ଆଶା ଦେଖୁନାହିଁ । ସେ ବନ୍ଧକ ଜମିକୁ ଟଙ୍କା କିଏ ଦବ ? ହାତ କାହା ପାଖେ ପତେଇବ !"

ତେଣେ ମୃତ୍ୟୁ-ଲୀଳା ଭିତରେ ରୋଗଶଯ୍ୟା ପାଖେ ପୁଅ ବସି ମାଆକୁ ପଚାରିଲେ—"ମାଆ, ତୁ ତ ଚାଲି ଯାଉଛୁ, ଆମ କଥା ଆଉ କଣ ବୁଝିଲୁ ? ମାଆ, ମାଆ, ଶୁଣୁଛୁ ? କହୁଥିଲି ପରା ସେ କାଗଜଟା କୁ'ଠି ରଖିଛୁ କହିଦବୁ ବୋଲି, ମାଆ...ମା... ।"

ରୋଗିଣୀ ମୃତ୍ୟୁର ଖୁବ୍ ନିକଟରେ ହୋଇ ମଧ୍ୟ କଥା କହି ପାରୁଥିଲେ । ତାହା ଆଉ କଥା ହୋଇ ନ ଥିଲା, ତାହା କେବଳ ଜୀବନୀଶକ୍ତିର ନିତାନ୍ତ କ୍ଷୀଣଧାରା ପରି ଜଣା ପଡ଼ୁଥିଲା । ଶିଥିଳିତ ପଲକ ଦୁଇଟି ମୁହୂର୍ତ୍ତିକ ପାଇଁ ଫିଟାଇ ସେ ଟିକିଏ ଉପରକୁ ଚାହିଁଲେ । ତା ପରେ ଆଖି ମୁଦି ଦେଇ କ୍ଷୀଣ କଣ୍ଠରେ କହିଲେ—"ବାବୁ, ତୁ କଣ କରିବୁ ତାକୁ ? ଜଣକ ଘର ବୁଡ଼େଇବୁ ? ମୁଁ ଦେଇଥିଲି; ମୁଁ ବୁଝିଚି- ... ।"

ତୁ ବୁଝିଚୁ ମା ? କେତେବେଳେ ?

"ଆଜି...... ।"

(୨)

ଶ୍ରୀରାମଚନ୍ଦ୍ରପୁର ଗାଁଟା ଉତ୍କଳ ବ୍ରାହ୍ମଣ ଗୌରବର ଧ୍ୱଜସ୍ତମ୍ଭ କହିଲେ ଚଳେ । ସେଠାର ଧୂଳିମାଟି ଗଢ଼ା ପିଣ୍ଡା ଉପରେ ବସି କେତେ ମହାତ୍ମା ବୈଦିକ ସଙ୍ଗୀତର ମୂର୍ଚ୍ଛନାରେ ମୁକ୍ତିର ସ୍ୱପ୍ନ ଦେଖୁଥିଲେ କେତେ ନବ ନବ ଜାଗରଣରେ ବ୍ୟଥିତ ପ୍ରାଣରେ ଆଶାର ବାଣୀ ଶୁଣାଇଥିଲେ । ଆଜି ସବୁ ସ୍ୱପ୍ନ !

ଶ୍ରୀରାମଚନ୍ଦ୍ରପୁର ଅଛି, ସେହି ଧୂଳିମାଟିର ପିଣ୍ଡା ଅଛି; ମାତ୍ର ସେ ବେଦ ସଙ୍ଗୀତ ଆଉ ଶୁଣାଯାଏ ନାହିଁ । ସେ ଗୌରବର ମହିମା ଆଉ କିଏ କହିବ ? ହୁଏତ ଯୁଗଯୁଗାନ୍ତ ତଳର ସହି ମଶାଣିର ପରିତ୍ୟକ୍ତ ବିଚ୍ଛିନ୍ନ ଅସ୍ଥିଖଣ୍ଡମାନ ଜୀବନ ପାଇ ଉଠି ପାରିଲେ କହନ୍ତେ ବା ସେହି ଯେଉଁ ପ୍ରାଚୀନ ତରୁଶ୍ରେଣୀ ମୁଣ୍ଡ ଟେକି ଠିଆ ହୋଇଛନ୍ତି, କଥା କହିପାରିଲେ ସେମାନେ କହି ପାରନ୍ତେ ! ତାହାଛଡ଼ା ଆଉ କେହି ନାହିଁ ଆଉ କେହି ନାହିଁ !

ଅତୀତ ଗୌରବର ସେହି ଏକ ଯଜ୍ଞ ବେଦୀ ତଳର କଥା ଏ । ସେଠାର ଦୀପ ଲିଭିଯାଇଛି, ସେଠାର ବାଣୀ ଲୁଚି ଯାଇଛି, ସେଠାର ସ୍ୱପ୍ନ ଭାଙ୍ଗି ଯାଇଛି । ଆଉ ଅଛି କଣ ? ଅଛି କେବଳ ଦୁଇପାଖେ ଦୁଇଟା ପ୍ରେତପୁରୀ । ଘରଗୁଡ଼ାକ ବୋଧ ହୁଏ ଅତୀତ ମହିମା ଝୁରି ଝୁରି ଦୁଇପାଖେ ଲସିଯାଇ ଭୂଇଁ ସଙ୍ଗେ ମିଶିବାକୁ ଚେଷ୍ଟା କରୁଛନ୍ତି; କେତେ ଲସି ଗଲେଣି ମଧ । ବାକୀ କେତୋଟି ସଂସାରର ଧନ ଗୌରବରେ ଆଉ କିଛି କାଳ ଆପଣାକୁ ରକ୍ଷା କରିବାର ସୁଯୋଗ ପାଇଛନ୍ତି ମାତ୍ର !

ବ୍ରତ-ଉତ୍ସବ ହେଉଥିଲା ଏହିପରି ଏକ କୁଟୀର ଘରେ । ଆଉ, ମୃତ୍ୟୁ-ଲୀଳା ଚାଲିଥିଲା ଏହିପରି ଏକ ଅଟ୍ଟାଳିକାର ଘରେ ।

କେତେବେଳେ ନଡ଼ିଆ ବରଡ଼ାର ଝୁମୁଣ୍ଡିଆ ତଳେ ଶଙ୍ଖ ମହୁରି ବାଦ୍ୟରୋଳ ଭିତରେ ବାଳକ କଣ୍ଠରୁ ମଧୁର ସ୍ୱର ଉଠିଲା—"ଭବନ୍ ଭିକ୍ଷାଂ ଦେହି ···"; ତେବେଣେ ସେ ପାଖେ ଗଗନଦେଶ ବିଦୀର୍ଣ୍ଣ କରି ହାହାକାର ଚିତ୍କାରଧ୍ୱନି ଉଠିଲା—"ଚାଲିଗଲୁ କିଲୋ ମାଆ !"

( ୩ )

ଗୋପୀନାଥ ବେଦୀରେ ଆଉ ରହିପାରିଲେ ନାହିଁ । ଏ ପର୍ଯ୍ୟନ୍ତ ଯେ ପୁଅର ବ୍ରତୋତ୍ସବରେ ସେ ମନ ଦେଇ ରହିଥିଲେ, ତା ନୁହେ । ତାଙ୍କର ଦେହଟା ଥିଲା କେବଳ ବ୍ରତଉତ୍ସବ ଭିତରେ, ମନଟା ଥିଲା ଯାଇ ଶଯ୍ୟାଗତା ରୋଗିଣୀ ପାଖେ ।

ସେହି ଶଯ୍ୟାଶାୟିନୀ ବୃଦ୍ଧା ଗୋପୀନାଥଙ୍କ ଆତ୍ମୀୟା । ଭାଗ୍ୟ ଚକ୍ରରେ ପଡ଼ି ଗୋପୀନାଥ ସଂସାରରେ ନିଃସ୍ୱ ହୋଇପଡ଼ିଲେ । ଶେଷକୁ ୨୭ ସାଲ ଦୁର୍ଭିକ୍ଷରେ ପୁଅ ସ୍ତ୍ରୀଙ୍କ ମୁହଁରେ ତୋରାଣି ଦେବାପାଇଁ ବୃଦ୍ଧାଙ୍କଠାରୁ ପଚିଶ ଟଙ୍କା କରଜ ଆଣି ଶେଷରେ ଶେଷ ସମ୍ବଳ ଦୁଇମାଣ ଜମିକୁ ବନ୍ଧକ ଲେଖି ଦେଇଥିଲେ । ସେହି ବନ୍ଧକ ତମସୁକ ଫେରି ପାଇବା ପାଇଁ ଗୋପୀନାଥ

ବହୁବାର ବୁଝାଉଛନ୍ତି; କାନ୍ଦୁଛନ୍ତି ମାତ୍ର ବୁଢ଼ାଙ୍କ ପୁଅ ସୋମନାଥଙ୍କ ଆପତ୍ତିରେ ତାହା ହୋଇପାରିଲା ନାହିଁ । ବୁଢ଼ାଙ୍କର ଇଚ୍ଛା ଥିଲା, କୌଣସିମତେ ଗୋପୀନାଥଙ୍କୁ ସଂସାରରେ ରଖିବେ । ସୋମନାଥ ଚାହୁଁଥିଲେ, ଦୁଇମାଣ ଜମିକୁ କୌଣସିମତେ ନିଜ ଜମିରେ ମିଶାଇ ବିଭବର ପରିସର ଟିକିଏ ବଢ଼ାଇବେ । ଏହି ସଂଘର୍ଷ ଫଳରେ ଦରିଦ୍ର ଗୋପୀନାଥ ବିଭବଶାଳୀ ସୋମନାଥଙ୍କ ଘରଠାରୁ ବହୁଦିନ ଦୂରରେ ଥିଲେ । ଏପରି କଥାବାର୍ତ୍ତା ପର୍ଯ୍ୟନ୍ତ ମଧ୍ୟ ଚାଲିଲା ନାହିଁ ।

ଶେଷ ମୁହୂର୍ତ୍ତର ଶେଷ କ୍ରନ୍ଦନରୋଳ ଶୁଣି ଗୋପୀନାଥଙ୍କ ମନ ଆଉ ସ୍ଥିର ରହିପାରିଲା ନାହିଁ । ସେ ଧଡ଼୍‌କରି ବେଦୀରୁ ଉଠି ପାଗଳଙ୍କ ପରି ସିଧା ସିଧା ଯାଇ ସୋମନାଥଙ୍କ ଘରେ ପହଞ୍ଚି ବୁଢ଼ାଙ୍କ ମୃତ୍ୟୁଶଯ୍ୟା ପାଖେ ମୁଣ୍ଡ ବାଡ଼େଇ ଗଡ଼ିଗଲେ । କହିଲେ—"ଆହା, ମା,···ଚାଲିଗଲ...।"

ଏହି ପଦକରେ ଗୋପୀନାଥଙ୍କର ସହସ୍ର ସୁପ୍ତ ସ୍ମୃତି ପୁଣି ପ୍ରାଣରେ ଜାଗି ଉଠିଲା । ଯେତେବେଳେ ସେ ନିତାନ୍ତ ଶୈଶବରେ ପିତୃମାତୃହୀନ ହୋଇପଡ଼ିଥିଲେ ଏହି ବୁଢ଼ୀ ତାଙ୍କୁ କୋଳକୁ ନେଇ ଜୀବଦାନ ଦେଇଥିଲେ । ଜୀବନର ୨୦ ବର୍ଷଯାଏ ସେ ତାଙ୍କୁ ପବିତ୍ର ବାତ୍ସଲ୍ୟରସରେ ପାଳି ଶେଷରେ ସଂସାର ଭିତରେ ଗୃହସଂସାର ଗଢ଼ି ଛାଡ଼ିଦେଲେ । ଆହା, ବୁଢ଼ୀ ଥିଲେ ତାଙ୍କ ଜୀବନର ଦେବୀ, ହୃଦୟର ଆନନ୍ଦମୟୀ ମୂର୍ତ୍ତି ।

ଗୋପୀନାଥ ଭାବି ପାରିଲେ ନାହିଁ··ମା' କି ସତେ ପୁଅକୁ ଭସାଇ ଦେଇ ଚାଲିଗଲା ! ଗଲାବେଳେ କିଛି କହିଗଲା ନାହିଁ ·····ଗୋପୀନାଥ ଖାଲି ଲୁହ ଗଡ଼େଇଲେ ।

କୋକେଇରେ ଶବ ମଶାଣିକି ଗଲା ପରେ ଗୋପୀନାଥ ଘରକୁ ଫେରି ଦେଖିଲେ ଏପାଖେ ଆଉ ଏକ ଚହଲ ପଡ଼ିଛି । ତାଙ୍କର ବନ୍ଧକ ତମସୁକଟି ବୁଢ଼ୀ ମୃତ୍ୟୁ ପୂର୍ବରୁ କାହା ହାତରେ ବ୍ରତବେଦୀରେ ଭିକ୍ଷା ଦେବାପାଇଁ ପଠାଇ ଯାଇଛନ୍ତି ।

❀

କଥାଟା ଶୁଣି ଗୋପୀନାଥ ଥକା ହୋଇ ବସିପଡ଼ିଲେ । ତାଙ୍କ ଜୀବନକୁ ପୂର୍ଣ୍ଣ କରି, ତାଙ୍କ ପ୍ରାଣକୁ ଧନ୍ୟକରି ସ୍ନେହମୟୀ ଜନନୀରୂପରେ ସେହି ବୃଦ୍ଧାଙ୍କର ଉଜ୍ଜ୍ୱଳ ମୂର୍ତ୍ତି ତାଙ୍କ ଆଖି ଆଗରେ ଖେଳିଗଲା । ପାଟିରୁ ପଦେ ମାତ୍ର ବାହାରିଲା—"ମା, ତଦେ ହେଲେ କହିଗଲ ନାହିଁ ।"

ଶ୍ମଶାନର ତୀବ୍ର ଶିଖା ଯେତେବେଳେ ଜହ୍ନା ହଲାଇ ଖେଳି ଉଠିଲା, ଗୋପୀନାଥ ପାଗଳ ପରି ଦୂର ପୋଖରୀ ହୁଡ଼ାରେ ଠିଆହୋଇ ସେହି ଚିତାନଳ ପ୍ରତି ପ୍ରାଣର ନମସ୍କାର ଜଣାଉଥିବାର ଲୋକେ ଦେଖିଲେ ।

## ମୁଣ୍ଡା ଶାହାଡ଼ା

ସେ ଯୁଗର ରାମଚନ୍ଦ୍ର ସୁନାର ମୂର୍ତ୍ତିକୁ ସୀତା ବୋଲି ଗ୍ରହଣ କଲେ, କେହି, ହେଲେ ଆପତ୍ତି କଲେନାହିଁ; ମାତ୍ର ଗଙ୍ଗା ନାହାକ ଯେଉଁଦିନ ଗୋଟାଏ ଶାହାଡ଼ାଗଛକୁ ତାର ପ୍ରଣୟିନୀ ବୋଲି କହି ଘନ ଘନ ଚୁମ୍ବନ ଦେବାକଥା ଗ୍ରାମଆଡ଼େ ରାଷ୍ଟ୍ରହେଲା, ଲୋକେ ତାକୁ କହିଲେ ପାଗଳ । କାରଣ ରାମଚନ୍ଦ୍ର ଥିଲେ ଅଯୋଧ୍ୟାର ରାଜା, ଆଉ ଆମର ଗଙ୍ଗା ନାହାକ ହେଲା ଏ ଯୁଗର ବାଜପୁର ଗାଁର ଏକ ବଗିଚାର ମାଳୀ ! !

ବଗିଚାରେ କେତେପ୍ରକାର ଗଛ ଅଛି । ଜାଇ, ଯୂଇ, ମଲ୍ଲୀ, ମାଳତୀଠାରୁ ଆରମ୍ଭ କରି ଜାମୁ, କମଳା, ସପେଟା, ଲେମ୍ବୁ ପର୍ଯ୍ୟନ୍ତ ରହିଛି । ଫୁଲଗଛ ଅଛି, ଫଳଗଛ ମଧ୍ୟ ଅଛି । ଫୁଲ ଫଳ କିଛି ନଥାଇ ରଙ୍ଗନ୍-ଗଛ ମଧ୍ୟ ଶୋଭା ପାଉଛି । ଏସବୁର ସାର୍ଥକତା ଅଛି । ଫୁଲର ସୁବାସ ଅଛି ଫଳର ସ୍ୱାଦ ଅଛି, ପତ୍ରର ସୌନ୍ଦର୍ଯ୍ୟ ଅଛି; ମାତ୍ର ଗୋଟିଏ କଥା ବୁଝି ହେଲା ନାହିଁ, କି କାରଣରୁ ଗଙ୍ଗା ନାହାକ ଏଡ଼େ ବଡ଼ ବଗିଚା ଭିତରେ ଗୋଟିଏ ଶାହାଡ଼ାଗଛ ପାଳିଛି !

ସେହି ଶାହାଡ଼ାଗଛଟାକୁ ଖାଲି ଶାହାଡ଼ାଗଛ କହିଦେଲେ ଚଳିବ ନାହିଁ, ତାହା ଏକ ମୁଣ୍ଡା ଶାହାଡ଼ା । ଦେଖିଲେ ଜଣାପଡ଼େ ତାହା ଯେପରି ଦୈତ୍ୟଯୁଗର ଏକ ଭୂତ ! ଗଣ୍ଡିରେ ଖାଲି ଗଣ୍ଡି ପରେ ଗଣ୍ଡି ଉପରକୁ ଛତା ଟେକିଲି ପରି କେତେ ଗୁଡ଼ିଏ ଖଣ୍ଡିଡାଳ ଦେହରେ ଖାଲି ଗ୍ରେଣ୍ଟ ଗ୍ରେଣ୍ଟ ପଡ଼ି । ସତେ ଅବା ଭୂତଟା କେତେକାଳ ହେଲି ମୁଣ୍ଡରେ ତେଲହାତ ନ ମାରି, ବାଳ ନ ସଜାଡ଼ି ସେହିପରି ଠିଆ ହୋଇଛି ।

ମୁଣ୍ଡା ଶାହାଡ଼ା ! —କେତେ ଯୁଗର, କେହି ତାହା ଜାଣନ୍ତି ନାହିଁ । ଗାଁର ସବୁଠାରୁ ବୁଢ଼ାଙ୍କୁ ତାଙ୍କର ଇତିହାସ ପଚାରିଲେ ସେ କହନ୍ତି ଯେ, ତାଙ୍କ ଗୋସେଇଁବାପେ କେବେ ଥରେ ସେହି ଗଛକୁ ବାହା ହୋଇ ତୃତୀୟପକ୍ଷ ଗ୍ରହଣ କରିଥିଲେ, ଆଉ ସେ କହୁଥିଲେ ତାଙ୍କ ପୂର୍ବରୁ ଅନେକ ଲୋକ ତାହାର ମୂଳେ ଅନେକ ହାତଗଣ୍ଠି ପକାଇ ବାହା ହୋଇଛନ୍ତି । ତେଣୁ ଗଛଟାକୁ ଦେଖିଲେ ଖାଲି ଯେ ତାର ରୁକ୍ଷ ଅସୁନ୍ଦର ବିକଟ ରୂପ ଆଖିରେ ପଡ଼େ ତାହା ନୁହେଁ, କେତେଗୁଡ଼ିଏ ପ୍ରଣୟର ପତଳା ପରଦା କାଳର କେତେ ବର୍ଷ-ତରଙ୍ଗ ଭେଦ କରି ନବ ନବ ରୂପରେ ଆଖି ଆଗରେ ଛାୟା ପରି ନାଚିଯାଏ । କି ଚମତ୍କାର !

ସତ୍ୟଯୁଗର ଗଛ ! କିଏ କହିବ ? ସେ ଯେବେ କଥା କହୁଥାନ୍ତା ଅନେକ ଲୋକର ଅନେକ ରହସ୍ୟ ଜଣା ପଡ଼ନ୍ତା । ପ୍ରଣୟର ବହୁମୁଖୀ ସ୍ରୋତର ଗତି ସେ ଦେଖାଇ ପାରନ୍ତା !

ସେ କିଛି କହେ ନାହିଁ—ସେ କେବଳ ଲୀଳା ଦେଖେ । ଦେଖେ ତାହାର ମୂଳେ ପ୍ରଣୟର କେତେ କେତେ ଲୀଳା ଚାଲିଛି । ଦାସେ ହସୁଛନ୍ତି, ପରିଡ଼େ ଆସୁଛନ୍ତି, ମହାନ୍ତିଏ ଆସୁଛନ୍ତି—ତାହାର ପାଖେ ଠିଆ ହୋଇ କାହାର ଲାଲ ଟୁକ୍ ଟୁକ୍ ମଧୁର ଅଧର କଳ୍ପନା କରି, କାହାର ଘନକୃଷ୍ଣ କେଶଗୁଚ୍ଛ ମାନସ-ଚକ୍ଷୁରେ ଦେଖି, କାହାର କୋମଳ କରପଲ୍ଲବର ସ୍ପର୍ଶ କଳ୍ପନାରେ ଅନୁଭବ କରି ତାକୁହିଁ ସାକ୍ଷୀ ରଖି ସମସ୍ତେ ଚାଲିଯାଉଛନ୍ତି !

ପ୍ରଣୟର ସାକ୍ଷୀ, ପରିଣୟର ସାକ୍ଷୀ, ଯୁବତୀର ସାକ୍ଷୀ, ବୃଦ୍ଧର ସାକ୍ଷୀ, ଭଙ୍ଗୁର ସଂସାରର ଭଙ୍ଗୁରତାର ସାକ୍ଷୀ ସେହି ଅବହେଳିତ ମୁଣ୍ଡାଶାହାଡ଼ା । ସେ ବଗିଚାର ଏକ ପୁଣ୍ୟମୟ କୋଣାର୍କ କହିଲେ ଚଳେ । ଓଡ଼ିଶାର ମହାରାଣୀ ମାୟାଦେବୀଙ୍କ ସ୍ମୃତି ଉପରେ କୋଣାର୍କ ତିଆରି ହେଲା; ମାତ୍ର ମୁଣ୍ଡାଶାହାଡ଼ା ମୂଳେ ଯେ କେତେ କେତେ ମାୟାଦେବୀ ସ୍ମୃତିରୂପେ ରହିଛନ୍ତି, କିଏ ଗଣନା କରି କହିବ ? ତାଜମହଲର ପ୍ରତି ପଥର ଖଣ୍ଡରେ ପ୍ରେମିକ ପ୍ରଣୟର ଛବି ଦେଖନ୍ତି, ମାତ୍ର ବାଳପୁର ବଗିଚାର ମୁଣ୍ଡାଶାହାଡ଼ା ଗଛର ପ୍ରତି ପତ୍ରେ ପତ୍ରେ କେତେ ଯେ ପ୍ରଣୟ ନିଃଶ୍ୱାସ ପୂରି ରହିଛି, ତାହା ସେପାଖେ ଯିବା ଆସିବା କରୁଥିବା କେହି ପ୍ରଣୟ-ପାଗଳ ଆଦୌ ଅନୁଭବ କରିପାରେ ନାହିଁ । ମନୁଷ୍ୟ କି ବୋକା !

ତରୁ ସଂସାରର ମୁଣ୍ଡା ଶାହାଡ଼ାକୁ ମାନବ-ସଂସାରର ମୁଣ୍ଡା ଶାହାଡ଼ା ଗଙ୍ଗା ନାହାକ କେବଳ ଚିହ୍ନେ । ଗଙ୍ଗାର ବୟସ କେତେ ଗଙ୍ଗା ତ ଜାଣେ ନାହିଁ, ସେହି ଦଶ ପାଞ୍ଚଖଣ୍ଡ ଗାଁ ଲୋକେ ମଧ କହି ପାରନ୍ତି ନାହିଁ । ତାର ଗ୍ରନ୍ଥିଳ ଦେହ ଉପରେ ମୁଣ୍ଡଟା ଗୋଟେ ବଡ଼ ଛତା ପରି—ସତେ ଯେପରି ଗୋଟେ ଚଳନ୍ତି ମୁଣ୍ଡା ଶାହାଡ଼ା ! ତାର କଥା ବାର୍ତ୍ତା, ତାର ବେଶଭୂଷା ଅଦ୍ଭୁତ ! କେତେ ବର୍ଷ ହେଲା ଖରା, ବର୍ଷା, ଶୀତ କାକର ତା ସଙ୍ଗେ ଲଢ଼ି ଲଢ଼ି ପରାସ୍ତ ହୋଇଛନ୍ତି । ରାତିରୁ ରାତିଯାଏ ସେ ବଗିଚାରେ ରହେ, ଗଛଗୁଡ଼ାକୁ ମଣିଷ ପରି ପାଳେ ।

ଏହି ମୁଣ୍ଡା ଶାହାଡ଼ା ଗଙ୍ଗା ନାହାକକୁ ଲୋକେ ପାଗଳ କହିବାର ଅନେକ କାରଣ ଅଛି । ବଗିଚା ଭିତରେ ଯେତେ ଯେତେ ଗଛ ଅଛି, ଗଙ୍ଗା ସେ ସବୁ ଗଛକୁ ମଣିଷର ନାଁ ଦେଇ ଡାକେ । ସତେ ଯେପରି ସେଗୁଡ଼ାକ ତାର ପିଲାପିଚିକା ! କାହା ନାଁ ରାମ, କାହା ନାଁ ଭଗିଆ, କାହା ନାଁ ମଦନା, କାହା ନାଁ ଗୋପୀ, କାହା ନାଁ ହରି, ମୁଣ୍ଡା ଶାହାଡ଼ା ଗଛଟିକୁ ସେ ଡାକେ "ଚମ୍ପା" ବୋଲି ।

ଶାହାଡ଼ା ପଛଟାକୁ ଚମ୍ପା ବୋଲି କହିଲେ ଅନେକେ ଆଶ୍ଚର୍ଯ୍ୟ ହେବେ । ଶୁଣିବାକୁ ମଧ୍ୟ ନିତାନ୍ତ ଅସୁନ୍ଦର । ମୂକ ଗଛଗୁଡ଼ାକ ବୋଧହୁଏ ଚମ୍ପାଗଛ ପ୍ରତି ଏହି ଘୋର ଅପମାନରେ ବିଦ୍ରୋହୀ ହୋଇ ଉଠୁଥିବେ, ମାତ୍ର ଗଙ୍ଗା କେବେହେଲେ ତାର ମତ ବଦଳାଏ ନାହିଁ ।

ଏ କଥା ଦେଖି ଲୋକେ କହନ୍ତି—"ପାଗଳ ଗଙ୍ଗା, ବାୟା ଗଙ୍ଗା ।"

ଗଙ୍ଗା ସବୁ ଓଲଟା କଥା କରେ । ବଡ଼ି ସକାଳୁ ମୁଣ୍ଡାଶାହାଡ଼ା ମୂଳଟି ଓଳାଇ ଦେଇ ତାର ଶୁଖିଲା ପତ୍ରଗୁଡ଼ିକ ଝାଡ଼ିଦେଇ ଆଗ ତାକୁ ବୁହାଟେ କୁଣ୍ଢାଇ ପକାଏ । ତା ପରେ ତା ସଙ୍ଗେ କଥାବାର୍ତ୍ତା ଚଳାଏ । କହେ—"ଚମ୍ପା, ଚମ୍ପା, ସତ କହ; ଥରେ ସତ କହ, ଲୋକେ ଭଲ କି ମୁଁ ଭଲ । ତୁ ପରା ସାକ୍ଷୀ ମୋର—ତୁ ନ କହିଲେ କିଏ କହିବ ?" ଏହା କହି ଗଛଟାକୁ ଘନ ଘନ ଚୁମ୍ବନ ଦିଏ ।

ଶାହାଡ଼ା ଗଛଟା ସଙ୍ଗେ କଥା । ଯେ ଶୁଣେ ସେ ହସେ । ଶାହାଡ଼ା ଗଛଟାକୁ ଚୁମ୍ବନ ! ଯେ ଶୁଣେ ସେ ଅବାକ୍ ହୁଏ । ମାତ୍ର ଲୋକଙ୍କର ହସରେ ବା ଥଟ୍ଟାରେ ଗଙ୍ଗାର କିଛି ଯାଏ ଆସେ ନାହିଁ । ଆଖି ବୁଜିଲା ପରି ତା କାର୍ଯ୍ୟ ସେ କରି ଯାଉଥାଏ ।

ଦିନେ ଗଙ୍ଗା ସହିତ ଦେଖା ହେଲା । ପଚାରିଲି—"ଗଙ୍ଗା, ଏ ବଗିଚାରେ ସବୁଠାରୁ ଭଲଗଛ କିଏ ?"

ଗଙ୍ଗା କହିଲା—"ଚମ୍ପା ।"

"ଚମ୍ପା ?"

"ହଁ, ବାବୁ"—କହି ସେ ଆଗେ ଆଗେ ଚାଲିଲା । ମୁଁ ତା ପଛେ ପଛେ ଚାଲିଲି । ସେ ଗୋଟାଏ ନିର୍ଧୂମ ଶାହାଡ଼ାଗଛ ମୂଳେ ଠିଆ ହୋଇ କହିଲା—"ଦେଖିଲ ବାବୁ ! ଦେଖ ।"

ଅବାକ୍ ହୋଇ ଗଛଟାକୁ ଚାହିଁ ରହିଲି । ଚମ୍ପା ଗଛ ? କାହିଁ ?

ସେ କହିଲା—"ଚହ୍ନିପାରୁନ ବାବୁ ? ଏଇ ପରା—"

କହିଲି—"ଦୂର୍ ପାଗଲ, ଏ ତ ଗୋଟାଏ ମୁଣ୍ଡାଣାହାଡ଼ା ।"

ମୋ କଥା ଶୁଣି ଗଙ୍ଗା ଖାଲି ଠୋ ଠୋ ହସିଉଠିଲା । ସେ କି ଉଦ୍ଦାମ-ହାସ୍ୟରୋଳ । ହସି ହସି ସେ ଗଛକୁ ଢଳି-ପଡ଼ିଲା, ଆଗକୁ ଝୁଙ୍କି ପଡ଼ିଲା ; ଗଛଟାକୁ କୁଣ୍ଢେଇ ଧରି ହସିଲା-ଖାଲି ହସିଲା ।

ହସ ତାର ବନ୍ଦ ହେଲା; ମାତ୍ର ସେ କଣ ଭାବିଲା ପରି ଗଛଟାକୁ ଜାକିଧରି ଅନେକ ସମୟ ନୀରବରେ ଠିଆହେଲା । କିଛି ରହସ୍ୟ ବୁଝି ନ ପାରି ପଚାରିଲି—

"ଗଙ୍ଗା, ଏ କଣ ?"

ମୁହଁକୁ ଗମ୍ଭୀର କରି ଗୋଟାଏ କିଛି ଗୁରୁତର କଥାର ଉପକ୍ରମ କଲାପରି ସେ କହିଲା—

"ଶୁଣି ପାରୁନ ବାବୁ ? ମୋର ଚମ୍ପା କଣ କହୁଛି, ଶୁଣି ପାରୁ ନ ? ସେ କହୁଛି— ଆସିଲେ ଢେନେ ଦାସଘର ବଡ଼ ପୁଅ । ମୋର ଦୁଆରେ ବାଦ୍ୟ ବାଜିଲା, କାହାଳୀ ବାଜିଲା, ମୁଁ ରହିଲି ସାକ୍ଷୀ । ବର୍ଷକ ପରେ ଦେଖିଲି, ମୁଁ ଯାହାପାଇଁ ସାକ୍ଷୀ ଥିଲି, ତାକୁ ସେଇ ଦାସଘର ପୁଅ କାଳୀଟା ବୋଲି ବାଡ଼େଇ ବାଡ଼େଇ ମାରିଦେଲା । ଥରେ ଆସି ଥିଲେ ଗୁଡ଼ିଆ ଘରର ବୁଢ଼ା । ପାଞ୍ଚଟି ବାଳିକାର ହାତ ଧରିଲା ପରେ ସେ ମୋର ପାଖରେ ଆସି ଠିଆହେଲା । ଓହୋ ! ସେ ଚିଅଟି ସେଥର ଉଖୁଡ଼ା ଚଟୁରେ ମାଡ଼ ଖାଇ ଖାଇ ମଲା । ପଲେଇ ଘରର ବୁଢ଼ା, ପଧାନ ଘରର ସାନ, ସାମଲ ଘରର ମଝିଆଁ—କଣ କହିବି, କେତେ ବା କହିବି ? ଲୋକେ କହନ୍ତି, ସଂସାରରେ ପୁରୋହିତ ବୋଲି

ଜଣେ କିଏ ଅଛି ! ପୋଡ଼ିଯାଉ ସେ ପୁରୋହିତ । ମନ୍ତେ ସାକ୍ଷୀ ରଖି ଆଗ ପଛ ନ ବୁଝିର ସେ ସମସ୍ତଙ୍କୁ ଆଣି ମୋର ପାଖେ ଠିଆକଲା । ଥରେ ନୁହେ, ଦିଥର ନୁହେଁ, ଚାରି ପାଞ୍ଚ ଥର ଲେଖାଏଁ ମୁଁ ସେହିମାନଙ୍କ ସାକ୍ଷୀ ।”

ଗଙ୍ଗା ନାହାକର ଏ ବକ୍ତୃତା ଶୁଣି ମୁଁ ଅବାକ୍ ଭାବରେ ଠିଆ ହେଲି । ଭାବିଲି—ଏ କଣ ସ୍କୁଲରେ କ୍ଲାସରେ ଇତିହାସ ପଢ଼ାଉଛି ନା କଣ ? ପାଗଳ ବୁଢ଼ା କି ଜୀବନର ଏତେ କଥା ଅନୁଭବ କରିପାରେ ?

ପଚାରିଲି—“ଆଚ୍ଛା ଗଙ୍ଗା, ଚମ୍ପା ତ ସମସ୍ତଙ୍କ କଥା କହୁଚି, ତମ କଥା ଭଲା କଣ କହୁଚ ?”

“ମୋ କଥା ? ମୋର ଚମ୍ପା ସେ, ମୋ କଥା କହିବ ନାହିଁ ?”

“କହ ଭଲା ଶୁଣେ ।”

ବୁଢ଼ା ଗଙ୍ଗା ଯେ ଗଳ୍ପ କହିଲା, ଶୁଣି କାଠ ହୋଇଗଲି । ସେହିଦିନୁ ବୁଝିଲି, ମଫସଲ ବାଜପୁରର ଅବହେଳିତ ମାଲୀ ଗଙ୍ଗା ନାହାକ ବୁଢ଼ା ପାଗଳ ନୁହେଁ—ସେ ଏକ ପ୍ରକାଣ୍ଡ ତାଜମହଲର ମାଲିକ—ଏକ କୋଣାର୍କର ଅଧିକାରୀ । ଗଳ୍ପଟା ହେଉଛି—

ଗଙ୍ଗାକୁ ଯେତେବେଳେ କୋଡ଼ିଏ ବର୍ଷ ବୟସ, ତାର ବାହାପାଇଁ ବାପ ମା କନ୍ୟା ଖୋଜିଲେ । କେତେ ଆଡ଼ୁ କେତେ ପ୍ରସଙ୍ଗ ଆସିଲା । ଗଙ୍ଗା ଏ ହାତରେ, ତା ହାତରେ ସବୁ ପ୍ରସଙ୍ଗକୁ ନାହିଁ କରିଦେଲା । ବାପ ମା କେତେ ଗାଳି ଦେଲେ, ଶେଷକୁ ଆଉ କିଛି ଦିନ ଅପେକ୍ଷା କରି ତୁନି ହୋଇ ରହିଲେ ।

ଗଙ୍ଗା ଚାକିରି କରୁଥିଲା ମଳପଡ଼ା ସରବରାକାରଙ୍କ ଘରେ । ଚାକିରି ଭିତରେ ତାକୁ ଘରର ଜଣେ ମଣିଷ ପରି ସବୁ କାମ କରିବାକୁ ପଡ଼ୁଥିଲା ।

ସରବରାକାରଙ୍କ ଝିଅ ଚମ୍ପା ଦିନେ ଗଙ୍ଗାକୁ ଗୋପନରେ ଆସି କହିଲା—“ଗଙ୍ଗା, ତୁ ଜଣକୁ ମାରି ପାରିବୁ ?”

ଗଙ୍ଗା କହିଲା, "ନା, ମୋ ହାତରେ ସେ କାମ ହବ ନାହିଁ ।"

ଚମ୍ପା ତା ହାତଟାକୁ ଧରି ପକାଇ ରୁଦ୍ଧକଣ୍ଠରେ କହିଲା—"ମୋତେ ମାରି ପାରିବୁ ନାହିଁ ? ମତେ ଆଉ ଜଣେ ମାଇଲେ ତୁ ସମ୍ଭାଳିବୁ ?"

ଯୁବତୀର କଥା ଗଙ୍ଗା ମନକୁ ଠିକ୍ ଏ ଲାଗିଲା । ସେ ଜାଣିଲା ଯେ, ଚମ୍ପା ପାଇଁ ଯେଉଁ ଅଶୀବର୍ଷର ପଞ୍ଚମ ପକ୍ଷ ବର ସାଙ୍ଗେ ବାହା କଥା ଉଠିଛି, ତାହାରି ଫଳ ଏ । ତା ମନରେ ଭାବାନ୍ତର ପହଞ୍ଚିଲା ।

ଚମ୍ପା ଗଙ୍ଗାର ଆହୁରି ପାଖକୁ ଲାଗିଯାଇ କହିଲା—"ତୁ ରେଙ୍ଗୁନ ଦେଖିଛୁ···? ମୁଁ ଯିବି ଆଉ ତୁ ଯିବୁ ।"···

ସେ ରାତିରେ ଗଙ୍ଗା କେବଳ ସ୍ୱପ୍ନ ଦେଖିଲା ଚମ୍ପାକୁ । ଚମ୍ପା କେବଳ ଆଶା ରଖିଲା ଗଙ୍ଗାଠାରେ ।

ଦିନ ଦିନ କରି କେତେ ଦିନ ଗଲା । ଚମ୍ପା ନାଁ ଶୁଣିଲେ ଗଙ୍ଗା ଅନ୍ୟମନସ୍କ ହେଲା, ଗଙ୍ଗାକୁ ଦେଖିଲେ ଚମ୍ପାର ଦେହ ମୁଣ୍ଡ ଶୀତେଇ ଉଠିଲା । ଗଙ୍ଗା ଘରର ଆଉ କାହା ପ୍ରତି ବିରକ୍ତ ହୋଇପାରେ; ମାତ୍ର ଚମ୍ପା ପ୍ରତି ନୁହେଁ···।

ଦୁଇଟା ତରୁଣ ପ୍ରାଣରେ କ୍ରମେ ଏକାବେଳକେ ଏକା ତାଳରେ ନିଶ୍ୱାସ ବହିଲା—ଏକାବେଳକେ ନିଶ୍ୱାସ ଉଠିଲା ।

ପଞ୍ଚମ ପକ୍ଷ ବର ପ୍ରସଙ୍ଗ ପବନ ପରି ସେ ଆଡ଼୍ ମାଡ଼ି ଆସିଲା, ଏଣେ ଏ ଯୁଗର ପ୍ରାଣ ପବନ ପରି ଚଳଚଞ୍ଚଳ ହୋଇଗଲା । ରାତିରେ ଦେଖା ହେଲା, ଦିନରେ ଦେଖା ହେଲା, ଦୁହେଁ ଦୁହିଁଙ୍କୁ ଖୁବ୍ ନିକଟରେ ଚହ୍ନିଲେ ।

ଲୋକେ କହିବେ ଯାକୁ ଘୋର ଅନ୍ୟାୟ ! !

ଯା ପଛେ ପଛେ ଆସିଲା ପଞ୍ଚମ ପକ୍ଷ ବର ସଙ୍ଗେ ଷୋଡ଼ଶୀର ଗ୍ରନ୍ଥି-ବନ୍ଧନର ଦିନ; ମାତ୍ର ବେଦୀ ଅପୂର୍ଣ୍ଣ ରହିଲା—ଉତ୍ସବ ଅଧାରେ ରହିଲା ।

ବିଶ୍ୱଦିନର ପୂର୍ବ ରାତ୍ରରେ ଦେଖାଗଲା, ଚମ୍ପା ଘରେ ନାହିଁ । ସେ ରାତି ରାତି ଗାଁ ସୀମା ପାରହୋଇ ଏକ ଶାହାଡ଼ା ଗଛରେ ଦଉଡ଼ି ଖଣ୍ଡିକରେ ଓହ୍ଲାଇଛି !

ଯା ପରେ ଗଙ୍ଗାର କଥା । ଗଙ୍ଗା ଆଉ ବାହା ହେଲା ନାହିଁ । ସେ ଆସି ବଗିଚାର ମାଲୀ ହୋଇ ଚାକିରି କଲା । ଆଉ ଚମ୍ପା ଶୋଇଥିବା ଶାହାଡ଼ା ଗଛ ମୂଳେ ତା ଜୀବନର ପ୍ରଣୟ-ଦୀପ ଜାଳିଦେଲା । ଲୋକେ ତାକୁ କହିଲେ ପାଗଳ । ସେ ଶାହାଡ଼ା ଗଛକୁ ଡାକିଲା—"ଚମ୍ପା !"

ସେହି ଦିନୁ ଯେତେବେଳେ ସେହି ବଗିଚା ବାଟେ ଯିବାକୁ ହୁଏ; ପ୍ରଥମେ ସେହି ଶାହାଡ଼ା ଗଛଟାରେ ଆଖି ପଡ଼େ । ଶେଷରେ ସଂସାରର ଏକ କ୍ଷୁଦ୍ର କୋଣରେ ଜଣେ ଯେ ଜଣକ ପାଇଁ ଏପରି ତରୁପତ୍ର ମୃତ୍ତିକା ପାଷାଣ ସୀମା ଭୁଲି ଯାଇପାରେ, ଏହା ଭାବି ଭାବି ଜଡ଼ୀଭୂତ ହେବାକୁ ହୁଏ ।

# ମୁଁ ଯେ ରେଙ୍ଗୁନରୁ ଫେରିଲି

ଦିବସର ଶେଷ ଜୀବନରେ ସନ୍ଧ୍ୟା ଯେତେବେଳେ ଆସି ନନ୍ଦପୁରର ଶ୍ୟାମଳସୁନ୍ଦର ତରୁକୁଞ୍ଜମୟ ଗିରି-ପ୍ରଦେଶରେ ଦେଖାଦେଲା, ସହଦେବ ସେତେବେଳକୁ ବାଟର ବାଟୋଇ—ଘରେ ଆସି ପହଞ୍ଚି ନାହିଁ !

ପଲ୍ଲୀର ସନ୍ଧ୍ୟା । ତାହା ଶୁଣିବାର ନୁହେଁ, ଦେଖିବା କଥା । ଦୂର ପାହାଡ଼ର ଶିଖର-ଦେଶରୁ ଆରମ୍ଭ କରି ଏଣେ ପାଦତଳର କ୍ଷୁଦ୍ର ଘାସଟି ପର୍ଯ୍ୟନ୍ତ ବିରାଟ ପ୍ରକୃତି କନକ-ଜଳରେ ଗାଧୋଇଲା ପରି ଦେଖାଯାଉଥାଏ । ଖଣ୍ଡେ ଖଣ୍ଡେ ମେଘ କେବେ କେବେ ଗୋଠଛଡ଼ା, ଦଳଛଡ଼ା, ବସାଫେରନ୍ତା କୁଆ ବଣୀ ପକ୍ଷୀ ପରି ଆକାଶର ଏ ପାଖେ ସେ ପାଖେ ସେହି କନକ

ସ୍ରୋତରେ ଭାସୁଥାନ୍ତି । ଗଗନରେ ଚହଲ, ଧରଣୀରେ ଉତ୍ସବ—ଏ ସବୁ ପାର ହୋଇ ବାଟୋଇ ସହଦେବର ଅନ୍ତର ଭିତରେ କି ଏକ ମହୋତ୍ସବ ରଚନା ଚାଲିଥିଲା ।

ଖାଲି ଏତିକି ନୁହେଁ, ପଲ୍ଲୀର ପୋଖରୀ କୂଳରେ ପଲ୍ଲୀବାସିନୀ ବାଳିକାଦଳ କେତେ ରଙ୍ଗର କେତେ ଫୁଲ ତୋଳି, କେତେ ହସ, କେତେ ବେଶ ଫୁଟେଇ ଫୁଟେଇ, କାହା ଭୟରେ କାହା ଲୟରେ ତର ତର ହୋଇ ଚାଲିଥାନ୍ତି, ମାତ୍ର ସହଦେବ ସେ ପୋଖରୀହୁଡ଼ା, ସେ ବାଳିକା ମେଳା, ସେ ଶୋଭାର ଭେଳା କିଛି ନ ଦେଖି, ଦେଖୁଥାଏ ଆଉ ଗୋଟିଏ ଛବି । ସେ ଛବି ଠିକ୍ ଦୁଇଟି ଆଖି ଓ ଗୋଟିଏ ମୁହଁ··· ।

ସନ୍ଧ୍ୟା ଯାଇ ଅନ୍ଧକାର ଆସୁଛି; ମାତ୍ର ସହଦେବ ହୃଦୟରୁ ଅନ୍ଧକାର ଯାଇ ଆଲୋକ ଆସୁଛି । ପଶ୍ଚିମର କନକ କିରଣ, ଆକାଶର ମେଘ, ଧରଣୀର ବାଳିକା, କାହା ପ୍ରତି ତାର ଦୃଷ୍ଟି ନାହିଁ—ଅଛି ତାର ଗାଁ ଭିତରେ ଗୋଟିଏ ବଖରା ଘର, ତାର ଭିତରେ ଦୁଇଟି ପାଦ, ଦୁଇଟି ଆଖି, ଦୁଇଟି କମ୍ପିତ କର, ଗୋଟିଏ ଉଦ୍‌ବିଗ୍ନ ହୃଦୟ ।

ସଂସାରର ଠିକ୍ ଏହିପରି ଏକ ସମୟରେ ସହଦେବ ତରତରରେ ପାଦଚାଲି ନନ୍ଦପୁରର ସରବରାକାରଙ୍କ ପଢ଼ିଶା ଘରେ ଯାଇ ପହଞ୍ଚିଲା । ସେତେବେଳକୁ ସରବରାକାର ବାବୁ ତାଙ୍କର ଋଣୀଙ୍କଠୁ କିସ୍ତି ଅସୁଲ ପାଇଁ ସାତଟା ବସ୍ତାନି ବିଡ଼ା ଧରି ପିଣ୍ଡାରେ ବସି ସାରିଥିଲେ । ପିତଳ ଦୀପଟାରେ କାଣ୍ଟି ଜଡ଼ାତେଲ ପଡ଼ି ଦେଢ଼ଇଞ୍ଚ ଉଚ୍ଚରେ ଶିଖା ଟେକି ବତି ଜଳୁଥିଲା । ସେହି ଆଲୋକରେ ତାଙ୍କର ଚକ୍‌କଣ ଅନ୍ତଲ ପେଟଟା ଯାହା କିଛି ବାରି ହେଉଥିଲା । ଖାରୁଆ କନାର ବସ୍ତାନିଗୁଡ଼ାକ ପ୍ରଜାଙ୍କର ଖଜଣା ଭରି ବନ୍ଧ ବନ୍ଧ ନିର୍ଜୀବ ବେଶରେ ମୁଦା ହୋଇ ପଡ଼ି ରହିଥିଲା ।

ସହଦେବ ଆଗ ସେହି ପରିଚିତ ବସ୍ତାନି ବିଡ଼ା ଦେଖି ଚମକି ପଡ଼ିଲା । ସେହି ନଥିବିଡ଼ା ଭିତରୁ କି ଦାରୁଣ ଅଭିଶାପ ବାହାରି ଯେ ତାକୁ ଏତେକାଳ

ପ୍ରବାସୀ କରି ରଖିଥିଲା, କେବଳ ସେହି ଜାଣେ । ସେହି ନଥିବାଡ଼ା ଭିତରେ ଦିନେ ଯେ ତାର ସକଳ ଭାଗ୍ୟଡ଼ୋରି ବନ୍ଧାଥିଲା, ବାହାର ଜଗତ ତାହା ଜାଣେ ନାହିଁ । ତାହାରି ଲାଗି ସେ ମାଣେ ବିଲି ବିକି, ଦୁଇଟା ଦୁଧିଆଳୀ ଗାଈ ବନ୍ଧା ଦେଇ ତେବେକେ ମଧ୍ୟ ଅସ୍ତ୍ର ଧରି ପାରିଲା ନାହିଁ । ଯେବେ ସେ ରେଙ୍ଗୁନ ଯାଇ ମାସକୁ ଦଶ ଟଙ୍କା କରି ପାଞ୍ଚ ବରଷ ଶୁଝି ନ ଥାନ୍ତା, ପୁଣି ଜେଲ୍‌ହିଁ ତାର ହୋଇଥାନ୍ତା ଘର ।

ସହଦେବ ସେହି ରୁମଲୁଗୁ ଅନ୍ଧାର ଭିତରେ ଚମକି ପଡ଼ି ତରତରରେ ଘର ଭିତରକୁ ପଶିଗଲା । ଦୀର୍ଘ ପାଞ୍ଚବର୍ଷ ହେଲା ରେଙ୍ଗୁନରେ ଥାଇ ଫେରିଲାବେଳେ ସେ କପରି ଭାବରେ ଘରକୁ ଆସିବ, ଏ ବିଷୟରେ ସେ ଗତ କେତେ ଦିନ, କେତେ ରାତି ଯେ ଭାବିଥିଲା, ଠିକ ନାହିଁ । ହାତରେ ବୁଜୁଲା ଧରିବ, କି କାନ୍ଧରେ ବୁଜୁଲା ଧରିବ, ଏ ଆଗ କଥା କହିବ, କି ସେ ଆଗ କଥା କହିବ, ଯାଇ ଠିଆହେବ, କି ବସି ପଡ଼ିବ— ଏ ସବୁ ବିଷୟରେ ତାର କଳ୍ପନାର ସୀମା ନ ଥିଲା; ମାତ୍ର ଘର ଭିତରକୁ ପଶିଲାବେଳକୁ ସେ ସବୁ କଥା ରକ୍ଷା କରିବାପାଇଁ ବେଳ ଅଣ୍ଟିଲା ନାହିଁ । ପଶିଯାଇ ସେ ଏକ ଦୀର୍ଘନିଶ୍ୱାସ ଛାଡ଼ିଦେଲା ।

ଫୁଟିଲା ମଲ୍ଲିଫୁଲ ଭିତରେ ଭଅଁର ବସିଲା ପରି ଆଖି ଦୁଇଟିକୁ ଆନନ୍ଦରେ ଫୁଟାଇ ରଖି ଯଶୋଦା ଏକ ବିଚିତ୍ର ଭାବ ଦେଖାଇଲା । ସେହି ଖୋଲାଡ଼ୋଳା ଦୁଇଟାକୁ ଏକ ଲକ୍ଷ୍ୟରେ ସ୍ଥିର ରଖି ସେ ସହଦେବ ମୁହଁକୁ କେବଳ ଚାହିଁ ରହିଲା । କି ଭାବରେ ତାକୁ ସେ ଅଭ୍ୟର୍ଥନା କରିବ; କିଛି ସ୍ଥିର କରି ପାରିଲା ନାହିଁ । ଏଡ଼େ ବେଗେ ଏପରି ଭାବରେ ଯେ ସହଦେବ ଆସି ହାଜର ହୋଇଯିବ, ଏକଥା ତା କଳ୍ପନାର ଶତଲକ୍ଷ ଯୋଜନ ଦୂରରେ ଥିଲା ।

ଯଶୋଦା—ସହଦେବର ସେହି କଳ୍ପନାମୟୀ । ଦେହରେ ତାର ଅଳଙ୍କାର ନାହିଁ, ଆଖିରେ ତାର ଲୁହ ନାହିଁ, ଅଧରରେ ତାର ହାସ୍ୟରେଖା

ସୁଦ୍ଧା ନାହିଁ । ଏ କ'ଣ କୈଳାସନାଥଙ୍କ ଲକ୍ଷ୍ୟରେ ତପୋରତା ମୂର୍ତ୍ତି ! ଆଗରେ ଯଶୋଦାର ଏ ବେଶ ଦେଖି ସହଦେବର ଆଉ ଧୈର୍ଯ୍ୟ ରହିଲା ନାହିଁ । ତାର ସକଳ କଳ୍ପନା ପାଣି ହୋଇଗଲା । ଯେଉଁ ବାହୁ ଦୁଇଟା ଆଲିଙ୍ଗନ ପାଇଁ ପାଞ୍ଚବର୍ଷ ହେଲା ବ୍ୟଗ୍ର ଥିଲା, ତାହା କୋହଳ ହୋଇଗଲା । ଭାବନା ଜଡ଼ ହୋଇ ହୃଦୟର କେଉଁ କୋଣରେ ଜମାଟ ବାନ୍ଧି ରହିଗଲା । କେବଳ କାଠପିତୁଳା ପରି ସେ ଦାଦରା କାନ୍ଥଟାକୁ ଆଉଜି ପଡ଼ିଲା ।

ମାତ୍ର ଯଶୋଦା—ତପୋରତା ପାର୍ବତୀ ସେ । ସେତେବେଳେ ତାର ଆନନ୍ଦର ସୀମା କାହିଁ ? ଦେଖୁ ଦେଖୁ ଆଖି ଓଦା ହୋଇଆସିଲା, କଣ୍ଠ ଅଟକିଲା । କଣ କହିବ, କହିପାରିଲା ନାହିଁ । କେତେ ଦୁଃଖର ତୁଷାରଗିରି ତରଳିଗଲା ସତେ !

ଏ ସବୁ ଦେଖି ସହଦେବ କିନ୍ତୁ ପାପଚିନ୍ତାରେ ବୁଡ଼ିଲା । କ୍ଷୀଣ ଶୁଷ୍କ ପରି ମନରେ ତାର ଭାବନା ଖେଳିଲା—"ବିଧବା ହୋଇପଡ଼ିଲା ! ମତେ ସତେ ଭୁଲିଗଲା··· ।" ପଚାରିଲା—

"ଯଶୋଦା···"

ଲୁହ ଛଳ ଛଳ ଆଖିରେ ଯଶୋଦା ଖାଲି ଚାହିଁ ରହିଲା ।

"ଶେଷକୁ ଏଯା ହେବାକୁ ଥିଲା···"

ଯଶୋଦା କହିଲା—"ହଁ, ଆଗ ଗୋଡ଼ ଖଡ଼ୁଯାକ କାଢ଼ିଲି···"

ପାଞ୍ଚବର୍ଷ ପରେ ପରିଚିତା ମୁହଁରୁ ଏ ପ୍ରଥମ କଥା । ସହଦେବ ଚମକିଲା ପରି ହୋଇ ପଚାରିଲା—"ଆଗ !—ତା ପରେ ? ?"

"ତା ପରେ ହାତରୁ, ଗୋଡ଼ରୁ, ନାକରୁ, କାନରୁ କାଢ଼ିଥିଲି । ଆଜି ତ ମଥାମଣିଟି କାଢ଼ିଛି···"

ସହଦେବ ଆଉ ଧୈର୍ଯ୍ୟ ଧରି ପାରିଲା ନାହିଁ । ପଚାରିଦେଲା—"ତାହା ହେଲେ ଶୁଙ୍ଖଧର··· ?"

ଯଶୋଦା କିଛି ବୁଝିପାରିଲା ନାହିଁ ।
"ଶୁଙ୍କଘର କମିଟି କରିବୁ ବୋଲି ଭାବିଥିଲୁ ?"

ଯଶୋଦାର ମୁହଁରୁ ପାଣି ମରିଗଲା । ସେ ଆତୁରରେ ଧଇଲା ପରି ସହଦେବର ହାତକୁ ଧରି ପକାଇଲା—"କେଡ଼େ କଥା କହିଲ ସତେ, କେଡ଼େ କଥା କହିଲ !"

ଦୁହେଁ ଅନେକ ସମୟ ନୀରବ ।

ତା ପରେ ଯେତେବେଳେ କଥା ଆରମ୍ଭ ହେଲା ସହଦେବ ବୁଝିଲା— ସାମାନ୍ୟ କେତୋଟି ଟଙ୍କାର ଚକ୍ରବୃଦ୍ଧି ହିସାବରେ ସୁଧମୂଳ କଷି ସରବରାକାର ତା ଉପରେ ଯେ ଭାର ଲଦିଥିଲେ, ତା ଶୁଝିବାଲାଗି ସେ ରେଙ୍ଗୁନଠାରୁ ମାସକୁ ମାସ ଦଶଟଙ୍କା କରି ପଠାଇଛି । ଦଶଟଙ୍କା ଲେଖାଏଁ ପାଇଲା ବାଦ୍ ଆଉ ଅଧିକା ଦୁଇ ଟଙ୍କା କରି ଶୁଝିଲେ ପାଞ୍ଚବରଷରେ ସବୁ ଶୁଝି ପାଇବ ବୋଲି ଯଶୋଦା ଭୁଲ ହିସାବରେ ଦେହର ଅଲଙ୍କାର ପତ୍ର ବିକି ଶୁଝି ଆସିଛି । ସରବରାକାର ମଧ୍ୟ ଆଗ୍ରହରେ ତାହା ଗ୍ରହଣ କରିଆସିଛନ୍ତି ।

ଟଙ୍କା ଶୁଝି, ବିଧବା ବେଶ ପିନ୍ଧି ଯଶୋଦା ଯେ ଏତେ କାଳ ବାଟ ଚାହିଁ ରହିଥିଲା, ଏ କଥା ବୁଝିପାରି ସହଦେବର ବୁକୁ ଭିତରଟା ପୁଲକି ଉଠିଲା ! ସେହି ବିଧବା ବେଶ ତାକୁ ଆହୁରି ସୁନ୍ଦର ଦେଖାଗଲା । ନିରାଭରଣା ଯଶୋଦାକୁ ସେ କୋଳରେ ଜାକିଧରି, ଲୁହ ଚଳ ଚଳ ଆଖିରେ ସରବରାକାରଙ୍କ ଘର ଆଡ଼କୁ ଚାହିଁ କହିଲା—"ମୁଁ ଯେ ରେଙ୍ଗୁନରୁ ଫେରିଲି··· ! ତୋରି ପାଇଁ ଫେରିଲି, ଯଶୋଦା··"

ସହଦେବର କଥା କଣ୍ଠ ପାଖେ ଅଟକି ଗଲା ।

ଯଶୋଦା ସହଦେବର ମୁହଁ ପାଖେ ମୁହଁ ରଖି ଉତ୍ତର ଦେଲା—"ହଁ, କେବଳ ତୁମରି ପାଇଁ ମୁଁ ଏ ଅଲଙ୍କାରପତ୍ର ବିକିଛି ସିନା···!"

# ବିଖ୍ୟାତ କଟକରୁ ଅଖ୍ୟାତ ପଲ୍ଲୀ

ଓଡ଼ିଶାର ଖୁବ୍ କମ୍ ଲୋକ ଯେଉଁ ଗାଆଁ ଖଣ୍ଡିକୁ ଜାଣିଛନ୍ତି ସେହି ଗାଆଁଟି ନା ହେଉଛି 'ସିଆଳି' । ସିଆଳି ଗାଆଁକୁ ବେଶୀ ଲୋକ ଜାଣିବାର କିଛି କାରଣ ନାହିଁ । ସେ ଗାଆଁ ଭିତରେ ପକାଘର ନାହିଁ, ସେ ଗାଆଁକୁ ଭଲ ବାଟ ନାହିଁ, ସେ ଗାଆଁର ଲୋକେ ପାଠ ମଧ୍ୟ ପଢ଼ି ନାହାନ୍ତି । ଗୋବର ଗାଡ଼ିଆରେ କଇଁ ଫୁଟିଲା ପରି ଗୋପାଳ ଯେ କିପରି ସେଠାରେ ଫୁଟିଲା, ତାହା ହେଉଛି ଓଡ଼ିଶାର ନାନା ଆଶ୍ଚର୍ଯ୍ୟଜନକ ଘଟଣା ଭିତରୁ ଗୋଟିଏ ।

ଓଡ଼ିଶା ମୁଲକରେ ସିଆଳି ବୋଲି ଗୋଟିଏ ଗାଆଁ ଅଛି, ଆଉ ସେହି ଗାଆଁରେ ତାର ଘର ବୋଲି ଗୋପାଳ କେବେ ଭୁଲରେ ସୁଦ୍ଧା କାହା ଆଗେ ନିଜର ପରିଚୟ ଦିଏ ନାହିଁ । ଗାଆଁ ନା ପଚାରିଲେ ସେ ଗୋଟାଏ ଚୁଲିକି କରି ଆନାର ନାଁଟା କହିଦିଏ । କଥାଟା ସେଥିରେ ପ୍ରାୟ ଘୋଡ଼େଇ ହୋଇଯାଏ ।

ସିଆଳିର ଲୋକେ ମୁଣ୍ଡ ଝାଳ ତୁଣ୍ଡେ ମାରି ପେଟ ପୋଷନ୍ତି । କିଏ ମୁଲ ଲାଗେ, କିଏ ପନିପରିବା ବିକେ, କିଏ ବା ପାଇଟି ନ ପାଇଲେ ଭିକ ମାଗି ଚଳେ । ଏଗୁଡ଼ାକ ସମାଜର ନିତାନ୍ତ ତଳ ଶ୍ରେଣୀ ଲୋକଙ୍କ କାର୍ଯ୍ୟ— ଗୋପାଳ ଏ କଥା ପାଠ ପଢ଼ି ବୁଝିଛି । ତେଣୁ ସେ କଟକର ପକାଘର ଭିତରେ ଏଗୁଡ଼ାକୁ ଆତ୍ମୀୟ ଦୃଷ୍ଟିରେ ବା ଶ୍ରଦ୍ଧା ଚକ୍ଷୁରେ ଦେଖେ ନାହିଁ । ଏ କଥା କଳ୍ପନା କଲେ ତାର ଲୋମ ଟାଙ୍କୁରି ଉଠେ । ଭାବେ, ସିଆଳି ଗାଁଆଟା ଯେବେ ସମତଳ ଅଞ୍ଚଳରେ ତ ସେ ଆସି ବସିଛି ଗୌରୀଶଙ୍କର ଶୃଙ୍ଗରେ ! ତାର ପାଠଠାରୁ ଗାଁ ଲୋକଙ୍କ ସ୍ଥାନ କେତେ ତଫାତ୍ !

ପିଲାଦିନର ଅନେକ କଥା ପକାଘର ଭିତରେ ଗୋପାଳର ମନେ ପଡ଼େ; ମାତ୍ର ଗୋଟିଏ କଥାକୁ ସେ କେବେ ହେଲେ ମନରୁ ପାଶୋରି

ପାରେ ନାହିଁ । ସେ ନିତାନ୍ତ ଶ୍ରେଟ ଥିଲାବେଳେ ତାର ବାପା ଜଣେ ତହସିଲଦାରଙ୍କର ପିଆଦା ଥିଲେ । କାଠବିକା ବ୍ୟବସାୟ ଛାଡ଼ି ସେ ପିଲାକୁ ଧରି ତହସିଲଦାରଙ୍କୁ ଗୋଟିଏ ବର ମାଗିଥିଲେ । ପାଞ୍ଚବର୍ଷ ପରେ ବଦଳି ହେବା ସମୟରେ ତହସିଲଦାର ବାବୁ ଅନୁରକ୍ତ ଭୃତ୍ୟ ପ୍ରତି ବଡ଼ ଶୁଭ ଦୃଷ୍ଟି ପକାଇଲେ । ତାହାର ଫଳରେ ଗୋପାଳ କଟକ କଲେଜ ପର୍ଯ୍ୟନ୍ତ ଯାଇ ପାରିଛି । ଏବେ ତହସିଲଦାର ନାହାନ୍ତି କି ତାର ବାପା ନାହାନ୍ତି ।

ଯେଉଁ ସମୟର କଥା କୁହା ଯାଉଛି ସେତେବେଳେ ଉତ୍କଳମଣିଙ୍କ କରୁଣ ଆହ୍ୱାନରେ ଓଡ଼ିଶା ବୁକୁର କଠୋର ପଥର ଖଣ୍ଡ ସୁଦ୍ଧା ତରଳି ଯାଉଥିଲା । ମହାନଦୀର କରାଳ ବନ୍ୟାରେ ଶହ ଶହ ଲୋକ ଭାସିଗଲେ, ହଜାର ହଜାର ଘର ଭାଙ୍ଗିଗଲା, ବିଲ ଉପରେ ସାତଫୁଟ ପାଣି ଠିଆ ହେଲା, ଗଛ ଉପରେ ମଣିଷ ଆଶ୍ରୟ ନେଲା, ସ୍ଥଳ ନ ପାଇ ଚାଳ ଉପରେ ମାଆ ସନ୍ତାନ ପ୍ରସବ କଲା, ଛାଡ଼ି ନ ପାରି ପିତା ପୁତ୍ରର ଶବକୁ ଯାକି ଧରି ଗଛରେ ଲାଗି ରହିଲା—ଏସବୁ କାହାଣୀ ଶୁଣି ପଥର ତରଳିବା ଅସମ୍ଭବ କଣ ?

ଉତ୍କଳମଣିଙ୍କର ଏ ଡାକ ସମସ୍ତଙ୍କ କାନରେ ବାଜିଲା । କଲେଜ ଭିତରର କେ କୋଠରୀରେ ଗୋପାଳ ମଧ୍ୟ ଏ କଥା ଶୁଣିଲା । ଦଳ ଦଳ ଛାତ୍ର ବନ୍ୟାରେ ଲମ୍ଫ ଦେବାକୁ ବାହାରିଲେ । ବନ୍ୟାର ଏ ଅତ୍ୟାଚାରରେ କେତେ ଯୁବକପ୍ରାଣରୁ ଏପରି ତପ୍ତ ଶ୍ୱାସ ଉଠିଲା ଯେ କଲେଜ ଭିତ୍ତି ପର୍ଯ୍ୟନ୍ତ ଥରି ଗଲା—ଓଡ଼ିଶା ଯେବେ ଗଲା, କାହା ପାଇଁ କଲେଜ ?

ଗୋପଳ ତ ସେ ଦିନ ଭାତ ଥାଳି ପାଖେ ବସିଲା ନାହିଁ । ରାତିରେ ଶେଯରେ ଶୋଇ ପାରିଲା ନାହିଁ ମଧ୍ୟ । ସନ୍ଧ୍ୟାବେଳୁ ସେ ଚଉକୀ ଉପରେ ବସି ବସି ଚିନ୍ତା କଲା । ତାର ଚିନ୍ତା ଭିତରେ ଗୋଟାଏ ଅତୀତ ଜୀର୍ଣ୍ଣ ଜଗତର ନିତାନ୍ତ ଅସ୍ପଷ୍ଟ ଛାୟା ଦେଖାଗଲା । କି ଦୀନହୀନ ବେଶ ସେହି ଜଗତର ! ଗ୍ରାମ ଗହଳର କୋଳାହଳ ଭିତରେ ଗୋଟିକର ମୁହଁରେ ହେଲେ ହସ ନାହିଁ । ବିଲରେ ପାଣି, ଘରେ ପାଣି, ପ୍ରତି ଆଖିରେ ପାଣି ! ବିଲ ପଡ଼ିଆର

କୂଳଥଳ ମିଳୁ ନାହିଁ, ହୃଦୟରେ ଭାବନାର କୂଳଥଳ ମିଳୁନାହିଁ; ଏ ପ୍ରାଚୀନ ଜାତିଟାର ଶକ୍ତିଶାଳୀ ବଂଶଧରଗଣ ଶକ୍ତି ହରାଇ କୁଆଡ଼େ ଭାସି ଯାଉଛନ୍ତି ତାହା କଳ୍ପନା କରି ହେଉନାହିଁ । ସବୁଆଡ଼େ ହାହାକାର, ସବୁଆଡ଼େ ଚିତ୍କାର । ସେହି ଭିତରେ ଗୋପାଳ ଦେଖି ପାରିଲା ତାର ସେହି ପୂର୍ବ ପରିଚିତ ପିଆଲି ଗାଁର ଚିତ୍ର । ସେ ଗାଁର ଲୋକେ ଭାସି ଯାଇଛନ୍ତି, ଗାଆଁର ପୂର୍ବପରି ସେହି ଭାଗବତ ଘରଟା ଆଉ ନାହିଁ । ଗ୍ରାମଦେବତୀ ବାଉତେଇଙ୍କ ମଣ୍ଡପର ପଥର ଖୁଣ୍ଟ କେବଳ ପାଣି ଉପରକୁ ଦେଖା ଯାଉଛି । ଗାଆଁର ଯେଉଁ ଉଚ୍ଚ ମଶାଣି ଭୂଇଁ ଖଣ୍ଡିକ ସମସ୍ତଙ୍କର ଆଶ୍ରୟସ୍ଥଳ, ସେଠାରେ ବଡ଼ ବରଗଛକୁ କିଏ ଆଶ୍ରୟ ଦେଇ ପାରି ନାହିଁ ! ତାର ବୁକୁ ଦାଉଁ ଦାଉଁ ପଡ଼ିଲା ଉଠିଲା । କେବେ ତ ସେ ପକାଘରେ ବସି ପିଆଲି କଥା ଭାବି ନାହିଁ, ଏତେ ଦିନେ ସେହି ସ୍ମୃତି କାହିଁକି ଜାଗିଲା, ସେ ତତ୍ତ୍ୱ ସେ ଖୋଜିବାକୁ ଚେଷ୍ଟା କଲା ନାହିଁ । ସେ କେବଳ ଆଖି ଆଗରେ କେତେଗୁଡ଼ାଏ ବିଭଙ୍ଗ ଚିତ୍ର ଦେଖିଲା; ବେଳେ ବେଳେ ଚମକିଲା ପରି ଚଉକୀରେ ସିଧା ହୋଇ ବସି ଗୋଟାଏ ଗୋଟାଏ ଦୀର୍ଘଶ୍ୱାସ ଛାଡ଼ିଲା । କଇଁଫୁଲ ପରି ଧଳା ଶେଯଟାରେ ସେ ବହୁବାର ଏ ପାଖ ସେପାଖ କଡ଼ ଲେଉଟାଇଲା । ଆଖି ଫିଟାଇ ରଖି ଯାହା ଚିନ୍ତା କଲା ଆଖି ମୁଦି ରଖି ସେହି କଥା ମଧ୍ୟ ଭାବିଲା । ଗୋଟାଏ କ୍ଷୁଦ୍ର ପଲ୍ଲୀର ହତଭାଗାଙ୍କ ଚିତ୍କାର ତାର ପ୍ରାଣକୁ ବେଳେ ବେଳେ ଚମକାଇ ଦେଲା । ବିବର୍ଣ-ଶୁଭ୍ର କାନ୍ଥ ଦେହରେ ସେ ପ୍ରେତ ଛାୟା ଦେଖି ପାରିଲା । କିଏ କହିଲା, 'ଗୋପାଳ, ଗୋପାଳ, ଗୋପାଳ,' କିଏ କହିଲା—'ବାବୁ ରେ,' କିଏ କହିଲା—ଧନରେ,' କିଏ, କହିଲା—'ଗୋପାଳ ବାବୁ !' ଗୋପାଳ ଆଉ ଶୋଇବ କ'ଣ ?

ଦିନେ ସ୍ୱେଚ୍ଛାସେବକଦଳ ବନ୍ୟା ଅଞ୍ଚଳରେ କାମ କରିବାପାଇଁ ଯେତେବେଳେ ବାହାରିଲେ, ଗୋପାଳ ମଧ୍ୟ ସେମାନଙ୍କ ସଙ୍ଗେ ବାହାରିଲା । ବାହାରିବା ଆଗରୁ ସ୍ୱେଚ୍ଛା-ସେବକମାନଙ୍କୁ ବହୁ ଆୟୋଜନ କରିବାକୁ ହେଲା । କେତେଦିନପାଇଁ ଲୁଗା ପଟା ଓ ଖାଦ୍ୟପେୟର ବ୍ୟବସ୍ଥା ହେଲା । କଲେଜ

ଭିତରୁ ଗାଁ ଭିତରକୁ ଯିବା ଅନ୍ୟ ସ୍ୱେଚ୍ଛାସେବକଙ୍କ ପକ୍ଷରେ ଯାହା ହେଉ ନା କାହିଁକି, ଗୋପାଳ ପକ୍ଷରେ ଗୋଟାଏ ନୂତନ କଥା । କଲେଜରୁ ଗାଁଆ ତ କମ୍ ତଫାତ୍ ନୁହେଁ ! କେତେଦିନ ରହିବାକୁ ହେବ କିଏ ଜାଣେ ? ସେଥିପାଇଁ ଦଶ ପାଞ୍ଚ ଖଣ୍ଡ ଅଧିକା ଲୁଗା ନ ହେଲେ ନ ଚଳେ । ଯେଉଁଠାରେ ଲୋକେ ଖାଇବାକୁ ପାଉ ନାହାନ୍ତି ସେଠାରେ ପ୍ରତିଦିନ ଜଳଖିଆ ବା ମିଳିବ କୁଆଡ଼ୁ ? ତେଣୁ ଇସ୍ତିରିଦିଆ ଲୁଗାଗୋଟି ସହିତ କମଳା, ଅଙ୍ଗୁର, ଖଜୁରି, ଚିନି, ଅଟା, ଷ୍ଟୋଭ ପର୍ଯ୍ୟନ୍ତ ବ୍ୟବସ୍ଥା ଗୋପାଳ ଅନ୍ୟମନସ୍କ ଭାବରେ କରି ପକାଇଲା । ବନ୍ୟା ସ୍ରୋତ ପଛେ ପଛେ ସ୍ୱେଚ୍ଛାସେବକ ସ୍ରୋତ ଗାଆଁ ଗହଳକୁ ଚାଲିଲେ ।

ଦିଗନ୍ତବିସ୍ତୃତ ବିଲ ପଡ଼ିଆ—ସେ ଭିତରେ ମଫସଲର ଚିହ୍ନ ସୁଦ୍ଧା ନାହିଁ । ବନ୍ୟାର କରାଳ ଜିହ୍ୱା ସବୁ ଶେଷ କେରି ଦେଇଛି । ଦୂରରୁ ଦେଖିଲେ ଠାଏ ଠାଏ ଗଛ ଗହଳରେ କେତୋଟି ଘର ଦେଖାଯାଉଛି, ତାହାରି ଭିତରେ ହତଭାଗା ଚାଷୀଭାଇଙ୍କର ସଂସାର । ସେ ଭିତରକୁ ଯିବାକୁ ହେଲେ କାଦୁଅ, ପାଣି, କଣ୍ଟା, ଖୁଣ୍ଟା, ଅମଡ଼ା ରାସ୍ତା—ସବୁ ଭେଟିବାକୁ ପଡ଼ିବ । ସେ ଭିତରର ଜୀବଙ୍କ ସେବା କରିବାକୁ ହେଲେ ନିଜକୁ ମଶା, ମେଲେରିଆ, ଜ୍ୱର, ମହାମାରୀ, ବସନ୍ତର ସମ୍ମୁଖୀନ କରିବା ଛଡ଼ା ଅନ୍ୟ ପନ୍ଥା ନାହିଁ । କଟକ—ବ୍ରହ୍ମପୁରର ରାଜରାସ୍ତା ସେଠାରେ ନାହିଁ କି ପୁରୀର ବଡ଼-ଦାଣ୍ଡ ସେଠାରେ ନାହିଁ । ତେଣୁ କଟକ କୋଠଘରଠାରୁ ଯେ ଏହା ବହୁତ ଦୂରରେ ତାହା ଗୋପାଳ ବୁଝିବାକୁ ବାକି ରହିଲା ନାହିଁ ।

କଟକ ଛାଡ଼ିଗଲାବେଳେ ଗୋପାଳର ମନ ଯେପରି ଥିଲା ବନ୍ୟା ଅଞ୍ଚଳର ମାଧପୁର କେନ୍ଦ୍ରକୁ ଆସିଲାବେଳକୁ ତହିଁର ଘୋର ପରିବର୍ତ୍ତନ ଘଟିଯାଇଛି । ତିନିଦିନର ରାସ୍ତା, ତାକୁ ଲାଗିଛି ଠିକ୍ ତିନିବର୍ଷ ପରି । ଚାଲି ଆସିବାରେ ତାର ଚାରିଟା ଇସ୍ତିରିଦିଆ ଧୋତି କାଦୁଅ ଛିଟିକି ନଷ୍ଟ ହୋଇଯାଇଛି । ସାଙ୍ଗରେ ବୋହିଥିବା ସୁରେଇର ଛଣା ପାଣି ସରିଯିବା

ଫଳରେ ବାଟରେ ଭଲ ପାଣି ଟୋପାଏ ପିଇବାକୁ ମିଳି ନାହିଁ । ଯୋତା ଲଗାଇବାର ଆଦୌ ସୁବିଧା ଘଟି ନାହିଁ । ତେଣୁ ଅନଭ୍ୟସ୍ତ ଗୋଡ଼ରେ ଦୁଇଟା କଣ୍ଟା ଗଳିଛି ଓ ଗୋଟାଏ ଗେଣ୍ଡା କାଟିଛି । ଆଣିଥିବା ଜଳଖିଆ ଅଧାରୁ ବେଶୀ ଶେଷ ପାଇଛି । ଏପରି କ୍ଷେତ୍ରରେ ତାର ମନ ଖୁବ୍ ବିଗିଡ଼ି ଯାଇଛି ।

ଚାଉଳଦିଆ କେନ୍ଦ୍ର—କେବଳ ସେଠାରେ ଜନସମୁଦ୍ର ! ଦରିଦ୍ର, ନିଃସହାୟ ପଲ୍ଲୀବାସୀ ପ୍ରାଣପ୍ରିୟ ପିଲା କୁଟୁମ୍ବ ଧରି ମୁଠାଏ ମୁଠାଏ ଚାଉଳ ପାଇଁ ସେଠାରେ ଜମା ହୋଇଛନ୍ତି—ମୁଠାଏ ପାଇଲେ ପୁଅଠାରୁ ବାପ, ଭାଇଠାରୁ ଭାଇ ଭଡ଼ି ଓଟାରି ଗିଲି ପକାଇବାରେ କୁଣ୍ଠାବୋଧ କରୁ ନାହାନ୍ତି । ସେଠାରେ ଗୋପାଳର କର୍ତ୍ତବ୍ୟ ? ସେ ଗୋଟାଏ ଦୀର୍ଘଶ୍ୱାସ ପକାଇଲା । ତା ପରେ ଧୀରେ ଧୀରେ ରୁମାଲରେ ମୁହଁ ପୋଛି, ତାର ଇସ୍ତିରିଦିଆ ଲୁଗା କାହା ଦେହକୁ ନ ଲାଗିଲା ପରି ବଡ଼ ସାବଧାନରେ ଠିଆ ହେଲା । କିନ୍ତୁ ଚାରିଆଡ଼େ ତ କଙ୍କାଳ, ଚାରିଆଡ଼େ ତ ଦରିଦ୍ର, ସେ କାହାକୁ କରଯୋଡ଼ ହୋଇ ରହିବ ? ଦିନେ ଦୁଇଦିନ ଗଲା, ସେ ମୁଠି ଚାଉଳ ଦେବାରେ ଅଭ୍ୟସ୍ତ ହେଲେ ମଧ୍ୟ ଲୋକଙ୍କ ବ୍ୟବହାରରେ ନିତାନ୍ତ ଉତ୍ୟକ୍ତ ହୋଇ ଉଠିଲା । କିଏ ପାଖକୁ ମାଡିଆସୁଛି, କିଏ ଉପରେ ପଡ଼ୁଛି । କିଏ କୁଞ୍ଚ କାନିଧରି ଭିଡ଼ୁଛି, କିଏ ହାତ ଧରି ଟାଣୁଛି । ପ୍ରତି ମୁହୂର୍ତ୍ତରେ ତାକୁ ବ୍ୟତିବ୍ୟସ୍ତ ହେବାକୁ ପଡ଼ୁଛି । ମନ ନିତାନ୍ତ ତିକ୍ତ ହୋଇ ଉଠୁଛି । କେଡ଼େ ବୋକା ଲୋକଗୁଡ଼ାକ ! ଭଦ୍ରାମି ଜାଣନ୍ତି ନାହିଁ ? ଖାଇବାକୁ ନାହିଁ ବୋଲି ଭଦ୍ରଲୋକର ଲୁଗା ଭିଡ଼ିବେ ? ଛି !

ଖାଲି ଯେ ଗୋପାଳ ଏ କଥା ମନରେ ଭାବିଲା ତା ନୁହେଁ, କାର୍ଯ୍ୟରେ ମଧ୍ୟ ଦେଖାଇଦେଲା । ବିରକ୍ତ ହେଲା, ନାକ ଟେକିଲା, ହାତ ଛିଞ୍ଚାଡ଼ିଲା, ଫୋପାଡ଼ିଲା ପରି ଚାଉଳ ଦେଲା । ଦରିଦ୍ର ପଲ୍ଲୀବାସୀ ତଥାପି ଶିଖି ପାରିଲେ ନାହିଁ—ଏଇ ହେଉଛି ଗୋପାଳ ମନରେ କଷ୍ଟ !

ଗୋପାଳଠାରୁ ସମସ୍ତେ ଗୃଉଲ ନଅନ୍ତି, କିନ୍ତୁ ଗୋପାଳ ଦେଖେ, ଅର୍ଗଳ ପାଖେ ଗୋଟିଏ ବୁଢ଼ା କେବଳ ଠିଆ ହୋଇ ଫେରିଯାଏ । ସେ ପାଖକୁ ଆସି ମାଗେ ନାହିଁ କି ମାଗିବା ପାଇଁ କାହାକୁ କହେ ନାହିଁ । ଗୋପାଳ ତାକୁ ଦେବ ବୋଲି ବିଗୃରେ; ମାତ୍ର ଗହଳି ପାରହୋଇ ଯାଇ ଦେଇପାରେ ନାହିଁ । ଦିନେ, ଦୁଇ ଦିନ, ଗୃରି ଦିନ ଗଲା; ବୃଦ୍ଧର ସେହି କରୁଣ ଦୃଷ୍ଟି ଗୋପାଳ ଭୁଲି ପାରିଲା ନାହିଁ । କେବଳ ପରିଚିତ ମୁହଁ ପରି ତାକୁ ଜଣାପଡ଼ିଲା । ଦିନେ ଆଗରୁ ଲୋକ ଆଡ଼େଇ ଆଡ଼େଇ ସେ ଯାଇ ବୃଦ୍ଧ ପାଖେ ପହଞ୍ଚିଲା । ପଗୃରିଲା—

"ନେଲଣି ?"

ବୃଦ୍ଧ ମୁଣ୍ଡ ହଲାଇ କହିଲା—"ହଁ ।"

"ତେବେ ଠିଆ ହୋଇଛ ?"

ବୃଦ୍ଧ ତାର ଶୁଖିଲା ଧଳା ଛେପ ଲଗିଥିବା ଓଠକୁ ଶୁଖିଲା ଜିଭରେ ଗୃଟି ଥରେ ଦିଥର ପାଟି ବୁଲାଇଲା । ତା ପରେ ଗୋପାଳ ମୁହଁକୁ ଥୁ ଥୁ କରି ଦୁଇ ଲେଣ୍ଡା ଛେପ ପକାଇ ଆଖି ତରାଟି ଗୃହିଁ ରହିଲା ।

ଖୁବ୍ ଚହଳ ତ ପଡ଼ିଗଲା, ଗୋପାଳର ମୁହଁ କଳା ପଡ଼ିଗଲା । ସମସ୍ତେ କହିଲେ—"ସିଆଳର ସାନ୍ତିରି କଲେ କଣ ?" ଗୋପାଳ ସେ ରାତି ରାତି ରାଗ, ଅପମାନ, ବିରକ୍ତିରେ କଟକ କୋଠଘରୁ ଅଭିମୁଖେ ଯାତ୍ରା କଲା । ତାର ଗୃରିଦିନ ପରେ କଟକରେ ଉତ୍କଳମଣି ସାଧାରଣ ସଭାରେ କାନ୍ଦି କାନ୍ଦି ହାତ ପସାରି ମାଗିଲେ, "କାହାର ଛିଣ୍ଡା ଲୁଗା ଅଛି, ତାହା ମଧ୍ୟ ଦେଲେ ଦରିଦ୍ରର ସେବାରେ ଲଗିବ ।"

ଦରିଦ୍ରର ସେବା ! ଛିଣ୍ଡା ଲୁଗା ! ଗଭୀର ବିରକ୍ତିରେ ମୁଣ୍ଡ ପୋତି ବସି ରହି କଲେଜ ଘରେ ଗୋପାଳ ପୁଣି ଚମକିଲା । ନିଜର ଲୁଗାକୁ ଗୃହିଁଲା—ଦେଖିଲା ଖଣ୍ଡିଏ ସୁଦ୍ଧା ଛିଣ୍ଡା ନାହିଁ, ଖଣ୍ଡିଏ ସୁଦ୍ଧା ଚିରା ନାହିଁ ! ପୁଣି ମୁଣ୍ଡ ପୋତିଲା, ପୁଣି ଚେଇଁଲା । ଯେ ଭଦ୍ରାମି ଜାଣେ ନାହିଁ, ତାର ପୁଣି

ସେବା କରିବାକୁ ହେବ ?—ଗୋପାଳ ଏଥର ଉତ୍ତର ଖୋଜି ପାଇଲା ନାହିଁ । ଛିଣ୍ଡା ଲୁଗା । ପୁରୁଣା ଲୁଗା । କାହାପାଇଁ ? ଗୋପାଳ ମୁଣ୍ଡ ଟେକି ନିଜର ଲୁଗାକୁ ପୁଣି ଚାହିଁଲା—ସଫା ଆଖି ମେଲାକରି ଦେଖିଲା—ସେହି ଲୁଗାରେ ସେହି ଅର୍ଗଳି ପାଖ ବୃଦ୍ଧର ଛବି ! ଆଖି ମଳିଲା, ରୁମାଲରେ ଆଖି ପୋଛିଲା । ରୁମାଲକୁ ଚାହିଁ ଦେଖିଲା, ସେଥିରେ ଛେପ ଲାଗି ନାହିଁ । ତଥାପି ସେହି ବୃଦ୍ଧ ଆଖି ଆଗରେ ! ବୃଦ୍ଧ—ବାସ୍ତବିକ ବୃଦ୍ଧ । କେବଳ ହାଡ଼ ଉପରେ ଚମ ଛାଉଣି ହୋଇଛି । ବିରାଟ ବପୁର କଙ୍କାଳ ସେ ! ସେ କାନ୍ଦୁ ନାହିଁ, ସେ ହସୁ ନାହିଁ । ଉଲଗ୍ନ ବେଶରେ ଲୁଗାର ପ୍ରତି ସୂତା ଦେହରେ ସେ ଜଡ଼ିତ ହୋଇ ରହିଛି । ଉତ୍କଳମଣିଙ୍କର ଏହି କି ସେହି ଦରିଦ୍ର ! ! ଏହାର ସେବାପାଇଁ ଛିଣ୍ଡା ଲୁଗା ! ! ଗୋପାଳ ମୁହଁ ପୋଛି ଠିଆ ହେଲା । ଦୁଆର ମୁହଁରେ ଶବ୍ଦ ହେଲା – ଦିଅ, ଲୁଗା ଦିଅ । ଲୁଗା ଦିଅ । ସ୍ୱେଚ୍ଛାସେବକଙ୍କ ମୁହଁକୁ ଚାହିଁ ଗୋପାଳ ପ୍ରଥମେ କିଛି କହି ପାରିଲା ନାହିଁ । ଜଣେ କହିଲା— "ସେଟା ଦିଅ", ଜଣେ କହିଲା – "ଏଟା ଦିଅ ।" ଗୋପାଳ ମନା କଲା ନାହିଁ । ହାତରେ ଭିଡ଼ିଆଣି ବଢ଼ାଇ ଦେଲା । ସତେ ଯେପରି ସେହି ସ୍ୱେଚ୍ଛାସେବକଙ୍କ ଭିତରେ ସେହି ବୃଦ୍ଧଙ୍କୁ ସେ ଦେଖି ପାରିଲା । ଖଣ୍ଡିକୁ ଖଣ୍ଡି ଲୁଗା, କାମିଜ ଦେଉ ଦେଉ ପଚାରି ପକାଇଲା—"କଣ ବୁଢ଼ାପାଇଁ ?" ସମସ୍ତେ ହସି ଉଠି କହିଲେ—"ନା, ପିଲା, ବୁଢ଼ା, ବୁଢ଼ୀ, ଯୁବକ, ଯୁବତୀ ସମସ୍ତଙ୍କ ପାଇଁ ।" ଗୋପାଳ ମୁହଁ ପୋଛି ପୁଣି ମୁହଁ ପୋଛିଲା ।

ଏହି ଘଟଣାର ମାସକ ପରେ ଗୋପାଳ ଯେତେବେଳେ ଆଖି ଛଳଛଳ କରି, ଆଣ୍ଠୁଉଆଁ ଲୁଗା ଖଣ୍ଡିଏ ପିନ୍ଧି ମାଧପୁର କେନ୍ଦ୍ରର ସେହି ଅର୍ଗଳି ପାଖେ ଠିଆ ହୋଇ ଗୁହାରି ଦେଉଥିଲା, ସିଆଳି ଗାଁର ବୃଦ୍ଧ ସାନ୍ତରା ବାଡ଼ି ଭରାଦେଇ ଗୋପାଳର ହାତ ଧରି କହି ପକାଇଲେ—

"ବାବୁ, ଉତ୍କଳମଣିଙ୍କ ସାଥିରେ ଏବେ ତୁ ଗାଁଆକୁ ଫେରି ଆସିଲୁ ?"

ଗୋପାଳର ମୁହଁ ହସରେ ଫାଟି ପଡ଼ିଲା । କହିଲା—"ହଁ, ଫେରି ଆସିଲି ତମରି ଯୋଗୁଁ । ତମରି ଛେପ ମୋ ଆଖିରେ ଲୁହ ପାଲଟିଗଲା । ଏବେ ବୁଝିଛି, ସେହି ଛେପ ଦରିଦ୍ର ପ୍ରାଣର ପ୍ରତିବାଦ ।"

# ଦୁର୍ନାମ

ଗାଁରେ ଲକ୍ଷ୍ମୀଧରର ଦୁର୍ନାମ ବେଶୀ । ସକାଳ ନାହିଁ, ସନ୍ଧ୍ୟା ନାହିଁ, ସବୁବେଳେ ସେ କେବଳ ଗାଁରେ ବୁଲେ, ବାର ଲୋକଙ୍କ ପାଖେ ବାର କଥା ଆଲୋଚନା କରେ । ସେ କଥା କହିଲା ବେଳେ ତା ଓଠର ସଞ୍ଚାଳନ ଦେଖିବାକୁ ଲୋକଙ୍କୁ ଭଲ ଲାଗେ, ଚାହିଁଲାବେଳେ ଚକ୍ଷୁର ମାଧୁର୍ଯ୍ୟ ଦେଖିବାକୁ ସୁଖ ଲାଗେ, ହସିଲାବେଳେ ମୁଖଶ୍ରୀ ଦେଖିବାକୁ ପ୍ରୀତିକର ବୋଧହୁଏ; ମାତ୍ର ସେ ଯେଉଁ ଯୁକ୍ତି କରେ, ଯେଉଁସବୁ ସୃଷ୍ଟିଛଡ଼ା କଥାମାନ କାହୁଁ ତୋଳି ଆଣିଲା ପରି କହିଦିଏ, ତାହା ଶୁଣିବାକୁ କେହି ପ୍ରସ୍ତୁତ ହୁଅନ୍ତି ନାହିଁ । ସେ କଥାଗୁଡ଼ାକୁ ବାଦ୍‌ଦେଇ ସେ ଯେବେ ତାର ଓଠ, ଚାହାଣୀ ଆଉ ମୁଖଶ୍ରୀ ଦେଖାଇ ସବୁବେଳେ ଆଉ କିଛି କହୁଥାନ୍ତା, ତାହାହେଲେ ଗାଁ ଲୋକଙ୍କର ସେ ହୋଇଥାନ୍ତା ଆଦରର କୋଠଧନ ।

ଲୋକେ କହନ୍ତି, ଲକ୍ଷ୍ମୀଧର ଲକ୍ଷ୍ମୀଧର ନୁହେ ଯେ ସେ ଏକ ଲକ୍ଷ୍ମୀଛଡ଼ା । କାରଣ ସେ କହେ—ଆଗେ ଦିଅଁଗୁଡ଼ାକ ପୁଣି କେବେ ମଣିଷଙ୍କ ପରି କଥା କହି ପାରୁଥିଲେ । ପରେ ଏହି ମଣିଷଜାତିଟାର ଖୋସାମଦିଆ କଥା ଶୁଣି ଶୁଣି ଲାଜରେ ପଥର ପାଲଟି ଯାଇଛନ୍ତି ! ମଣିଷ ସଂସାରରେ ଦିଅଙ୍କୁ ପ୍ରାର୍ଥନା କରି ମୁକ୍ତି ଲୋଡ଼ି ଆଣିବା ପରିବର୍ତ୍ତେ ପାପ ବରଣ କରିଛି । ଏ କଥା ଶୁଣି ଗାଁର ବୁଢ଼ା ବୁଢ଼ା ଚେଙ୍କି ଉଠନ୍ତି; କହନ୍ତି—"ନାସ୍ତିକ ! ନାସ୍ତିକ ! !"

ଲକ୍ଷ୍ମୀଧର କେବେ କେବେ କହେ, ଏହି ଯେଉଁ ତିଲକଧାରୀ ବାବାଜୀ ଦଳ ଖଞ୍ଜଣି ଧରିଥିବା ହାତରେ ଦୁଆର ମୁହଁରେ ବସି ଶ୍ରୀଚୈତନ୍ୟ ନାମାବଳୀ ଗାନ କରୁଛନ୍ତି ବା ଏହି ଯେଉଁ ଚକୁଳିଆ ପଣ୍ଡାଦଳ ଦ୍ୱାର ଅଧରେ ଆସି ପୂର୍ବ ଜନ୍ମର ପିତୃପିତାମହଙ୍କ ଗୌରବରେ ଭୋଜନର ବ୍ୟବସ୍ଥା କରି ବସୁଛନ୍ତି,

ଆଗେ ଏହି ଜୀବଗୁଡ଼ାକୁ ଗୁଳି କରି ମାରିବା ଦରକାର ! କାରଣ ଏଗୁଡ଼ାକ ମୂର୍ଖ ଲୋକଙ୍କୁ ବେଦ ଶୁଣାଇ, ଜଣାଣ ବୋଲି, ଖୋସାମଦ କରି ମଣିଷକୁ ପୁଣି ପଥର ପାଲଟେଇବାକୁ ଚେଷ୍ଟା କରୁଛନ୍ତି ! ଏମାନେ ଦେଶର ଯେତେ ଉପକାର କରୁଛନ୍ତି, କ୍ଷତି କରୁଛନ୍ତି ତହିଁରୁ ବହୁତ ବେଶୀ । ଏମାନେ ମଲାଙ୍ଗ, ଏମାନେ କୁଆ ବସାରେ କୋଇଲିର ଡିମ୍ବ । ପୁରୀର ମଠ, ଗାଁ ଗାଁର ପଥର ଦେଉଳ, ପାଣିକୂଳରେ ତୀର୍ଥ ଘାଟ ଏହିମାନଙ୍କ ଜରିଆରେ ମୁଣ୍ଡ ଟେକି ଉଠିଛି ।

ଜପତପ ପୂଜା ଉପାସନାପରାୟଣ ବ୍ୟକ୍ତି ଏ କଥାରେ ମାର୍ ନ ମାର୍ ହୋଇ କହନ୍ତି—

"ଏ ବର୍ଷ ଗାଁରେ ଯେ ଭଲ ଫସଲ ହେଲା ନାହିଁ, ତାହା କେବଳ ଏହି ପାଷଣ୍ଡଟା ଯୋଗୁଁ ! ସବୁ କଥାର ମୂଳ ଏଟା ।"

ଲକ୍ଷ୍ମୀଧର ଏ କଥାର ଉତ୍ତରରେ କହେ—"କହନ୍ତୁ ଭଲ, ଅନନ୍ତ ଅନ୍ଧାର ଭିତରେ ଅନନ୍ତକାଳ ଅନ୍ଧ ପରି ଜୀଇ ରହି ହାହାକାର କରିବା ଅପେକ୍ଷା ଆଲୋକ ଭିତରେ ମୁହୂର୍ତ୍ତେକାଳ ଆନନ୍ଦରେ କରତାଳି ଦେଇ ମରିବା ଭଲ ନୁହେଁ ? ଓଡ଼ିଶାର ଉନ୍ନତି ପାଇଁ ଜନସଂଖ୍ୟା ଗଣତି ହେବା ଆଶାରେ ପରାନ୍ନଜୀବୀ ଠକ ବାବାଜୀଗୁଡ଼ାଏ ଗଣତି ଦେଇ ବିଶାଳ ଭୂଖଣ୍ଡର ଅନ୍ନକଷ୍ଟଙ୍କ ଦୃଶ୍ୟ ଦେଖିବା ଅପେକ୍ଷା ହୃଷ୍ଟପୁଷ୍ଟ, ସୁସ୍ଥ ସବଳ, ବଳଶାଳୀ, ଗୌରବବାନ୍, ଉଦାର କର୍ମଠ ଅଳ୍ପ ଲୋକ ନେଇ ସଂକୁଚିତ ଉତ୍କଳର ମହିମା ସଙ୍ଗୀତ ଶୁଣିବା ଭଲ ନୁହେଁ ?"

ବାପ ରେ ! ......ତା'ର ବକ୍ତୃତା ଆଗରେ ଠିଆହୁଏ କିଏ ? ତା'ର ଯେ ଦୁର୍ନାମ ! ତା'ର ଆଉ ଭୟ କାହାକୁ ?

ଲକ୍ଷ୍ମୀଧରର ଏକ ବିଚିତ୍ର ଢଙ୍ଗ । ସବୁ ବେଢ଼ଙ୍ଗିଆ ଢଙ୍ଗ ତା'ର । ଗାଁର ସମସ୍ତଙ୍କ ରୁଚିଠାରୁ ତା' ରୁଚି ଭିନ୍ନ । ସମସ୍ତେ ଗଲେ ବାଟରେ, ସେ ଗଲେ ଅଣବାଟରେ । କହେ—

"ଆଗେ ଯେତେବେଳେ ବାଟ ନ ଥିଲା, ସେତେବେଳେ ପୃଥିବୀରେ ଖାଲି ଅଣବାଟ ଥିଲା । ପ୍ରଥମେ ଯେତେବେଳେ ଘର ନ ଥିଲା, ଖାଲି ବନ ପ୍ରାନ୍ତର ପଡ଼ିଆ ପଡ଼ିଥିଲା । ପ୍ରଥମେ ଯେତେବେଳେ ଶାସ୍ତ୍ର ଲେଖା ହୋଇ ନ ଥିଲା, ଲୋକେ ସମସ୍ତେ ଅଶାସ୍ତ୍ରୀୟ ଥିଲେ । ଏଇ ଲୋକ ତ ସବୁ ପ୍ରଥମେ ଗତାନୁଗତିକ ଶୃଙ୍ଖଳା ଭଙ୍ଗ କରି ନୂତନ ନୂତନ ପନ୍ଥା ସୃଷ୍ଟି କରିଛି । ବଣ ଜଙ୍ଗଲ କାଟି ପ୍ରଥମେ ତ କିଏ ଆଗ ଘରଦ୍ୱାର କଳ୍ପନା କରିଛି ! ଅଣବାଟରେ ଆଗ ଚାଲି ଚାଲି ତ ପରେ ବାଟ ଫିଟିଛି ! ସେହି ଆଦିମ ଯୁଗରେ ଅଣବାଟ ଭିତରେ ଯେଉଁ ଲୋକ ବାଟ କଳ୍ପନା କରିଥିବ, ସେତେବେଳର ଲୋକେ କ'ଣ ତା'ର ସମାଲୋଚନା କରି ନ ଥିବେ !"

ଏହିପରି ନାନାକଥା କହି ଲକ୍ଷ୍ମୀଧର ବିଧବା ବିବାହର ଆବଶ୍ୟକତାଠାରୁ ଆରମ୍ଭ କରି ମନ୍ଦିରଗୁଡ଼ାକ ଭିତରେ ସାଧାରଣ ଲାଇବ୍ରେରୀର ବିଚିତ୍ର କଳ୍ପନା କଥା ଲୋକଙ୍କୁ ଶୁଣାଇଦେଇ ଉତ୍ତେଜିତ କରିଦିଏ ।

କ୍ରମେ ତା'ର ଦୁର୍ନାମ ବଢ଼ିଲା ।

ଦୁର୍ନାମ କେତେଦୂର ଉଠିପାରେ, ଦିନେ ସେ କଳ୍ପନା କରି ବସିଲା । ଖୁବ୍ ଅନ୍ଧାର ଭିତରେ ଆଉ ଅନ୍ଧାର ନାହିଁ । ଉଜ୍ଜ୍ୱଳ ଦିବାଲୋକ ଭିତରେ ଆଉ ଦିବାଲୋକ କଳ୍ପନା କରି ହୁଏ ନାହିଁ । ତା'ର ଏ ଦୁର୍ନାମ ପରେ ଆଉ କି ଦୁର୍ନାମ ହୋଇ ପାରେ ?

ମା ବ୍ୟସ୍ତ ହେଲେ, ବାପା ବିରକ୍ତ ହେଲେ, ଗାଁ ଲୋକେ ଗାଳି ଦେଲେ । ଏହା ଫଳରେ ଦୁର୍ନାମ ତାର ବଢ଼ିଲା ସିନା, କମିଲା ନାହିଁ ।

ଦିନେ କାର୍ତ୍ତିକ ମାସର ପୂର୍ଣ୍ଣିମା ପଡ଼ିଲା । ସେ ଦିନ ଗାଁ ଲୋକଙ୍କର ଠାକୁର ମଣ୍ଡପରେ ଭୋଗ ।

ଭୋଗ ସରିଲା । ଦୁଇଧାଡ଼ି ହୋଇ ଲୋକେ ବସିଲେ । ପ୍ରସାଦ ଲାଗିଲା ।

ଏହି ପ୍ରସାଦ ଭିତରୁ ହଠାତ୍ ନିଆଁ କୁହୁଳି ଜଳି ଉଠିଲା । ପରଷୁଣୀ ପରଷୁ ପରଷୁ ହଠାତ୍ ଜଣକ ଭାଗରେ ଖଣ୍ଡେ ଅଧିକା କଦଳୀ ପଡ଼ିଗଲା । ଏଥିପାଇଁ ଚିତ୍କାର ଉଠିଲା—

"ଅନ୍ୟାୟ ! ଅନ୍ୟାୟ ! !"

ସେହି କଦଳୀ ଖଣ୍ଡିକ ଅଇଁଠା ପତରୁ ଫେରାଇ ନେବାକୁ ଆଉ ବାଟ ନାହିଁ; ମାତ୍ର ଗୋଳମାଳ କରିବାକୁ, କଳିଗୋଳ ଲଗାଇବାକୁ ବହୁତ ବାଟ ଥିଲା । ତାହାହିଁ ହେଲା । ଦେଖୁଁ ଦେଖୁଁ ଦୁଇଟା ଦଳ ସୃଷ୍ଟି ହେଲା । ପ୍ରଥମେ ବଚନ, ତା ପରେ ଗର୍ଜନ, ତା ପରେ ଚିତ୍କାର, ତା ପରେ ମୁଷ୍ଟି ଉତ୍ତୋଳନ, ଶେଷରେ ଠେଙ୍ଗା ବାଡ଼ି, ଡାଲ ଫୋପଡ଼ା ଫୋପଡ଼ି...... ଖାଲି ଗୋଳମାଳ ! !

ବିବାଦ ଦାବାନଳ ପରି ଶିଖା ଟେକିଲା ବେଳକୁ ଦେଖାଗଲା, ତେଣେ ଦାଶଙ୍କ ଚାଳ ଭିତରୁ କୁଣ୍ଡେ ମୋଟର ଏକ ଶିଖା ଟେକି ନିଆଁ ଜଳିଉଠିଛି । ମୁହୂର୍ତ୍ତକେ ଚାରିଆଡ଼େ ହୋ ହା ପଡ଼ିଗଲା । ଅଣ୍ଟାଭିଡ଼ା, ଚାଳଚଢ଼ା, ପାଣିବୁହା ଚାଲିଲା । ଫଳ କିଛି ହେଲା ନାହିଁ । ଶେଷକୁ ଦାଶଙ୍କ ମୁଣ୍ଡରେ ଗଦାଏ ପାଉଁଶ କେବଳ ଜମା ହୋଇ ରହିଲା ।

ରାତି ପାହି ସକାଳ ହେଲା । ଗାଁରେ ବସିଲା କୋଠସଭା । ଦାଶଙ୍କ ଘରପୋଡ଼ି କଥା ଯେତେବେଳେ ବିଚାର ହେଲା, କିଏ କହିଲା – 'ଏ କେବଳ ଦେବତାଙ୍କ କୃତ' । ଆଉ କିଏ କହିଲା—'ମୁଁ ସପ୍ନ ଦେଖିଛି, ଆମେ କଳି ଲଗିଲା ବେଳେ ସେ ପାଖେ ଦାଶଙ୍କ ପରି କିଏ ଜଣେ ବୁଲୁଥିଲେ... ।'

ଶେଷରେ ଜଣେ କିଏ ଆହୁରି ଗର୍ଜନ କରି କହିଲେ—

"ଆଉ ଏତେ ବିଚାରରେ କିଛି ଲାଭ ନାହିଁ । କାଲି ରାତିରେ ଯେଉଁ ସପନ ଦେଖିଲି, ଆପଣମାନେ ଶୁଣିଲେ ସତ କରିବେ ନାହିଁ । ଏ ମୋର

ଦିଆଖି ଛଡ଼ା ତାହା ଆଉ କେହି ଦେଖି ନାହିଁ । ଖାଲି ଆଉ ଦୁଇଟି ବଖରା··।”

ଏତିକବେଳେ ଲକ୍ଷ୍ମୀଧର ସମସ୍ତଙ୍କ ପଛପଟେ କରଯୋଡ଼ି ହୋଇ ଉଠି କହିଲା—

“ଆପଣମାନେ ଶୁଣନ୍ତୁ—ଦିଅଙ୍କ ମୁଣ୍ଡଉପରେ କାଲି ମୁଁ ନିଆଁ ଲଗେଇଚ, ଆଉ କେହି ନୁହେଁ··· ···”

ସମସ୍ତେ ଆଖିକୁ ତାଳୁକୁ ଖୋସି କହିଲେ—“ଏଁ···”

“ଶୁଣନ୍ତୁ ଶୁଣନ୍ତୁ ଏଥିର କାରଣ ଅଛି । ଦିଅଁଙ୍କ ଭୋଗ ପାଇଲାବେଳେ ଯେଉଁମାନେ ଏପରି କଳି ଲଗାନ୍ତି, ତାଙ୍କର ଦିଅଁ ଦରକାର କଣ ?”

“ନାରାୟଣ ! ନାରାୟଣ ! !”

“ଏପରି ଲୋକଙ୍କ ହାତରୁ ଦିଅଁ ଭୋଗ ଖାଇବାକୁ ରାଜି ନ ଥିବେ । ଏ ଦେବସେବା ଧର୍ମ ନୁହେ ଯେ ଅଧର୍ମ ।”

ଏତିକ କହିଦେଇ ଲକ୍ଷ୍ମୀଧର ମୁହଁ ଟେକି ଚାଲିଗଲା ।

ଲୋକେ କହିଲେ—“ରାମ୍ ! ରାମ୍ ! ରାମ୍ ! ରାମ୍ ! ନାସ୍ତିକଟା କଣ କଲା·····!”

କ୍ରମେ ଲକ୍ଷ୍ମୀଧରର ଦୁର୍ନାମ ଶତମୁଖରେ ଶୁଣାଗଲା । ସେ ଏହି ଦୁର୍ନାମର ଦୁର୍ଗ-ଶିଖରରେ ବସିଥିଲା ବେଳେ ଦିନେ ସେ ଦେଖିଲା, ତାହାର ଅଭ୍ୟର୍ଥନା ପାଇଁ ଗାର କେତେ ଜଣ ଯୁବକ ତା ପାଖରେ ଆସି ହାଜର ହୋଇ କହିଲେ— .

“ଗ୍ରାମବାସୀଙ୍କି ବନ୍ଧୁ ଦୁର୍ନାମରୁ ରକ୍ଷା କଲ ।”

ଲକ୍ଷ୍ମୀଧର କହିଲା—“ଦୁର୍ନାମ ! ତେବେ କଣ ଦୁର୍ନାମ ମୁଁ ନ ଅରଜି ଅନ୍ୟଙ୍କୁ ଦୁର୍ନାମରୁ ରକ୍ଷା କରନ୍ତି ?”

ଉତ୍ତର ମିଳିଲା—"ନିଶ୍ଚୟ । ନ ହେଲେ ଏ ଗଣ୍ଡଗୋଳ ଫଳରେ କଟକରେ ଅଜସ୍ର ଅର୍ଥଶ୍ରାଦ୍ଧ ହୋଇଥାନ୍ତା । ଦେବତାହିଁ ଏ ବିପଦରୁ ରକ୍ଷା କଲେ । ସେହି ଦେବତା ତୁମେ......!"

# ଏ ଜନ୍ମର ତୀର୍ଥଯୋଗ

## ( ୧ )

ଦିନେ—ଅନେକ ଦିନ ତଳେ ଓଡ଼ିଶାର ଦକ୍ଷିଣ ସୀମାରେ ରକ୍ତାକ୍ତ ରଣକ୍ଷେତ୍ରରେ ରଣ ଦୁନ୍ଦୁଭି ବାଜି ଉଠିଲାବେଳେ ଅନ୍ୟ ସୀମାରେ "ଭଜ ହରେକୃଷ୍ଣ ହରେ ରାମ" କୀର୍ତ୍ତନ ତାଳ, ଖୋଳ କରତାଳର ଧ୍ୱନି ରୋଳ ଭିତରେ ଶୁଣାଗଲା ।

ଦୁର୍ଦ୍ଦାନ୍ତ ରଣଯାତ୍ରୀ ଦଳ ପଛକୁ ଫେରି ଗୁହିଁଲେ । ଉତ୍ତୋଳିତ ତରବାରି ଅବନତ ହୋଇ ପଡ଼ିଲା । କାହାର ଦୁର୍ଭାଗ୍ୟକୁ କି ସୁଭାଗ୍ୟକୁ କିଏ ବିଗ୍ରୁରି ଦେଶର ଭାଗ୍ୟବିଧାତା ଓଡ଼ିଶାର ଗଜପତି ଦେଶର ସ୍ୱାଧୀନତା ଦେବୀଙ୍କ ପ୍ରତି ଅବଜ୍ଞା ଦେଖାଇ ଅସ୍ତ୍ର ତ୍ୟାଗ କଲେ । ସେନାପତିଙ୍କ ସାଞ୍ଜୁଆସ୍ଥାନରେ ଗୈରିକ କୌପୀନ ଦେଖାଗଲା । ବନ୍ଧୁକ, ବର୍ଚ୍ଛା ଧାରୀ ପଦାତିକଙ୍କ ହାତରେ କୋଥଲି ଭିତରେ ବିଶୁଦ୍ଧ ତୁଳସୀମାଳା ଶୋଭା ପାଇଲା । ରକ୍ତର ଟିକା ପରିବର୍ତ୍ତରେ ରଣକ୍ଳାନ୍ତ ଯୁବକ କପାଳରେ ହରିତିଳକ ବିରାଜିଲା । ଗୋଦାବରୀ କୂଳର ରାଜପ୍ରତିନିଧି ଗଙ୍ଗା କୂଳରେ ଯାଇ 'ଶଭୁପାଦ' ଆଖ୍ୟାରେ ଶ୍ରୀମତୀ ରାଧାଙ୍କ ଅଭିସାରରେ ଯୋଗଦେଇ ବିରହରେ ଲୁହ ଢାଳିଲେ ।

ସେହି ସୁଦୂର ଇତିହାସର ଏ ଏକ ବିସ୍ମୃତ ପରିଚ୍ଛେଦର ପୃଷ୍ଠାଏ ମାତ୍ର ।

ଦୟାନଦୀ କୂଳର କୌଣସି ଏକ ଅଖ୍ୟାତ ପଲ୍ଲୀର ଅବଜ୍ଞାତ କୁଟୀର ଭିତରେ ତାର ଜନ୍ମ—ଜନ୍ମ ବେଳେ ବାପ ମା ତା ନାଁ ଦେଇଥିଲେ ଅଇଁଠା ।

ଏପରି ନାମକରଣର ଗୁରୁତର କାରଣ ଅଛି । ତାହା ଆଗରୁ ବାପ ମାଆଙ୍କର ସେହି କୁଟୀର ଭିତରେ ଲଗ ଲଗ ଚାରୋଟି ଶିଶୁ ପୃଥିବୀ ସ୍ପର୍ଶ କରିବାର ମାସକ ମଧ୍ୟରେ ଅନ୍ୟ ଲୋକକୁ ଚାଲି ଯାଇଥିଲେ । ତେଣୁ ଏହି ପଞ୍ଚମ ଶିଶୁଟିର ନାଁ "ଅଇଁଠା" ଦେଲେ । ଶୁଚିମନ୍ତ ଯମ ଦେବତା ମାନବର ଏହି ଅଇଁଠା ନାମଧାରୀ ବଳଟେ ହେବ ଶିଶୁକୁ ଛୁଇଁବ ନାହିଁ, ଏହି ଥିଲା ନାମକରଣର ଭିତରି ରହସ୍ୟ ।

ତାହାହିଁ କାର୍ଯ୍ୟରେ ଦେଖାଗଲା । ଅଇଁଠା ଶୈଶବ, ବାଲ୍ୟ,କୈଶୋର ଓ ଯୌବନ ପାରି ହୋଇ ଜୀବନର ଆଉ ଏକ ସୀମାରେ ପହଞ୍ଚିଲା । ଯେତେବେଳେ ଓଡ଼ିଶାର ବୀରଗଜପତି ରଣକ୍ଷେତ୍ରରେ ଅସ୍ତ୍ର ତ୍ୟାଗ କରି ଯୁଗଯୁଗାନ୍ତ ଲାଗି ଓଡ଼ିଆ ସୈନ୍ୟଙ୍କର କ୍ଲୀବତ୍ୱ ବ୍ୟବସ୍ଥା କରି ପୁରୀ ବଡ଼ ଦାଣ୍ଡରେ "ଦେହି ମେ ପଦପଲ୍ଲବମୁଦାର" ବୋଲି ପ୍ରାର୍ଥନା କଲେ ସେତିକିବେଳକୁ ଦୟାନଦୀ କୂଳର ଏହି ଅଇଁଠାର ବୟସ ପ୍ରାୟ ଚାଳିଶ ।

ଗଳ୍ପ ଏହିଠାରୁ ଆରମ୍ଭ ।

( ୨ )

ଅଇଁଠା ପିଲାଦିନେ ବଡ଼ ଦୁର୍ଦ୍ଦାନ୍ତ ଥିଲା । ବାପ ତାର ଗୋହତ୍ୟା ପାପରେ ତିନିଥର ବେକରେ ପାଲ ଦଉଡ଼ି ବାନ୍ଧି ପ୍ରକାଶ୍ୟରେ ଦ୍ୱାରେ ଦ୍ୱାରେ ଭିକ ମାଗି ପାପର ପ୍ରାୟଶ୍ଚିତ୍ତ କରିଥିଲା ବୋଲି ସେ ଶୁଣେ । ସେହି ଗୋହତ୍ୟା ପାପ ପାଇଁ ବାପ ତାର କେତେଦୂର ଦାୟୀ, ନିଜେ ସେ ବୁଝିପାରିଲା ନାହିଁ । ସେ ଶୁଣିଛି, ବାପ କେବେ କୁଆଡ଼େ ଗୋଟିଏ ଉଇ ତିନିହଲ ବଳଦ କିଣିଥିଲା । ଥରେ ବେକରେ ପଘା ଥାଇ ଦୁଇଟା ବଳଦ ଗୁଡ଼ି ଭିତରେ ମରି ଶୋଇଥିବାର ଦେଖାଗଲା । ଘରେ ନିଆଁ ଲାଗିବା ଦ୍ୱାରା ଥରେ କେବେ ଗୋଟାଏ ବାଛୁରୀ ପୋଡ଼ି ମରି ଯାଇଥିଲା । ଏସବୁ ଘଟଣାରେ ତାର ବାପହିଁ ପଞ୍ଚମୁଖରେ ପାପୀ ସାବ୍ୟସ୍ତ ହେଲା । ତେଣୁ ସେ ନିର୍ବିବାଦରେ ପାପର ପ୍ରାୟଶ୍ଚିତ୍ତ ପରେ ବାକି ଗାଈ, ବଳଦ ସବୁ ବିକି, ଗୁହାଳ ଭାଙ୍ଗି ବୁଢ଼ୀକି

କହିଲା—"ମୁଁ ଯେବେ ଆଗ ସଂସାରରୁ ଯାଏ, ତାହାହେଲେ ଅଇଁଠାର ବୁଦ୍ଧି ହେଲେ କହିବୁ ଆଉ ସେ କେବେହେଲେ ଗୁହାଳ କରିବ ନାହିଁ । ମୁଁ ଯାହା ପାପ ଅର୍ଜି ଯାଇଛି, ତାହା କାଳ କାଳକୁ ରହିଲା । ପାରିଲେ ସେ କେବଳ ପ୍ରାୟଶ୍ଚିତ୍ତ କରିବ ।"

ଅଇଁଠା କିନ୍ତୁ ଯୌବନରେ ଏ ଗଳ୍ପର ମୂଲ୍ୟ କିଛି ବୁଝିଲା ନାହିଁ । ଦାହାଲ ବଳଦ କିଣି ସେ ପୁଣି ଗୃଷ ବାସ ଆରମ୍ଭ କରିଦେଲା । ଲୋକେ ଏହା ଦେଖି କହିଲେ—"ଏ ହେଉଚି ଗୋରୁମରା ପୁଅର ଗୋରୁମରା ଲକ୍ଷଣ ।" ଗାଁର ବଡ଼ ବଡ଼ମାନେ କହିଲେ—"ପାପୀର ପୁଅ ପାପବାଟ ଦେଖିବ ନାହିଁତ ଆଉ କଣ ଦେଖିବ ?"

ଅଇଁଠା ନିତାନ୍ତ ଗୋଖା । ସେ ପାପପୁଣ୍ୟର ମୂଲ୍ୟ କିଛି ଜାଣେ ନାହିଁ । ଲୋକେ ଦିନକେ ମାଣେ ଜମି ଗୃଷ କରି ଆସିଲେ, ସେ ପାଞ୍ଚମାଣ ଚଷି ଦେଇ ଆସେ । ଲୋକେ ଦିନକେ ପହରେ ବିଶ୍ରାମ ନେଲେ, ସେ ଦିଘଡ଼ି ବିଶ୍ରାମ ନେଇ ବାକୀ ସମୟ ଖରା ବର୍ଷାରେ ଲାଗି ପଡ଼ିଥାଏ । ତାର ଏ ପାରିବାପଣିଆ ଓ ସାହସ ଦେଖି ଲୋକେ କ୍ରମେ ଆଶ୍ଚର୍ଯ୍ୟ ହେଲେ; ମାତ୍ର କହିଲେ—"ମୂର୍ଖଟା, ପାପୀଟା ।"

ଏହି ପାପୀ-ସନ୍ତାନ ଅଇଁଠା ଦୀର୍ଘ ପଚିଶି ବର୍ଷକାଳ ଖରା ଜାକରି ଖାଇ, ବର୍ଷା ଶୀତରେ ପଡ଼ି ଦୟା ନଦୀ କୂଳର କେତେକ ସ୍ଥାନରେ ସୁନା ଫଳେଇବାକୁ ଲାଗିଲା । ତଥାପି ତା'ର ଗାଁରୁ ',ପାପୀର ପୁଅ" ଅପବାଦ ଗଲାନାହିଁ । ନଈ ବଢ଼ିରେ ଲୋକେ ବୁଡ଼ିମରୁଥିବାବେଳେ ଦଶ ପାଞ୍ଚ ଘଟଣାରେ ସେ ଦଶ ପାଞ୍ଚ ଲୋକଙ୍କ ଜୀବନ ରକ୍ଷା କରିଥିଲେ ମଧ୍ୟ ତା'ର "ଗୋରୁମରାପୁଅ" ଅପବାଦ ଲୁଚିଲା ନାହିଁ । ଜ୍ୟେଷ୍ଠମାସ ଖରାରେ ଭିକମଗା ଯୋଗୀମାନଙ୍କ ପିଣ୍ଡାକୁ ଡାକଆଣି ଗୀତ ଶୁଣି ତୋରାଣି ମୁନ୍ଦାଏ ଦେଲେ ମଧ୍ୟ 'ମୂର୍ଖ' ଅପବାଦ ତା'ର ଛପିଲା ନାହିଁ । ଗାଁର କଳହ ବିବାଦବେଳେ ଦୁଇଦଳ ଠେଙ୍ଗା ଧରାଧରି ହୋଇ କୁରୁକ୍ଷେତ୍ର ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲାବେଳେ ସେ ନିଜ

ତାଙ୍କୁ ଦେଖାଇ ଦୁଇଦାଳକୁ ଦୁଇ ଦାଗକୁ ହଟାଇ ଶାନ୍ତ ଆଣିଥିଲେ ମଧ ତା'ର 'ବୋକା' ଦୁର୍ନାମ ଘୁଞ୍ଚିଲା ନାହିଁ । ସମାଜ ଭିତରେ ବାପର ପାପ, ବାପର କର୍ମ ପୁଅ ଉପରେ ଏହିପରି ନିର୍ମମ ଭାବରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ଆକ୍ରମଣ କଲା ।

( ୩ )

ଏହିପରି ସମୟରେ ଓଡ଼ିଶାର ରଣଦୀପ୍ତ ଗଗନକୁ ମୁଖରିତ କରି ବୋଲ ଉଠିଲା—"ଭଜ ହରେକୃଷ୍ଣ ହରେରାମ ।" ସୁନ୍ଦର ସୁଗଠିତ ଖଣ୍ଡାୟତ ଯୁବକ ଯେତେବେଳେ ସୁଗୋଲ ବାହୁ, ପ୍ରଶସ୍ତ ଲଲାଟଦେଶରେ 'ନାମାବଳୀ' ଚିତା ଦେଇ ଗଳାରେ ତୁଳସୀମାଳ ଲମ୍ବାଇ କାଞ୍ଚି, ଗୋଲକୁଣ୍ଡା ନିଜାମ ରାଜ୍ୟକୁ ଯୁଦ୍ଧଯାତ୍ରା ପରବର୍ତ୍ତିରେ କୀର୍ତ୍ତନଯାତ୍ରାରେ ବାହାରିଲେ, "ପାପୀପୁଅ" ଅଇଁଠାର କୌତୂହଳର ସୀମା ରହିଲା ନାହିଁ । ତାହାର ଗାଁରେ କେତେ କୀର୍ତ୍ତନ ହେଲା, କେତେ ଲୋକ ମାଳା, ଚିତା ଲଗାଇ ଖୋଳ କରତାଳ ଧରିଲେ । ଯୁଦ୍ଧ ଲୀଳାର କ୍ଷତସ୍ଥାନ ତୁଳସୀ ଚନ୍ଦନରେ ରଞ୍ଜିତ ହେଲା । ସେ ସବୁ ଦେଖି ତା' ମନଟା ବେଲକୁବେଲ ଉଚାଟ ହେଲା । ନିତାନ୍ତ ମୂର୍ଖ ସେ । ପାଠଶାଠ କଣ, ସେ ଜାଣେ ନାହିଁ । ମୁକ୍ତିମାର୍ଗ କଣ, ବୁଝେ ନାହିଁ । ସେ କଣ ବୁଝିବ ଭକ୍ତି ମାହାତ୍ମ୍ୟ ? ସେ କଣ ବୁଝିବ ହେତୁକୀ, ଅହେତୁକୀ ଭକ୍ତି ରହସ୍ୟ ? କେବଳ ସେ ବେଳେବେଳେ କୌତୂହଳ ଏଡ଼ି ନ ପାରି ପଚାରେ—"ଏ ଯେ ବାଇଦ ବଜାଉଛନ୍ତି କ'ଣ କରୁଛନ୍ତି ?"

ଉତ୍ତର ମିଳେ, "କୀର୍ତ୍ତନ ପରା କରୁଛନ୍ତି !"

ପୁଣି ପଚାରେ—"ସୁଖରେ ଅଛନ୍ତି ନା ଦୁଃଖରେ ଅଛନ୍ତି ?"

ଶୁଣେ "ବେଶ୍ ସୁଖରେ ଅଛନ୍ତି ।"

ଠିକ୍ ବର୍ଷକ ପରେ

ବର୍ଷକ ପରେ ଦେଖାଗଲା, ଅଇଁଠାର ବଳକୁ ଆଉ ଠିକ୍ ସମୟରେ ହଳ ଯାଉନାହିଁ । ତା'ର ଗାଈ ବଳଦଗୁଡ଼ାଙ୍କର ଶ୍ରୀ ଆଉ ପୂର୍ବପରି ନାହିଁ, ବେଶ ବାସ ମଧ୍ୟ ତା'ର ବଦଳି ଯାଇଛି ।

ହଠାତ୍ ଦିନେ ଏକ ପତଙ୍ଗ ଭିତରେ ଅଇଁଠାର ଆସନ ପଡ଼ିଲା । ସେ ଚରଣାମୃତ ପାନକରି ଦିନକେ ମୁଠାଏ ଅରୁଆ ଭୋଗ ପାଇ ହାତରେ ଝୁଲି କରତାଳ ଧରିଲା । ଅନ୍ତର୍ବାସ ଉପରେ ଗ୍ରେଣ୍ଠିଆ ବନ୍ଧିବାସନ୍ତି ତାକୁ ବେଶ୍ ସୁନ୍ଦର ଦେଖାଗଲା । ମୁଣ୍ଡରେ କେବେ ତେଲ ହାତ ବାଜିଲା ନାହିଁ । ବୈଷ୍ଣବ ଦଳରେ ରହିବା ଫଳରେ ତା'ର ସେହି ଅଙ୍ଗିଙ୍ଗଳ କେଶଗୁଚ୍ଛ ଜଟା ଦିଗକୁ ଗତି କଲା ।

ଏହି ଯେଉଁ ଭକ୍ତଦଳ ଦୟାନଦୀ କୂଳର ମଫସଲ ଭିତରୁ ବାହାରି ଅଇଁଠାପରି ଜୀବକୁ ଟାଣିଆଣି ପାରିଲେ, ଏମାନଙ୍କ ଭିତରୁ ଅଧିକାଂଶ ପ୍ରାୟ ଯୁବକ । ଖାଲି ନାଁକୁ ଯୁବକ ନୁହନ୍ତି ଯୁବକସୁଲଭ ଶକ୍ତି ସାମର୍ଥ୍ୟ ନେଇ କିଏ କେମିତି ଦୁଇ ଚାରି ପାଞ୍ଚ ଯୁଦ୍ଧରେ ଜୟବାନା ମଧ୍ୟ ଉଡ଼ାଇ ଆସିଛନ୍ତି । କାହାର ବାହୁରେ ଶତ୍ରୁର କରବାଳ ଗ୍ରେଣ୍ଠ ବାଜିଛି ତ ତାଳୁରେ ବର୍ଚ୍ଛା ଘାତ ହୋଇଛି । କିଏ କୃଷ୍ଣାକୂଳରେ ଶତ୍ରୁ ଶିବିର ପୋଡ଼ି ଆସିଛି । କଳବର୍ଗ ଦୁର୍ଗତଳେ କିଏ ଅସିଘାତ ସହି ଆସିଛି, ଧଳଭୂମି ସୀମାରେ କାହାର ବା ବାହୁ ଛେଦନ ହୋଇଛି ।

ଓଡ଼ିଆ ଜାତିର ଏହି ଜୀବନ୍ତ କୋହିନୁରଗୁଡ଼ିକ ଯେତେବେଳେ ରଣକ୍ଷେତ୍ରର ଆଉ ସୁଯୋଗ ପାଇଲେ ନାହିଁ, ସେମାନଙ୍କ ଗୌରବ ପିପାସା ମେଣ୍ଟାଇବା ପାଇଁ ରାଜ-ସନ୍ନ୍ୟାସୀ ଗଜପତି ଦର୍ଶନରେ ପୁରୀ ଅଭିମୁଖରେ ଦିନେ ଯାତ୍ରା ଆରମ୍ଭ କଲେ । ଅଇଁଠା ହେଲା, ଏହି ଦଳର ଜଣେ ସଙ୍ଗୀ ।

ଗାଁ ଗାଁ କୀର୍ତ୍ତନ, ଘର ଘର ଭିକ୍ଷାମଗା ଚାଲିଲା । ବିଶ୍ରାମବେଳ ହେଲା କେବଳ ପୂର୍ବ ଜୀବନର ଆଲୋଚନା । ସମସ୍ତେ କହିଲେ ସମର କାହାଣୀ, ଯେପରି ସେ କଥା ସେମାନେ ଭୁଲି ପାରୁ ନ ଥିଲେ । ଯୁଦ୍ଧରୁ

ଫେଗ, ଶତ୍ରୁର ରକ୍ତଦାଗ ନ ଲିଭାଇ ବର୍ଷକ ପରେ କାଙ୍ଗାଳ ମାଗ ଭିକ୍ଷା ମାଗି ବୁଲିବା କି ଦାରୁଣ ଚିନ୍ତା ! ଇଃ ! ରକ୍ତଟିକା ଲିଭି ନାହିଁ; ଅସ୍ତ୍ରାଘାତ ଉପଶମ ହୋଇ ନାହିଁ, ରଣକାଳୀନ ଧମନୀର ଉତ୍ତେଜନା ଶାନ୍ତ ହୋଇନାହିଁ— ଏତିକିବେଳେ ଯୁବକଦଳ ଗାଇ ଉଠିଲେ—

"ଭିକାରୀ ଜନରେ କରୁଣା କର ହେ ନାଥ ।"

( ୪ )

ଭକ୍ତଦଳ ଯେତେବେଳେ ନିଜ ନିଜର ବିଶାଳ ଅନୁଭୂତିର ପରିସର ଭିତରେ ରହି ଆଲୋଚନା କରନ୍ତି, ଅଇଁଠା ସେତେବେଳେ ମୂକ ହୋଇ ବସେ । ସେ ଦୟାନଦୀ ଛଡ଼ା ଜଗତରେ ଆଉ ନଦୀ ଦେଖିନାହିଁ, ନିଜ ଗାଁ ଛଡ଼ା ଆଉ ବଡ଼ ଗାଁ ଦେଖିନାହିଁ । ସେ ହଳିଆ-ଗୀତ— "ରାମ ଯେ ଲଇଖଣ" ଛଡ଼ା ଆଉ ଗୀତ କେବେ ଶୁଣିନାହିଁ ।

ଆଜି ଏହି ନୂଆ ଜଗତରେ ତା'ର ଏହି ପ୍ରଥମ ନବଜନ୍ମ । ଏହି ନବଜନ୍ମର ପ୍ରଭାତ ଆଲୋକରେ ବସି ସେ କେବଳ ସ୍ୱପ୍ନ ଦେଖିଲା—ନାଲି ଗୁଲୁ ଗୁଲୁ ଧାନ କିଆରି, କୁଳୁ କୁଳୁ ଜଳଧାରା, ଦୂରରେ ଧୂସର ପର୍ବତର ବଙ୍କିମ ସୀମା, ପଶ୍ଚିମ ଗଗନର ପ୍ରଦୋଷକାଳୀନ କଳରୋଳ··· ଇତ୍ୟାଦି କେତେ କଥା । ଏ ସବୁ ଛାଡ଼ି ସେ ଆସିଛି, ନୂତନ ଜଗତକୁ ନୂତନ ଧନ ସନ୍ଧାନରେ । ସମସ୍ତେ କରନ୍ତି ଗପସପ, ଆଲୋଚନା, ଏ ଚୋର ବସେ ଚିତାମାଟି । ସମସ୍ତେ ଗୀତ ଆରମ୍ଭ କଲାବେଳେ ତାଙ୍କ ମୁହଁକୁ ବଲ ବଲ ଚାହିଁ ରହିଥାଏ । ଗ୍ରାମ୍ୟ ବର୍ଷର ଅଗୀତ କଣ୍ଠ ତାର ଜଡ଼ ହୋଇଆସେ ।

ହଠାତ୍ ଅଇଁଠା ସ୍ୱପ୍ନରୁ ଉଠିଲା । ଦେଖିଲା ତାର ମନକୁ ଖାଦ୍ୟ ଅଭାବ ହେଉଛି । ଦେହର ଖାଦ୍ୟ ଅଭାବ ହେଲେ ମନୁଷ୍ୟ କିଛିଦିନ ଚଳିପାରିବ; ମାତ୍ର ମନର ଖାଦ୍ୟ ଅଭାବ ହେଲେ ପାଗଳାମୀ ଛଡ଼ା ଆଉ ଉପାୟ ନାହିଁ ।

ଅଇଁଠା ଘର ଛାଡ଼ିବାର ବର୍ଷକ ପରେ ଏ ଅଭାବ ତୀବ୍ର ଭାବରେ ଅନୁଭବ କଲା । ତାର ଶିରା ପ୍ରଶିରା ଧରି ଚିତ୍କାର ଉଠିଲା—

"କାହିଁ ମୋର ଦେବତା ! କାହିଁ ମୋର ଦେବତା !"

( ୫ )

ତାର ଦେବତା ତାର ଶ୍ୟାମଳ ସୁନ୍ଦର ତରୁକୁଞ୍ଜ ତଳେ, ଲଳିତ ସୁନ୍ଦର ଧାନ୍ୟ କ୍ଷେତରେ, ନଦୀକୂଳରେ, ସ୍ଫୁଟନୋନ୍ମୁଖ ପୁଷ୍ପଗୁଚ୍ଛ ଭିତରେ, ଗୃହ ସମ୍ପଦ ଗୋମାତା ରୂପରେ, ଶିଶୁଖେଳ ମୁଖରିତ କୁଟୀର-ପ୍ରାସାଦ ଭିତରେ । ଏହା ଛଡ଼ା ତାର ଦେବତା ଆଉ ଏ ତ୍ରିଭୁବନରେ ନାହାନ୍ତି । ଏ ଦଳ ନ ଛାଡ଼ିଲେ ସେ ଦେବତାଙ୍କ ସାକ୍ଷାତ୍ ପାଇବ ନାହିଁ ବୋଲି ବୁଝିଲା ।

ଅଇଁଠା ପ୍ରଥମେ କୀର୍ତ୍ତନ ଶୁଣିଲା, ବୁଝିପାରିଲା ନାହିଁ । କରତାଳ ଧରି ବାଡ଼େଇଲା, ମନ ବୋଧ ହେଲାନାହିଁ । ଜୀବନରେ ସେ କାହାକୁ ଜାଣେ ଯେ, କାହାକୁ କଣ ବୋଲି ଡାକିବ ? ଗଗନ ମୁଖରିତ କରି ଯେତେବେଳେ ବୋଲ ଉଠେ—

"ବାଜିଲା ବଂଶୀ ବିପିନେ ବୃନ୍ଦାବନରେ—"
ସେହିଠାରେ ସ୍ୱପ୍ନ ଦେଖିଗଲା, ସେ ଶୁଣିଲା—
"ବାଜିଲା ବଂଶୀ ବିପିନେ ବୁଦାବଣରେ ।"

ଜୀବନରେ ତ୍ରିଶ ବର୍ଷକାଳ ତା' ଜୀବନର ବଂଶୀ ଦଇଆ ନଦୀ କୂଳରେ ବୁଦା ବଣରେ ବାଜିଛି । ତାକୁ ଛାଡ଼ି ଆସିଲା ପରେ ସେହି ବଂଶୀର ଡାକ ପୁଣି ସେ ପ୍ରାଣରେ ଅନୁଭବ କରି ପାରିଲା । ସେ ଦେଖିଲା — "କୃଷ୍ଣ ତା'ର ଦଇଆ କୂଳର ଶସ୍ୟ ଗହଳରେ ହଳ ଧରି ଚାଷ କରୁଛନ୍ତି; ଦାଆ ଧରି ଫସଲ କାଟୁଛନ୍ତି, ଖରାରେ ମାଟି ତାଡ଼ୁଛନ୍ତି, ବର୍ଷାରେ ଗୀତ ଗାଇ ହସି ଉଠୁଛନ୍ତି । ତେଣୁ ସମସ୍ତେ ଗୀତ ଗାଇ ବସିଲାବେଳେ କରତାଳ ଧରି ସେ ଗାଇଲା—

"ବୃନ୍ଦା ବଣରେ, ବୃନ୍ଦା ବଣରେ ।"

ଭକ୍ତଦଳ ଅଳ୍ପଦିନ ଭିତରେ ଅଇଁଠାର ଏହି ମନୋଭାବ ଠଉରେଇ ପାରିଲେ । ସମସ୍ତଙ୍କର ତା' ପ୍ରତି ଦୃଷ୍ଟି ପଡ଼ିଲା । ଦେଖାଗଲା ଗାଁ ଗାଁ କୀର୍ତ୍ତନ କଲାବେଳେ ଅଇଁଠାର ହାତ ଥାଏ କରତାଳରେ ବନ୍ଧା; ଆଉ ଆଖି ଥାଏ ଆଖପାଖର ଗାଈ ଗୋରୁଙ୍କ ଉପରେ । ଭଲ ଧାନ କିଆରିଟିଏ ଦେଖିଲେ ସେ ମୁହୂର୍ତ୍ତେ ମୂକ ହୋଇ ଠିଆହୁଏ । ବଳଦ ହଳେ ଦେଖିଲେ, ତାର ମୂଲ୍ୟ ପଚାରି ବସେ ।

ଭକ୍ତଦଳ ପକ୍ଷରେ ଏହା କମ୍ ଅପମାନର କଥା ନୁହେ । ଏ ଯେ ମାୟା ଏଡ଼ିପାରି ନାହିଁ ! ଏ କି ଭକ୍ତର ଲକ୍ଷଣ ?

( ୭ )

ଦିନେ ଭକ୍ତଦଳ ଭିତରେ ବିଦ୍ରୋହ ଦେଖାଗଲା । ଜଣେ ତରୁଣ ଭକ୍ତ ଉତ୍ତେଜନାରେ ଖୋଳ ବଜାଉ ବଜାଉ ତା'ର ରଣ-ପିପାସୀ ବାହୁର ଜୋର ଏତେ ତୀବ୍ର ହେଲା ଯେ, ଖୋଳଟା ଫାଟିଗଲା । ଏଣେ ଦେଖାଗଲା, ଅଇଁଠା ତା'ର କରତାଳ ହଳକ ହାତରେ ଧରି କେବଳ ଗାଉଛି—

"ବଂଶୀ ବାଜିଲା ଦିନେ ବୃନ୍ଦା ବଣରେ—ବୃନ୍ଦା ବଣରେ ।" ଦଳର ବୃଦ୍ଧ ନେତା ଚମକି ଉଠିଲେ । ଦଳ ଭିତରେ ପାପ ପଶିଲା ! ଏଥିରେ ବିଚାର ହେଲା । ଦୋଷୀ କହିଲେ, ବାହୁର ଜୋର ତୀବ୍ର ହେଲା ; ତେଣୁ ମୋର ଦୋଷ ନୁହେଁ । ପ୍ରାୟଶ୍ଚିତ୍ତ ହେଲା—ଦୁଇ ଦିନରେ ଦିନେ ସେ ପଙ୍ଗତ ଖାଇବେ । ତାହାହେଲେ ବୈଷ୍ଣବସୁଲଭ ଶୋଭାରେ ଦଳ ପୂରି ଉଠିବ । ଅଇଁଠାର ବିଚାରବେଳେ ଉତ୍ତର ମିଳିଲା—"ମୋର ଦସ୍ମାନଦୀ, ମୋର ବିଲବାଡ଼ି······।"

ନେତା କାନରେ ହାତ ଦେଇ ମାଳିକି ଖୁବ୍ ଜୋରରେ ଗଡ଼ାଇ ଗଡ଼ାଇ କହିଲେ—"ହରେକୃଷ୍ଣ, ହରେକୃଷ୍ଣ ! ଏ ମାୟା ସଂସାର ଭିତରେ ପୁଣି ତୁମେ ଅଛ ?"

ଅଇଁଠା କହିଲା—"ମୁଁ ଅଛି ଏଠି, ଆଉ ମୋ ଦେବତା ଅଛନ୍ତି ଦୟାନଦୀ କୂଳରେ—ବାଲି ପଡ଼ିଆରେ ।"

ଆଉ କାହାର ସ୍ୱର ଶୁଭିଲା—"ମୋ ଦେବତା ମୋର ତରବାରରେ ।"

ଏହି ଶେଷ ପଦକ ପ୍ରାୟ ସମସ୍ତଙ୍କ ପ୍ରାଣରେ ପ୍ରତିଧ୍ୱନିତ ହେଲା । ଗୁହାଁ ଗୁହାଁ ଏକା ସ୍ୱର ସବୁଆଡ଼ୁ ଶୁଭିଲା—"ତରବାର, ତରବାର ।"

ବୁଢ଼ା ବାବାଜି କହିଲେ—ହିଂସା ! ହିଂସା !"
କିଏ କହିଲା—"ଦେବତା ମୋର କୃଷ୍ଣା ଦୁର୍ଗରେ ।"
କିଏ କହିଲା—"ମୋ ଦେବତା ରଣକ୍ଷେତ୍ରରେ ।"
ବୁଢ଼ା ପଚାରିଲେ—"ତୁମେ ଯେ ଏବେ ବାବାଜି !"

ସମସ୍ତେ ଉତ୍ତର ଦେଲେ—"ନିଶ୍ଚୟ ! ଅନ୍ୟ ବ୍ୟବସାୟ ନାହିଁ ବୋଲି...... !"

× × ×

କିଛିଦିନ ପରେ ଦେଖାଗଲା—"ପାପୀ ପୁଣି ଅଇଁଠା ଦୟାନଦୀ କୂଳରେ ବାଲି-ପ୍ରାନ୍ତର ଭିତରେ ଗୀତ ଗାଇ କହୁଛି—"ମୁଁ ଜାଣେ ନାହିଁ ପୂଜା, ମୁଁ ଜାଣେ ନାହିଁ ହରି । ମୋର ଏଇ ଜନ୍ମର ତୀର୍ଥଭୂମି ଏଇ ବାଲିଚର ।"

ବାକୀ ରଣ-ପିପାସୀ ବାବାଜିଦଳ ଯୁଦ୍ଧ ଅଭାବରେ, ଦେଶ ଜନ୍ୟ ଅଭାବରେ, ସ୍ୱାଧୀନତା ପ୍ରତି ଗଜପତିଙ୍କ ବିଶ୍ୱାସଘାତକତା ଫଳରେ କି ବେଶରେ କେଉଁ ଦୁର୍ଗତଳେ ଶେଷ-ଜୀବନ ଶେଷ କଲେ, ତାହା ଇତିହାସର ଅନ୍ଧକାରମୟ ଗହ୍ୱରରେ । ନୂତନ ଉତ୍କଳର ସୃଷ୍ଟିବେଳେ ସେମାନେ ପୁଣି ଜୀବନ ପାଇ କବିକଣ୍ଠରେ ଅତୃପ୍ତ ଆତ୍ମକଥା ଗାଇ ପାରନ୍ତି ।

# ପ୍ରେମର ସିଂହାସନ

## ( ୧ )

ବାହାରର ସିଂହାସନ ଠାରୁ ହୃଦୟର ସିଂହାସନ ଯେ କେଡ଼େ ମହତ୍ତ୍ୱ, ଏ କଥା ସୁନାଖଲାର ଗରିବ ନାହାକ ତା ଜୀବନର ବର୍ଷ ପଚିଶିଟା ମଧ୍ୟରେ ଜଗତକୁ ଦେଖାଇ ଦେଇ ସମସ୍ତଙ୍କୁ ଚମକାଇ ଦେଇଗଲା ।

ବୋଲଗଡ଼ର ନିର୍ଘାଟ ନିଷ୍ଠୁର ବଲ ପଡ଼ିଆରେ ମୁକୁଳା ମୁଣ୍ଡରେ ଖରା ବର୍ଷା ଶୀତରେ କାମ କରି ଗରିବ ଯାହା କିଛି ରୋଜଗାର କଲା, ତାର ହୃଦୟ-ସିଂହାସନ ଗଢ଼ିବା ପାଇଁ ତାହା ଯଥେଷ୍ଟ ହେଲା ନାହିଁ । ଦିନରେ ସେ କେତେ କଥା କଳ୍ପନା କଲା, ରାତିରେ କେତେ କେତେ ବିଚିତ୍ର ବିରାଟ ସ୍ୱପ୍ନ ଦେଖିଲା; ମାତ୍ର ସେହି ସବୁ ତାର କଳ୍ପନା ଓ ସ୍ୱପ୍ନ ପରି ରହିଲା । ହୃଦୟ-ସିଂହାସନ ସେ ଗଢ଼ିପାରିଲା ନାହିଁ । ସେ କେବେ କେବେ ଏକୁଟିଆ ବସିଲାବେଳେ ଗୋଟିଏ ନିରାଭରଣା କୁଟୀରବାଳାର କମନୀୟ ଛବି ତା ଆଗେ ଆସି ନାଚିଗଲା, କାହା ତୁଣ୍ଡରୁ କଥା ଶୁଣିଲାବେଳେ ସେ ସେହି ଛବିର ଜୀବନ୍ତ ସତେଜ ସ୍ୱର ଠିକିଏ କଳ୍ପନା କଲା । କହିବାକୁ ଗଲେ ତାର ସେ ହେଲା ଦେବତା, ତା ପ୍ରାଣର ଆରାଧ୍ୟ, ତା ସ୍ୱପ୍ନର ପ୍ରତିଚ୍ଛାୟା, ତା ହୃଦୟର ମାନସୀ ! ତାକୁ ପାଇବା ପାଇଁ ତାର ଏକ ପ୍ରେମ ସିଂହାସନ ଲୋଡ଼ା ! ! ତା ଯୋଗ୍ୟ ସିଂହାସନ ସେ ଗଢ଼ିବ କିପରି ?

ବୋଲଗଡ଼ର କଙ୍କରିଲ ଗିରିପ୍ରାନ୍ତର ଏପରି ସିଂହାସନଟିଏ ଗଢ଼ିବାପାଇଁ ତାକୁ ଉପାଦାନ ଯୋଗାଇ ପାରିଲା ନାହିଁ । ଦାନୀ ଜ୍ଞାନୀ, ମାନୀ ମହାଜନମାନଙ୍କ ପାଖକୁ ଯାଇ ସେ ଏଥିପାଇଁ କିଛି ଉପାଦାନ ମାଗିଲା ନାହିଁ । ନିଜ ବାହୁବଳରେ ଅର୍ଜନ କରି ଆଣିବା ପାଇଁ ଦିନେ ସେ ପୌଷମାସ

ସନ୍ଧ୍ୟାବେଳେ ସୁନାଖଲା ଗାଁ ଛାଡ଼ି ଆସାମ ଚାଲିଲା । ଗଲାବେଳେ ଗାଁ ଶେଷ ମୁଣ୍ଡ କୁଡ଼ିଆ ଭିତରକୁ ପଶିଯାଇ ବିଦାୟ ନେଇ ଆସିଲା । ଦୁଆର ମୁହଁରେ କହିଲା—

"ଯାଉଚି ପାଟ, ଚିଠିଦେବ ।"

( ୨ )

କୁଡ଼ିଆ ଭିତରେ ପାଟର ସାରା ସଂସାର । ମା ନାହିଁ, ବାପ ନାହିଁ, ଗାଁରେ ତା'ର ସାହା ସାଥୀ ମଧ୍ୟ କେହି ନାହାନ୍ତି । କେବଳ ତାର ନିଜର ହୋଇ ଅଛି ହସହସ ମୁହଁ ଖଣ୍ଡିକ, ସହଜ ସରଳ ବ୍ୟବହାର ଟିକକ ।

ଓଡ଼ିଶାରେ ୬୬ ସାଲ ଦୁର୍ଭିକ୍ଷର ନିଷ୍ଠୁର ତାଡ଼ନାରେ ଗାଁ ଗଣ୍ଡା ଯେତେବେଳେ ଜନଶୂନ୍ୟ ହେଉଥିଲା, ଘଡ଼ି ଘଡ଼ିକ ମଧ୍ୟରେ ବାପମା, ଭାଇଭଉଣୀଙ୍କ ମଧ୍ୟରେ ଚିରଦିନ ପାଇଁ ବିଦାୟ ଦିଆ ନିଆ ଚାଲିଥିଲା, ସେହି ସମୟରେ ଏକ ମୁଠି-ଚାଉଳ-ବଣ୍ଟା କେନ୍ଦ୍ରରେ ପାଟ ସହିତ ଗଡ଼ର ପରିଚୟ । ଦୁହେଁ ଜାତିରେ ବାଉରୀ, ହିନ୍ଦୁ ଜାତିର ଅସ୍ପୃଶ୍ୟ । ଏହି ପିତୃହୀନ ଅସ୍ପୃଶ୍ୟ ବାଳକ ବାଳିକା ଦୁହିଙ୍କର ମା ଦୁହେଁ ଭାଗ୍ୟ ସ୍ରୋତରେ ଭାସି ଭାସି ଆସି କେତେ ଦିନ ପରେ ସୁନାଖଲା ଗାଁର ଶେଷ ମୁଣ୍ଡରେ ଦୁଇ ଚାରିଟି ବେଡ଼ା ବାଉଁଶରେ ତିଆରି ହୋଇଥିବା ଦୁଇ ଖଣ୍ଡି କୁଡ଼ିଆ ଭିତରେ ଲାଗିଲେ । କିଛି ଦିନ ପରେ ସେହି କୁଡ଼ିଆ ଭିତରେ ମୃତ୍ୟୁ ଲୀଳା ଆରମ୍ଭ ହେଲା । ମୃତ୍ୟୁ ଦେବତା ଧନୀ ଦରିଦ୍ର ନ ବିଚାରି ସୁନାଖଲା ପରି ଜଣାଶୁଣା ଗାଁରେ ମଧ୍ୟ ତାର ଲୀଳା ଖେଳା ଆରମ୍ଭ କରିଦେଲା । ସେହି କୁଡ଼ିଆ ଭିତରେ ଦୁଇଟି ଅନାଥା ଦୁଇଟି ଅନାଥ ବାଳକ ବାଳିକାଙ୍କୁ ବୋଲଗଡ଼ ରାଜ୍ୟର ମରୁ ପଡ଼ିଆରେ ଛାଡ଼ି ଦେଇ ଆଖି ବୁଜିଦେଲେ । ଆଖି ବୁଜିବା ପୂର୍ବରୁ ଦୁହିଁଙ୍କ ଭିତରେ କଥା ହୋଇଥିଲା ଯେ, ଗଡ଼ ସହିତ ପାଟର ବାହାଘର ହେବ—ଏ କଥା ଗଡ଼ ଜାଣେ, ପାଟ ମଧ୍ୟ ଜାଣେ ।

ଗଡ଼ିକ ଯେତେବେଳେ ଅଠର ବର୍ଷ ବୟସ ଏବଂ ପାଟକୁ ତେର ବର୍ଷ ବୟସ ହେଲା, ଏହି ନିବନ୍ଧ କଥା ସେମାନଙ୍କର ମନେ ପଡ଼ିଲା । ମନେ ପକାଇ ପାଟର ଲଜ୍ଜାର ସୀମା ରହିଲା ନାହିଁ । ଗଡ଼ିର ନୂତନ ଘରଦ୍ୱାର କରିବାପାଇଁ ଯୋଗାଡ଼ରେ ବାକୀ ରହିଲା ନାହିଁ । ପର ଦ୍ୱାରରେ ଚାକିରି କରି ସେ କିଛି ପଇସା ରୋଜଗାର କଲା । ସେହି ପଇସାରେ ଘର ଖଣ୍ଡିଏ ଠିକ ପରଠାରୁ ଚାରିମାଣ ଚାଷକଲା । ଦେଖୁ ଦେଖୁ ତା ଆର ବର୍ଷକୁ ସେହି ନୂଆ କୁଡ଼ିଆ ଭିତରେ ଦି ଭରଣ ପୁରୁଣା ଧାନ ଜମା ! ଲୋକେ କହିଲେ—"ଗଡ଼ି ନାହାକ ନିଜ ବାହାଘର ପାଇଁ କେଡ଼େ ଲୋଭରେ ଧାଇଁଚି । ଗାଁ କରଣ ସାଆନ୍ତଙ୍କୁ ବଳିଯିବ ପରି !"

କିନ୍ତୁ ଅଧା ପଥରେ ବାଧା ପଡ଼ିଲା । ଖଙ୍ଗୁରିଆ ଗାଁର ବାଞ୍ଛା ନାହାକର ପୁଅ ସହିତ ପାଟର ପ୍ରସଙ୍ଗ ଉଠିଲା । ଗଡ଼ି କେବେହେଁ ଏ କଥା କଳ୍ପନା କରି ନଥିଲା । ପାଟ ଯେ ତାର ଏବଂ ସେ ଯେ ପାଟର—ଏ କଥା ସେ ବୁଦ୍ଧି ହେଲା ଦିନୁ ବୁଝି ଆସିଥିଲା । ତା ଦେହର ପ୍ରତି ଲୋମକୂପରେ, ତା ଘରର ପ୍ରତି ବାଲିକଣାରେ ପାଟ ଲୁଚି ରହି ହସୁଥିବା ପରି ଏପର୍ଯ୍ୟନ୍ତ ସେ ଜାଣିଥିଲା । ଏକଥା ଶୁଣି ତା ମନରେ ହଠାତ୍ ଅସମ୍ଭବ ଭାବାନ୍ତର ଆସିବା କଥା ।

ଦିନେ ସୂର୍ଯ୍ୟ ନ ଉଠୁଣୁ ସେ ଯାଇ ପାଟ ସହିତ ଦେଖା କଲା । ପାଗଳ ପରି ପାଟର ହାତ ଦୁଇଟା ଭିଡ଼ି ଧରି କହିଲା—"ପାଟ, ସତ କହିଲୁ, କାହା ସଙ୍ଗେ ଗଣ୍ଠି ବନ୍ଧା ହେଉଛି ?"

ପାଟ ଲାଜରେ ମୁଣ୍ଡ ପୋତି ଧୀରେ ଧୀରେ ଉତ୍ତର ଦେଲା—"କିଛି ତ ହୋଇନାହିଁ, କଥା ହୋଇଛି ।"

ଗଡ଼ି ସେଠି ଠିଆ ହୋଇ ନ ପାରି ଝାଉଁଳିଲା ପରି ତଳେ ବସି ପଡ଼ିଲା । ତା ପରେ ସତୃଷ୍ଣନୟନରେ ଏକ ଲୟରେ ପାଟର ମୁହଁକୁ ଚାହିଁ କହିଲା—

"ପାଟ, ପାଟ, ଶୁଣିଚ, ମୁଁ ସବୁ ଶୁଣିଚି । ବାଞ୍ଛା ନାହାକ ଘରେ ଧନ ଅଛି, ସେଇଥିପାଇଁ ତ ଏତେ କଥା; ମୁଁ କଣ ସେଥିକି ପାରିବି ନାହିଁ ? ମା'

କଣ କହି ଯାଇଥିଲି ମନେ ପକାଇଲୁ ! ସେତେବେଳେ କଣ ମୁଁ ଧନୀ ହୋଇଥିଲି ? ସେହିଁ ପରି ବୁଲି ବୁଲି ଭିକ ମାଗି ଆଣୁଥିଲେ ! ମୁଁ କଣ ଧନ ଅର୍ଜି ପାରିବି ନାହିଁ…?"-- ଗଉର ଆଖି ଲୁହରେ ଛଳ ଛଳ ହୋଇଗଲା । ତା' ଦେଖି, ଆଖିର ଲୁହ ଏଡ଼ାଇବା ପାଇଁ ପାଠ ନିଜ ମୁହଁ ବୁଲେଇଦେଲା । ତା ପରେ ସେହିଁ ନୀରବରେ ଠିଆ ହୋଇ କେତେ କ'ଣ କଥା ହେଲେ, କାହିଁ କେଉଁ ସ୍ବପ୍ନରାଜ୍ୟରେ ଯାଇ ବୁଲିଲେ । ରାତି ପାହି ଆଲୁଅ ହେଲା । ସଂସାରରେ ଗହଳ ଚହଳ ଆରମ୍ଭ ହେଲା । ସେହି ସମୟରେ ସେହି ନୀରବ ନିସ୍ତବ୍ଧ କୁଡ଼ିଆ ଭିତରେ ଦୁଇଟି କିଶୋର କିଶୋରୀ କିଛି ଦିନ ପାଇଁ ପରସ୍ପର ବିଦାୟ ନେଲେ । କିଶୋର କହିଲା--"ଯାଉଚି ପାଠ, ଚିଠି ଦେବ ।'

( ୩ )

ଦୁଇ ପାଖେ ଗିରିମାଳା ସେ ଭିତରେ ବଳି ପଡ଼ିଆର ବୁକୁ ଚିରିଲା ପରି ଉନ୍ନତ ବକ୍ଷରେ ରାଜରାସ୍ତା ଶୋଇଛି । ଭୟଙ୍କର ଅନ୍ଧାର ରାତି । ଝଡ଼ି ବର୍ଷାରେ ବାଟ ପାଖେ ଗଛ ଲତା ବାରିବା କଷ୍ଟ । କେତେବେଳେ ବିଜୁଳି, କେତେବେଳେ ବଜ୍ର, କେତେବେଳେ ବା କେଉଁ ଅଜଣା ପକ୍ଷୀର ଚିତ୍କାର । ସାଇଁ ସାଇଁ ଉତ୍ତରା ପବନ, ଶରଜାଲ ପରି ବର୍ଷା ଧାରା, ଉପରେ କଳାହାଣ୍ଡିଆ ମେଘମାଳା, ତଳେ କର୍ଦ୍ଦମାକ୍ତ ବସୁମତୀ--ସଂସାରରେ ଏହିପରି ସମୟରେ, ଏହିପରି ସ୍ଥାନରେ, ଏହିପରି ଅବସ୍ଥାରେ ପଥିକ କିଏ ଗଲୁଛି ? ଲକ୍ଷ୍ୟ ଯେପରି ତା'ର ପୂର୍ବରୁ ନିର୍ଦ୍ଦିଷ୍ଟ । ବ୍ୟଥା ଯେପରି ତାର ମର୍ମଗତ । ନିଜର ବଳିଷ୍ଠ ଶରୀରଟାକୁ ପ୍ରକୃତିର ଏ ସକଳ ଭୀଷଣତା ଭିତରେ ଦେଖାଇ ଦେଇ ସେ ଯାଇ ପଲ୍ଲୀର କୁଟୀର ଦୁଆରେ ଠିଆ ହେଲା । ଗୁରୁଭାର ବାକ୍ସଟିଏ ତଳକୁ ଓହ୍ଲାଇ ଦେଇ ସେ ଦୁଆରେ ହାତ ମାରିଲା । ଜାଣି ପାରିଲା, ଦୁଆର ନାହିଁ । ତା ପରେ ତଳ ଉପରକୁ ଗୁହିଁ ଥରେ ଉପରକୁ ହାତ ବଢ଼ାଇଲା । ବାରୁଣିଲା--ଏ ଘର ନା ଗଛମୂଳ ! ଚାଳର ଚୁଅରେ ହାତ ବାଜିବାରୁ ତାର

ରାଉରକେଲା

ଚେତନା ଆସିଲା । ହାତ ବଢ଼ାଇବା [illegible] ସେ ଘର ଭିତରକୁ ଗୋଡ଼ ବଢ଼ାଇଲା । ଏରୁଣ୍ଡି ବନ୍ଧ ଡେଇଁ ପାଦ ଘର ଭିତରେ ପଡ଼ିଲା । ସେହି ଅନ୍ଧକାର ଭିତରେ ସେ ମୁହୂର୍ତ୍ତେ ଥକା ହୋଇ ଡାକିଲା—

"ପାଟ !"

ଏହି ପଦକ "ପାଟ" ଶବ୍ଦ ଶତସହସ୍ର ଭାବରେ ପବନର ସାଇଁ ସାଇଁ ଶବ୍ଦ ସାଙ୍ଗେ ପୁଣି ସେହିଠାକୁ ଫେରି ଆସିଲା ପରି ! କେହି ଉତ୍ତର ଦେଲେ ନାହିଁ । ସେ ଅଭ୍ୟର୍ଥନା ପାଇବ ବୋଲି ଆଶା କରି ଝଡ଼ ପବନରେ ଧାଇଁ ଥିଲା, କାହାର ଦେଖା ସୁଦ୍ଧା ପାଇଲା ନାହିଁ । ସେ ଯାହାପାଇଁ ଅନ୍ଧକାର ରାତି ମାନି ନ ଥିଲା, ସେ ଏବେ କାହିଁ ? ଭାବିଲା, "ତେବେ କଣ ଏ ଥାନଟା ସୁନାଖଲା ନୁହେ ? ନା, ସେଇ ସଡ଼କ, ସେଇ ପର୍ବତ, ସେହି ପୋଖରୀ— ସବୁ ତ ପାରି ହୋଇ ଆସିଲି !"

ପଥିକ ଭାବି ଭାବି ସେହିଠାରେ କ୍ଳାନ୍ତଭାବରେ ବସି ପଡ଼ିଲା । ସେ ଭିତରେ ସେ ଦେଖିଲା—ମାନଗୌରବରେ ମଣ୍ଡିତ ହୋଇ ଦୂର ରାଜ୍ୟରୁ ସେ ଫେରୁଛି । ତା ପାଇଁ ଫୁଲମାଳ ଧରି ଜଣେ କିଏ ଦୁଆରମୁହଁରେ ଠିଆ ହୋଇଛି । ସେ ତାକୁ କୋଳକୁ ଟାଣିନେଇ ଘନ ଘନ ଚୁମ୍ବନ ଦେଲା । ସେହି ଆବେଗ ଭୋଳିରେ ଡାକିଲା—

"ପାଟ !"

ହଠାତ୍ ଚମକି ଦେଖିଲା, ତା ନିଦ ଭାଙ୍ଗି ଯାଇଛି । ପିଣ୍ଡାରେ ପ୍ରବାସ-ଫେରନ୍ତାର ବାକ୍ସଟିଏ ଦେଖି ଗାଁ ଲୋକେ ଜମା ହୋଇ ତାକୁ ଦୋଦୋଚହ୍ଲା ହେଉଛନ୍ତି ।

ପଥିକ ଦେଖିଲା, ସେ ସେହି ବାଉରୀ ପିଲା ଗଣ୍ଡ । ସେହି ଗାଁ ସୁନାଖଲା ସେହିପରି ଅଛି । ସେହି ବୋଲଗଡ଼ ମୂଲକର ଗିରି ପାହାଡ଼ ଯୁଗ ଯୁଗର

ନିର୍ଧୂମ୍ ଅକର୍ମା ପଥରସବୁ ଆଦରରେ ବୁକୁରେ ଧରି ସେହି ଦମ୍ଭରେ ଠିଆ ହୋଇଛି; କିନ୍ତୁ ନାହିଁ କେବଳ ତାର ପ୍ରାଣର ପାଟ !

ଗଢ଼ି ବର୍ଷକୁ କହି ଯାଇ ଦେଢ଼ବର୍ଷରେ ଆସାମରୁ ଫେରିଲା । ଏ ମଧ୍ୟରେ ପାଟର ବିବାହ ହୋଇସାରିଛି; ଗଢ଼ି ପ୍ରତି ଏ ସମ୍ବାଦ ଏକାବେଳକେ ନୂଆ । ତା ପୁରୁଣା ଜୀବନକୁ ନୂଆ କରି ଗଢ଼ିବା ପାଇଁ ସେ ଏତେ ବାଟ ଆସାମ ମୁଲକରୁ ଫେରି ଆସିଲା; ମାତ୍ର ଯାହା ଶୁଣିଲା ସେଥିରେ ତାର ଧୈର୍ଯ୍ୟ ରହିଲା ନାହିଁ । ବସିବା ଥାନରୁ ଉଠିବାକୁ ତାର ମନ ଡାକିଲା ନାହିଁ । ଦିନେ, ଦି ଦିନ, ଚାରି ଦିନ, ଆଠ ଦିନ ଗଲା; ଗାଁର କରଣ ସାଆନ୍ତେ ଜାଣିଲେ, ପର ଗାଁ ଲୋକେ ଜାଣିଲେ । ଖବର ହେଲା ଯେ ସୁନାଖଲା ଗଢ଼ି ନାହାକ ଆସାମରୁ ଫେରି ଆସି ମୂକ ହୋଇ ଯାଇଛି ।

ମୂକ ଗଢ଼ିର ଆଉ କଥା କହିବାକୁ କିଛି ନ ଥିଲା । ଯାହା କହିବା କଥା ସେ ଆଗରୁ ପାଟକୁ କହିସାରିଛି । ବର୍ତ୍ତମାନ ତାର ହୃଦୟ-ସିଂହାସନ—ପ୍ରେମର ସିଂହାସନ ଗଢ଼ିବା କଥା । ସେହି କାର୍ଯ୍ୟରେ ସେ ଲାଗିଗଲା ।

( ୪ )

ଗଢ଼ି ଚନ୍ଦର ଦିନମଧ୍ୟରେ ଘରେ ଥିବା ସମ୍ପତ୍ତିପତ୍ର ବିକି ସାରିଲା । ଘରଖଣ୍ଡିକୁ ଜଣକୁ ବନ୍ଧକ ଦେଇଦେଲା । ତା ପରେ ଆସାମରୁ ଯାହା ରୋଜଗାର କରିଥିଲା, ସବୁ ଏକାଠି କଲା ।

ଗଢ଼ିର ଏହି ମୂକ-ରୋଗ କଥା କେହି ବୁଝିପାରିଲେ ନାହିଁ । ପାଟ ପାଖକୁ ଖବର ଯାଇଥିଲେ ବା ସେ ବୁଝିପାରିଥାନ୍ତା । ଦିନେ ସନ୍ଧ୍ୟାବେଳେ ସେ ବେଶି ବାଉଳାଗୁଳି ହୋଇ ଛଟପଟ ହେବାକୁ ଲାଗିଲା । ବୁକୁ ଉପରେ କଣ କନା ପୁଡ଼ାଟିଏ ଧରି କେବଳ 'ପାଟ, ପାଟ' ବୋଲି ପାଟି କଲା । ମାତ୍ର ପାଟ ପ୍ରକୃତରେ ଯେତେବେଳେ ପର ମୁହଁରୁ ଖବର ପାଇ, ତା ସ୍ୱାମୀକୁ ସାଙ୍ଗରେ ଧରି ତାର ଶେଯ ପାଖେ ଆସି ଠିଆ ହେଲା, ସେତେବେଳକୁ ସବୁ

ଶେଷ ହୋଇ ଯାଇଥିଲା......ସନ୍ନିପାତର ଶେଷ ମୁହୂର୍ତ୍ତରେ ସେ କେବଳ ମୂର୍ଚ୍ଛା ଗଡ଼ଉଥିଲା ।

...ପରେ ଦେଖାଗଲା, ସେହି ପୁଡ଼ାଟି ଭିତରେ ଗୋଟିଏ ହାର, ଦୁଇଟି ମୁଦ—ସବୁ ସୁନାର ।

ପାଠ ଏହି ପୁଡ଼ାଟିର ଅର୍ଥ ବେଶ୍ ବୁଝିଲା । ହୃଦୟ ଭିତରେ ପ୍ରେମସିଂହାସନ ଗଢ଼ି ପାଠକୁ କେବଳ ସେ ସେଥିରେ ବସାଇଥିଲା ଆଉ ପାଠର ମନବୋଧପାଇଁ ନିଜ ଦେହର ରକ୍ତ ପାଣି କରି ଏହି କେତୋଟି ପାର୍ଥିବ ଜିନିଷ ତା ପାଇଁ ସଜାଡ଼ି ରଖିଥିଲା ।

ଏହି ପ୍ରେମ-ସିଂହାସନ କଥା ସୁନାଖଲାର ଗଛ ବୁଝିଥିଲା, ପରେ ପାଠ ବୁଝିଲା; ମାତ୍ର ଅନ୍ୟ ଲୋକେ କୁହାକୁହି ହେଲେ "ଗଛ ନାହାକକୁ ଆସାମରେ କିଏ ପାଙ୍ଗି ଗୁଣ୍ଡିଦେଲା ।"

# ସ୍ୱପ୍ନ

ଅନେକ ବର୍ଷ ତଳେ । ସେତେବେଳେ କି ଋଷିକୁଲ୍ୟା ଏହିପରି ବହୁଥିଲା ? ଏହିପରି କି ଉତ୍ତାଳ ତରଙ୍ଗମାଳା କୂଳେ କୂଳେ ଶିର ପିଟି କି ଅବୋଧ ସଙ୍ଗୀତ ଗାଇ ଯାଉଥିଲା ? ଏହିପରି କି ଏହି ଗିରି ନନ୍ଦନୀ ବାଲୁକା-ତଳ୍ପରେ କେଉଁ ହଜିଲା ରତ୍ନ ଖୋଜି ବୁଲୁଥିଲା ?

ସେତେବେଳର କଥା କିଏ କହିବ ? କିଏ କହିବ ଋଷିକୁଲ୍ୟା ସେତେବେଳେ କାନ୍ଦୁଥିଲା କି ହସୁଥିଲା ? କିଏ କହିବ ଏଠି ସେ ଖେଳୁଥିଲା କି କ'ଣ ଖୋଜୁଥିଲା ? ପ୍ରତି ମୁହୂର୍ତ୍ତରେ ପ୍ରତି କଥା ଯେ ତା'ର ଏଇ ତରଙ୍ଗ

ପର ଗୋଟିକ ପରେ ଗୋଟିଏ କୁଆଡ଼େ ଉଭେଇ ଯାଇଛି ! ତରଙ୍ଗ ଉଭେଇ ଗଲେ କି ସେଇ ତରଙ୍ଗ ଆଉ ପୁଣି ଉଠେ ?

ତରଙ୍ଗ ଉଠି ତରଙ୍ଗର କଥା ମନେ ପକାଏ; ମାତ୍ର ଫେରି ଆସେ ନାହିଁ । ମାନବ ପ୍ରାଣର ଚିରନ୍ତନ ବ୍ୟଥା ସ୍ମୃତିପଟରେ ଜାଗି ଉଠେ; ଦିବସ, ମାସ, ବର୍ଷ ତରଙ୍ଗରେ ସ୍ମୃତିର କେତେ କେତେ ମଧୁର ଜୁଆର ଉଠେ, କେତେ ଅବ୍ୟକ୍ତ ସଙ୍ଗୀତ ଉଠେ; ମାତ୍ର ଗଲା କଥା କିଛି ଫେରିଆସେ ନାହିଁ । ତେଣୁ କିଏ କହିବ ସେଇ କାଳର ସେଇ କଥା ? ସେଠି କୁଡ଼ିଆ ଥିଲା କି ଉଆସ ଥିଲା, ସେଠି ପ୍ରାଣ ଥିଲା କି ପଥର ଥିଲା, ସ୍ମୃତିର ଶତ ଶତ ତରଙ୍ଗରେ ମନେ ପଡ଼ିବ ମାତ୍ର ।

ଧର, ସେଠି କୁଡ଼ିଆ ଥିଲା । ତା ପରେ ? କୁଡ଼ିଆ ଭିତରେ ଦୁଇଟି ପ୍ରାଣୀ ଥିଲେ । କୁଡ଼ିଆର ଖଣ୍ଡିଦୂରରେ ସୁଦୀର୍ଘ ଆସିକା ନଗରୀ । ତେଣେ ନଗରୀ ଭିତରେ ଆଲୋକ-ରେଖା ଜଳି ଉଠିଲାବେଳକୁ କୁଡ଼ିଆର ଏକ ଦିଗରେ—ଋଷିକୁଲ୍ୟାର ସେ ପାଖରେ, ଅନନ୍ତ ଗଗନର ବିପୁଳ ମେଘମାଳା ପରପାରରେ ସ୍ୱର୍ଗବାସୀ କି ଦେବତା କୁଡ଼ିଆଟିକୁ ଚାହିଁ ରହିଥାନ୍ତି.....
ଦୁଇଟି ପ୍ରାଣୀ କୁଡ଼ିଆ ବାହାରେ ବସି ଦେଖନ୍ତି ଆକାଶର ତାରା, ଋଷିକୁଲ୍ୟାର ଚଳ-ତରଙ୍ଗମାଳା, ଆଉ ଆସିକା ନଗରୀର ଦୀପାଲୋକ ! ଜଣେ ଭାବେ — "ସେହି ସ୍ୱଗର ଦେବତାଙ୍କ ଦେଶକୁ ଚାଲିଯାନ୍ତି କି ! ଏଇ ଋଷିକୁଲ୍ୟାର ତରଙ୍ଗ ରାଜ୍ୟରେ ବୁଡ଼ିରହି ବେଳେ ବେଳେ ତରଙ୍ଗ ପରି ମୁଣ୍ଡ ଟେକି ଆସିକାର ପାଖେ ପାଖେ ଏଇ ଭଙ୍ଗା କୁଡ଼ିଆଟିକୁ ଚାହୁଁଥାନ୍ତି କି !"
...କାହିଁ, ସେ ଭାଗ୍ୟ ତା'ର କାହିଁ ?

ଆଉ ଜଣେ ଭାବେ—"ଏଇ ସ୍ୱର୍ଗବାସୀ ଦେବତା ପରି ହସନ୍ତି, ଏଇ ଚଳ ଚଳ ତରଙ୍ଗମାଳା ପରି ନାଚନ୍ତି, ଏ ସଂସାର ଛାଡ଼ି ଆଉ କୁଆଡ଼େ ଯାଆନ୍ତି ନାହିଁ । ଏଇ ଆସିକା ନଗରୀର ଅଲୋକିତ କେଉଁ ଉଆସ ମଣ୍ଡପରେ ବସି ବସି ଏଇ ସ୍ମୃତିର ସମ୍ପଦ କୁଡ଼ିଆଟିକୁ ଦେଖୁଥାନ୍ତି !"......ଆଶା ତାର କିଏ ପୂର୍ତ୍ତି କରିବ ?

ସେହି ଦୁଇଟି ପ୍ରାଣୀ ଭିତରୁ ଜଣେ କାନ୍ଦିତ ବିକଳ କଣ୍ଠରେ ଅନ୍ୟ ଜଣକୁ ପଚାରେ —

"ଝିଅ ଲୋ—"
ଜଣକର ସ୍ନେହମୁଗ୍ଧ ଅନ୍ତର ଉତ୍ତର ଦିଏ—
"କଣ, ମା ?"
ମା ପଚାରେ —
"ଆଜି ତ ଘରେ କିଛି ନାହିଁ ।"
ଝିଅ ଉତ୍ତର ଦିଏ—
"ନ ଆଉ ।"

ଦୁହେଁ ନୀରବ ରହି କଣ ଭାବନ୍ତି । କିଛି ସମୟ ପରେ ପୁଣି ପ୍ରଶ୍ନ ଉଠେ—

"ଆଜି ତ ମାଗ ଗଲୁ ନାହିଁ, ଆଜି ତ ବିକି ଗଲୁ ନାହିଁ, ମୋ ଗୋଡ଼ ହାତ କି ଚଳୁଚି ଯେ···!"

ଝିଅ କିଛି ହେଲେ ଉତ୍ତର ଦିଏ ନାହିଁ । ତା ମନରେ କି ଭାବନା ଖେଳୁଥାଏ ସେତେବେଳେ ସେହି କେବଳ ଜାଣେ । ଋଷିକୁଲ୍ୟାର ବୁକୁ ଉପରେ ମେଘଛାଇ ପଡ଼ିଗଲେ ତାର ନିଦ ଭାଙ୍ଗିଯାଏ—ତାର ଜାଗ୍ରତ ସ୍ୱପ୍ନ ହଠାତ୍ ଓଲଟି ପଡ଼େ ।

ମଣିଷ କି କେବେ ଚାହିଁକରି ଏପରି ଭାବରେ ସ୍ୱପ୍ନ ଦେଖିପାରେ ? ଏ କଥା ବୁଢ଼ୀ ବିଶ୍ୱାସ କରିପାରେ ନାହିଁ । ଗତ କଥା ସେ ଆଉ ଭାବିପାରେ ନାହିଁ; ମାତ୍ର ଷୋଳ ସତର ବର୍ଷର ଝିଅ ପକ୍ଷରେ ଏହା ନିତାନ୍ତ ସମ୍ଭବପର ।

ଆସିକା ନଗରୀରୁ ଆପଣା କୁଡ଼ିଆକୁ ଫେରି ଆସିଲାବେଳେ ଝିଅ କେତେବେଳେ କଣ ସ୍ୱପ୍ନ ଦେଖେ । ସେ ଚାଲି ଚାଲି ସ୍ୱପ୍ନ ଦେଖେ, ସେ ସ୍ୱପ୍ନ ଦେଖି ଦେଖି ସ୍ୱପ୍ନ ଦେଖେ ।

ସ୍ୱପ୍ନ ଦେଖି ଦେଖି ସେ ହସେ, ଖେଳେ, କାନ୍ଦେ, ନାଚେ । ସ୍ୱପ୍ନରେ ସେ ଋଷିକୁଲ୍ୟାରେ ବୁଡ଼ ମରେ, ଆକାଶର ମେଘ ଉପରେ ବୁଲେ, ସାତ ସମୁଦ୍ର ତେର ନଈ ଆର ପାଖେ କାହା ଗଳାରେ ଓହଳ ଓହଳ ଖେଳେ । ସ୍ୱପ୍ନରେ ସେ ନ ଦେଖେ କଣ ?

ଝିଅ ଦିନେ ସ୍ୱପ୍ନ ଦେଖିଲା । କି ବିଚିତ୍ର ସ୍ୱପ୍ନ ସେ ! ତାର ଏ ଷୋଳ ସତର ବର୍ଷ ବୟସରେ ତାକୁ ଏ ରୂପ ଯୌବନ କିଏ ଦେଲା ? ଏ ରୂପ ବର୍ଣ୍ଣନା କଲେ ପଦ୍ମକୁ ନିନ୍ଦା ହେବ, ତା କଣ୍ଠର ମଧୁର କଥାକୁ କହି ବସିଲେ ଏ ଋଷିକୁଲ୍ୟା ତରଙ୍ଗରଙ୍ଗିଣୀର ଅବମାନନା ହେବ ! ତା ଗୃହ, ତା ଗୃହିଣୀ !···ଭଞ୍ଜ ଭୂମି ବୋଲି ବା ତା ଏଠାରେ ସମ୍ଭବ ହୋଇଥିଲା । ସେ କାନ୍ଦିଲେ ହସିଲା, ହସିଲେ ହସିଲା !

ଆସିକା ନଗରର ଏଇ ପଥପ୍ରାନ୍ତବାସିନୀ କଥା ଯେପରି ବିଚିତ୍ର ସେପରି ମଧୁମୟ । ଦରିଦ୍ର କୁଟୀରର ଗୋଟିଏ ଝିଅ—ମୁଣ୍ଡରେ ଚୂଡ଼ା ବୋଝ ଧରି ବଜାରରେ ବିକି ବୁଲୁଥିଲା । ବୁଲୁ ବୁଲୁ ସ୍ୱପ୍ନ ଦେଖିଲା—ଦିନେ ହଠାତ୍ ତା ଚୂଡ଼ା ବୋଝିକ ସୁନା ପାଲଟି ଯାଉଛି । ତାହା ଦେଖି ସେ କାତର ଭାବରେ ମୁଣ୍ଡରେ ହାତ ଦେଇ କାନ୍ଦିଲା—

"ମୋ ମା ଆଲୋ ମୋ ଚୂଡ଼ା···?"

କାନ୍ଦୁ କାନ୍ଦୁ ଦେଖିଲା—ତାର ସେହି ଲୁହ ଆଉ ଲୁହ ହୋଇ ନାହିଁ; ଲୁହଗୁଡ଼ାକ ବିନ୍ଦୁ ବିନ୍ଦୁ ସୁନା ପାଲଟି ଜକ୍ ଜକ୍ ଦିଶୁଛି ।

ଏ କଥା ଦେଖି ଭୟରେ ତାର ଦେହ ମୁଣ୍ଡ ଥରି ଉଠିଲା ।—ପୁଣି କି ବିଚିତ୍ର କଥା ! ଥରିବା ସଙ୍ଗେ ସଙ୍ଗେ ପିନ୍ଧିବା ଲୁଗାଟା ତାର ସୁନା ପାଲଟିଗଲା ।

ଓହୋ ! ସେ କରେ କଣ ? ଦେଖୁ ଦେଖୁ ତାର ଆଲୁଳାୟିତ କେଶଗୁଚ୍ଛ ସୁନାର ଜରି ! ପ୍ରଭୁ ହେ···ତାର ପାଦ ସୁନା, ତାର ହାତ ସୁନା, ତାର ଦେହଟା ଯାକ ସୁନା—ସେ ନିଜେ ସୁନା ! !

ପୁଣି ଗୃହୁଁ ଗୃହୁଁ ତାର ଯୌବନ ସୁନା, ତାର କାମନା ସୁନା, ତାର କଳ୍ପନା ସୁନା⋯! ସେ କାତର ଭାବରେ ଡାକିଲା—ମାଆ ! ମାଆ ! ମାଆ !

ବ୍ୟାକୁଳ ଅଧୀର ଭାବରେ ସେ କାହାର ଆଶ୍ରୟ ଲୋଡ଼ି ବସିଲା; ମାତ୍ର ସେପରି ସୁନାକୁ କିଏ ଛୁଇଁବ ? ସେ ଯେ ଥିଲା ଦିନେ ଭିକାରୁଣୀ—ଅଛୁଆଁ ଘରର ଝିଅ !

ସେହି କନକମୟୀ ଭିକାରୁଣୀ ପୁଣି ଡାକିଲା—ପୁଣି ଡାକିଲା । ତାର ଡାକରେ ନୀଳଗଗନ ସୁନା ପାଲଟିବାକୁ ଇଚ୍ଛା କଲା, ବଧିର ଧରଣୀ ଚମକି ପଡ଼ିଲା—ମାତ୍ର କେହି ତାକୁ କୋଳକୁ ଟାଣିନେବାକୁ ସାହସ କଲେ ନାହିଁ । ଶେଷରେ ଶୁଭ୍ରକାନ୍ତ ପୁରୁଷ ଜଣେ କିଏ ଧାଇଁ ଆସି ଅଧୀର ଭାବରେ ତାକୁ ଯାକି ପକାଇ, ତାର ସେହି ସୁବର୍ଣ୍ଣ ଯୌବନର ହେମାଭ କପୋଳ ଦେଶରେ ଚୁମ୍ବନ ଦେଇ ଦେଇ କହିଲେ—

"ସୁନା ! ସୁନା ! ! ଜଗତକୁ ଆସିଥିଲି ସୁନା ପାଇଁ, ଆଜି ଏତେଦିନେ ମୋ ସୁନା ପାଇଲି ।"

ଲାଜରେ ସେହି ସୁନାର ଯୌବନ ମୁଣ୍ଡ ପୋତି ଦେଲା । ସେତେବେଳେ ସେ ମାନବ ଜଗତରେ ସଗର୍ବରେ ମୁଣ୍ଡ ଟେକି ଆଖି ଫିଟାଇଲା, ଦେଖିଲା—

ଆସିକା ନଗରୀର ଏକ ବିଚିତ୍ର ପ୍ରାସାଦ ଭିତରେ ସେ ବସି ଋଷିକୁଲ୍ୟା ଆଡ଼କୁ, ତାର ପୁରୁଣା କୁଟୀର ଆଡ଼କୁ ମୁହଁ କରିଛି । ତାହାର ପାଦ ତଳେ କେତେ କୁଳୀନ, କେତେ ପଣ୍ଡିତ, କେତେ ଜ୍ଞାନୀ, କେତେ ଦାନୀ, ବାଳକ, ଯୁବକ, ବୃଦ୍ଧ, କେତେ ପ୍ରବାସୀ, କେତେ ପୁରବାସୀ, କେତେ ଅବଳା, କେତେ ଦୁର୍ବଳା, କେତେ ବକ୍ତା, କେତେ ଶ୍ରୋତା ଦିନକୁ ଦିନ ଶୋଭାଯାତ୍ରା କରିବାରେ ଲାଗିଛନ୍ତି ।

ତା' ସ୍ୱପ୍ନ ସାର୍ଥକ ହେଲା ।

ଆସିକା ନଗରୀର ଟାଉନ୍ ହଲ୍‌ରେ ଏବେ ସେହି "ସୁନା"ର ଛବିଟି ରଖାଯାଇଛି । ଆସିକାର ପ୍ରସିଦ୍ଧ ଚିନିକାରଖାନାର ମିଚନ୍ ସାହେବ ଭିକାରୁଣୀ ବାଳିକା ସୁନାଙ୍କୁ ବଶ ହୋଇ ଦାନ ଓ ଜ୍ଞାନର ମହତ୍ତ୍ୱରେ ତାକୁ ଅମର କରି ଯାଇଛନ୍ତି ।

# ଦେବତାର ବିଧାତା

ପ୍ରତାପର ଜୀବନଟା ଏକ ବିରାଟ ପ୍ରାଚୀନ କାବ୍ୟ କହିଲେ ଚଳେ । ପ୍ରତ୍ନତତ୍ତ୍ୱ ଅନୁସନ୍ଧାନରେ ବା ପ୍ରାଚୀନ ପୋଥି ସଂଗ୍ରହରେ ଏ କାବ୍ୟର ପରିଚୟ ମିଳିନାହିଁ । ପ୍ରାୟ ଅଶୀବର୍ଷ ତଳେ କୌଣସି ଏକ ଦେବ-ମଣ୍ଡପରେ ଏହି କାବ୍ୟର ମଙ୍ଗଳାଚରଣ ହୋଇଥିଲା । ତାହାର ଏକ ରହସ୍ୟମୟ ସର୍ଗ ପାଠକଙ୍କୁ ଶୁଣାଇବାର ଇଚ୍ଛା ।

× × × ×

ଶୁଣାଅଛି, କେଉଁ ଆଦ୍ୟଯୁଗରେ ଚିଲିକା ରକ୍ତବାହୁର ସମାଧି-ଆସନ ରଚନା କରିଥିଲା । ସେହି ସମୟର ବହୁ ଯୁଗ ପରେ ଆଜି ଏକ ବିରାଟ କଳ୍ପନାର ଜୀବନ୍ତ ସମାଧି ଚିଲିକାର ବାଲୁକାମୟ ନିର୍ଜନ ପ୍ରାନ୍ତରରେ ହୋଇଛି । ସେଥିପାଇଁ ରଣଦୁନ୍ଦୁଭି ବାଜି ନାହିଁ କି ଶୋକ-ସଙ୍ଗୀତ ଶୁଣାଯାଇ ନାହିଁ । ନୀରବରେ, ନିର୍ଜନରେ, ନିର୍ବେଦ ଭାବରେ ଏକ ମହିମାମୟ ମନ୍ଦିରର ଖଣ୍ଡ ଖଣ୍ଡ ପଥର ତଳେ ଖସି ପଡ଼ିଛି ଓ ଶତ ଶତ ଶିଳ୍ପୀ-ପ୍ରାଣୀର, ତରୁଣ କବିର ମଧୁର କଳ୍ପନା କାଳର କଠିନ ଗହ୍ୱରରେ ଲୁଚିଯାଇଛି !

ଯେ କୌଣସି ଲୋକ ଏ ଦୃଶ୍ୟ ଦେଖି ପାରିବ । ଯାଅ; ଚିଲିକା କୂଳକୁ ଯାଅ । ତାର ପୂର୍ବ ଉପକୂଳରେ ଯେଉଁଠାରେ ଚଣ୍ଡକୁଦ ବୋଲି ଏକ ସ୍ଥାନ ଅଛି, ସେଇଠାରେ ଠିଆହୋଇ ଚାରିଆଡ଼କୁ ଚାହଁ । ପଥଶ୍ରାନ୍ତ ପଥିକ

ସେହି ବାଟ ଦେଇ ଗଲାବେଳେ ହୁଏ ତ ତାର ପରିଚୟ କହିବ—ଏହି ଯେ ପଥର ଗଦା ଦେଖୁଛ; ତାହା ଏକ ମନ୍ଦିରର ସ୍ମୃତି । ଦେବତା ସେଠି ଥିଲେ । ମଙ୍ଗଳବାଦ୍ୟ ସେଠି ବାଜୁଥିଲା । ଆନନ୍ଦ ଉତ୍ସବ ସେଠି ଚାଲିଥିଲା— ଆଜି ସେ ସବୁ ନାହିଁ ।

× × × ×

ବାଟର ବାଟୋଇ ହୁଏ ତ କଳ୍ପନାର କଥା କହିପାରେ । ଜ୍ୟୋତ୍ସ୍ନା ରାତିରେ, ଶ୍ରାବଣ ଅନ୍ଧକାରରେ, କିମ୍ବା ପ୍ରଦୋଷର ଧୂସର ଜ୍ୟୋତ୍ସ୍ନାରେ ସେହି ଢିପ ଉପରେ ଠିଆହୋଇ ଥରେ ଧୀରେ ଧୀରେ ଡାକ—"କିଏ ଅଛ ?" କେବଳ ପ୍ରତିଧ୍ୱନି ଶୁଣିବ । ଦୂରର ଗିରି—ଗହ୍ୱର ତାର ଉତ୍ତର ଦେବ । ଚିଲିକା କଳକଳ ହୋଇ କଣ କଥା କହିବ । ଏହାଠାରୁ ଆହୁରି ଏକ ବିଚିତ୍ର କଥା ଦେଖିବ । ଜଣେ କେହି ଦେବତା ଅବନତ ମସ୍ତକରେ ସେହି ଉପକୂଳ ପ୍ରାନ୍ତରରେ ଏଣେ ତେଣେ ବୁଲି ଗୀତ ଗାଇବାର ଶୁଣିବ । ସେତେବେଳେ ଧରଣୀ, ଗଗନ ମୁଗ୍‌ଧ ହୋଇ ସେ ଗୀତ ଶୁଣୁଥିବ । ଆକାଶର ତାରା କେବଳ ଚାହିଁଥିବେ, ପବନ କେବଳ ବହୁଥିବ; ଆଉ ଚିଲିକାରେ ଫେନିଳ ତରଙ୍ଗ ସେ ସଙ୍ଗୀତକୁ ଅଭିବାଦନ କରୁଥିବ ।

× × × ×

ଥରେ ଚଣ୍ଡୀକୁଦର ପଥିକ ହେଲି । ନିର୍ଜନ ମଧ୍ୟାହ୍ନ, ପ୍ରଖର ସୂର୍ଯ୍ୟତାପରେ ଜଗତ୍ ଧୂସର ହୋଇ ଉଠୁଛି । ଏ ପାଖରେ ଚିଲିକା ସେ ପାଖରେ ଗିରିଶ୍ରେଣୀ, ମଝିରେ ଏକ ପ୍ରାଚୀନ ପାଷାଣ ସ୍ତୂପ । ତାହାର ଭିତରେ ଦେବତାଙ୍କୁ ଖୋଜି ବାହାର କରିବା ମୋର ଥିଲା ଲକ୍ଷ୍ୟ । ପ୍ରଥମେ ବେଢ଼ାର ସ୍ମୃତିଚିହ୍ନ ଦେଖିଲି, କେତେ ପଲ୍ଲୀ ଗାଁରେ ମାନବଜାତିର ଶ୍ମଶାନ । ଏବେ ଦେଖିଲି, ଚିଲିକା କୂଳରେ ଏକ ଦେବତାର ଶ୍ମଶାନ ! କେତେ ଦେବ ଉପଦେବଙ୍କ ଅସ୍ଥିକଙ୍କାଳ ସେଠାରେ ପଡ଼ିଛି । କାହାର ହାତ, କାହାର ମୁଣ୍ଡ, କାହାର ବା କୁଚ୍ଛା କବନ୍ଧ ଶିଳ୍ପୀ-ପ୍ରାଣର ବିରାଟ କଳ୍ପନା କଥା ପ୍ରାଣରେ

ରେଖା-ପାତ କରୁଛନ୍ତି । ନାଗ ମୂର୍ତ୍ତି କେଉଁଠାରେ ପ୍ରଣୟୀ ବାହୁଚ୍ଛାୟୀ ଭଳେ ଅର୍ଦ୍ଧମୁଦ୍ରିତ ନୟନରେ ସ୍ୱପ୍ନ ଦେଖୁଛି । ଭାବିଲି, କିଏ ପ୍ରଣୟର ସ୍ୱପ୍ନ ଦେଖୁଛି, କିଏ ଏହି ବିପର୍ଯ୍ୟୟର ସ୍ୱପ୍ନ ଦେଖୁଛି !

× × × ×

ପାଖରେ ଏକ କ୍ଷୁଦ୍ର କୁଡ଼ିଆ । ସେହି ଜୀର୍ଣ୍ଣ ପାଷାଣ ସ୍ତୂପ ଭିତରେ ପଶିବାକୁ ପ୍ରଥମେ ସାହସ ହେଲା ନାହିଁ ।

କୁଡ଼ିଆ ଦୁଆରେ ଯାଇ ଡାକିଲି—"କିଏ ଅଛ ?"
କେବଳ କଣ୍ଠ ସ୍ୱର ଶୁଭିଲା—
"ହଁ, ମୁଁ ଅଛି ।"

ଅପେକ୍ଷାରେ ବାହାରେ ଠିଆ ହେଲି । କିଛି ସମୟ ପରେ ତାଟି ଫିଟିଲା । ଦେଖିଲି, ସେ ଏକ ବିଚିତ୍ର ଦୃଶ୍ୟ । ନିତାନ୍ତ ଜରାଜୀର୍ଣ୍ଣ ଜଣେ ବୃଦ୍ଧ । ବୋଧହୁଏ ସେହି ଜୀର୍ଣ୍ଣ ମନ୍ଦିରଠାରୁ ସେ ଆହୁରି ପ୍ରାଚୀନ ! ଦେହରେ କେବଳ ହାଡ଼ ଉପରେ ଚମ ଅଛି ; ତା ମଝିରେ ଆଉ କିଛି ନାହିଁ । ସେ ଦୃଶ୍ୟ ଦେଖି ମୁଁ ଆଉ କିଛି କହି ପାରିଲି ନାହିଁ । ଦେଖିଲି, ବୃଦ୍ଧ ମୋ ଆଡ଼କୁ ନ ଚାହିଁ ଅନ୍ୟ ଦିଗକୁ ଚାହିଁ ମୋତେ କଥା କହୁଛି । ମୋର ବିସ୍ମୟର ସୀମା ରହିଲା ନାହିଁ । କିଛି ସମୟ ପରେ ବୁଝିଲି, ବୃଦ୍ଧ ଅନ୍ଧ । ଦୁଃଖରେ ମୋ ଆଖି ଛଳ ଛଳ ହୋଇ ଆସିଲା ।

ସେହି ମନ୍ଦିର ଦେହରୁ ଖସି ପଡ଼ିଥିବା ଏକ ପଥର ଉପରେ ବସି କହିଲି, "ବସ ତୁମେ, ବୁଢ଼ା । ଢାଉଁ ଦର୍ଶନକୁ ଆସିଥିଲି । ଭାରି ଖରା ।"

ସେ ଠୋ ଠୋ ହସି ଉଠିଲା । ଭାବିଲି, ସେ ହସରେ ଏହି ଜୀର୍ଣ୍ଣ ମନ୍ଦିରର ବାକୀ ଅଂଶଟା ଖସି ପଡ଼ିବ ପରା ! କି ନିର୍ମମ-ହାସ୍ୟ ସେ ! ମୋର ଦେବ-ଦର୍ଶନ ଇଚ୍ଛା ପ୍ରତି କି କଠୋର ଆକ୍ରମଣ ! କିଛି ବୁଝିପାରିଲି ନାହିଁ । ସେ ମନକୁ କହିଲା—

"ଦେବ-ଦର୍ଶନ ? ଆସିଛ ? ଦେଖିଲ ?"

ମୁଁ କି ଅପରାଧ କରିଛି ମନେକରି ପଗ୍ଭରିଲି—"ତୁମେ କଣ ଏଠାର ମାଳି ?"

ପୁଣି ସେହି ନିର୍ମମ ହାସ୍ୟରେଖା ! ଆଉ ପ୍ରଶ୍ନ ପଗ୍ଭରିବାକୁ ସାହସ କଲି ନାହିଁ । ବୃଦ୍ଧ ସ୍ଥିର ଭାବରେ ବସି କହିଲା, "ଜାଣ, ତୁମେ ଏ ମନ୍ଦିରର ଇତିହାସ ? ମୁଁ ମାଳି ନୁହେଁ, ମୁଁ ଭକ୍ତ ନୁହେଁ, ମୁଁ ଦେବତା ନୁହେଁ, ମୁଁ ତୁମପରି ପଥିକ ମଧ୍ୟ ନୁହେଁ ।"

"ତେବେ ତୁମେ କଣ ?"

"ମୁଁ ଦେବତାର ବିଧାତା ।"

ଏତିକି କହି ବୃଦ୍ଧ ଘର କୋଣକୁ ହାତ ବଢ଼ାଇ ଏକ ସୁନ୍ଦର କମନୀୟ ଦେବମୂର୍ତ୍ତି ଧରିଲା । କହିଲା, "ଏହି ସେହି ଦେବତା । ଏହି ଦେବତା ପାଖକୁ ତୁମେ ଆସିଥିଲ । ନୁହେଁ ? ତୁମ ପରି ଅନେକ ଅନ୍ଧ ଆସନ୍ତି ଓ ଏ ମନ୍ଦିରରେ ଦେବତା ଦେଖି ଫେରିଯାଆନ୍ତି । କିନ୍ତୁ ଦେବତା ମୋର ଘରେ ।" ଏହା କହି ସେ ମୂର୍ତ୍ତିକି ଯଥାସ୍ଥାନରେ ଥୋଇଦେଲା ।

ମୁଁ ଅନ୍ଧ ! ଅନ୍ଧ କହୁଛି ମୋତେ ଅନ୍ଧ ! ! ମନରେ ଟିକିଏ ରାଗ ଆସିଲା । ରାମାୟଣ, ଭାଗବତ, ପୁରାଣ ପଢ଼ିଲି, ପୁରୀ ଭୁବନେଶ୍ୱର କୋଣାର୍କ, ବୁଲିଲି, ଶେଷରେ ମୁଁ ହେଲି ଅନ୍ଧ ।

ମୁଁ କଣ କହିବା ପୂର୍ବରୁ ବୃଦ୍ଧ କହିଲା—"ବୋଧହୁଏ ଆଘାତ ପାଇଲ । କିନ୍ତୁ ତୁମେ ଜାଣ ନାହିଁ, ଏ ପ୍ରାଣ ମୋର କେତେ ଆଘାତ ସହିଛି । ଏହି ଆଘାତରେହିଁ ଏ ଦୃଷ୍ଟିର ଶକ୍ତି କମିଯାଇଛି । ଏହି ଆଘାତ କିଏ ଦେଇଛି ଜାଣ ? ଏହି ଯେ ଦେବତା ଦେଖିବାକୁ ତୁମେ ଆସିଛ, ସେହି ଦେବତା ।"

"କିପରି ?"

"ତାହା ଏକ ବିରାଟ ଇତିହାସ । ଆଜିର ଏହି ମରୁଭୂମି ଉପରେ ମୋ ପିଲାଦିନେ ନନ୍ଦନର ଶୁଷମା ପଡ଼ିଥିଲା । ସେତେବେଳେ ଗାଁର ମକଦ୍ଦମ ଏହି ମନ୍ଦିର ତୋଳିବାକୁ କଳ୍ପନା କଲେ । ଏହି ଯେ କୁଟୀର ଖଣ୍ଡିକରେ ମୁଁ ବସିଛି, ଏହା ମୋର ପିତୃପିତାମହ ଅର୍ଜିତ ଭୂମି । ଏହି ଭୂମି ଉପରେ ମନ୍ଦିର ତୋଳା ହେଲା···"

ଏତିକି କହି ବୃଦ୍ଧ ଟିକିଏ ନୀରବ ରହିଲା । ତା ପରେ କଣ ଚିନ୍ତା କରି କହିଲା—"ମୋ ବଂଶ କାରିଗର ବଂଶ । ଭାଗ୍ୟଦୋଷରୁ ଗରିବ ହେଲୁ । ଏହି କୁଡ଼ିଆ ଜମି ଛୁଡ଼ି ବାକୀ ସବୁ ମକଦ୍ଦମଙ୍କ ପାଖରେ ବନ୍ଧକ ପଡ଼ିଲା । ତାହା ଆଉ ହାତକୁ ଆସିଲା ନାହିଁ । ମକଦ୍ଦମ କହିଲେ, "ତାହାରି ଉପରେ ମନ୍ଦିର ତୋଳିବାକୁ ହେବ ।"

"ନିଜ ଘରେ ଦେବତା ମନ୍ଦିର ଗଢ଼ାଯିବ, ଏ ସୌଭାଗ୍ୟ କାହାର ହୁଏ ?' କିନ୍ତୁ ଆମ ପ୍ରାଣର ଏହି ଭୂମି ଖଣ୍ଡିକ ଉପରେ, ଆମ ଶ୍ରୁତି ଉପରେ ଯେତେବେଳେ ଏହି ମନ୍ଦିର ତୋଳାଯିବା ପ୍ରସ୍ତାବ ହେଲା, ଲୁହ ଢାଳି କେବଳ ତାର ପ୍ରତିବାଦ କଲୁଁ । ଭାବିଲୁଁ ଦେବତା ମନ୍ଦିରରେ ନାହାନ୍ତି, ତେଣୁ ଗୁହାରି ଶୁଣା ଯାଉ ନାହିଁ·····"

ବୃଦ୍ଧ ପୁଣି ନୀରବ ରହି ଅତୀତକୁ ଆଖି ଫେରାଇଲା । ଫେରଆସି ଇତିହାସ ଆରମ୍ଭ କଲା—"କାରିଗରେ ମହାରଣା ମୁଁ । ମୋ ନାଁ ପ୍ରତାପ । ମଜୁରି ପାଇ ଆମରି ଜମିରେ ଆମେ ମନ୍ଦିର ତୋଳିବାକୁ ବାଧ୍ୟ ହେଲୁ । ଉଃ, କି ଯାତନା ! ମୋର ପାଞ୍ଚ ପୁଅ ତିନି ଝିଅ ଏହି ମନ୍ଦିର ତଳେ ପ୍ରାଣ ହରାଇଛନ୍ତି । ଟିକିଏ ଆଲୋକ ପାଇଁ, ଟିକିଏ ପବନ ପାଇଁ ସେମାନେ କାନ୍ଦି କାନ୍ଦି ମରିଛନ୍ତି । ଇଟା ଆସିଲା, ଚୂନ ଆସିଲା, ଆମରି ଘରକୁ ଆବୃତ କରି ଏ ମନ୍ଦିର ମୁଣ୍ଡ ଟେକିଲା । ମନେ ପଡ଼ୁଛି, ଦିନଯାକ କାମ କରି ଆସି ରାତିରେ ଏହି କୁଡ଼ିଆରେ ପଡ଼ି ଡାକେ, 'ପ୍ରଭୁ ହେ, ଦରିଦ୍ରର ଅପହୃତ ନିବାସ ଭୂମିରେ ରହିବାକୁ କି ସୁଖ ପାଅ ?' କହ ଦେଖି, ପ୍ରଭୁ କାହାନ୍ତି ? ମୁଁ

ନକେ ଦେଉଳରେ ନିଜ ହାତରେ ଖଣ୍ଡିଏ ପଥର ବସାଇ ମୋ ବୁକୁରେ ଖଣ୍ଡିଏ ପଥର ପକାଏ । ମୁଁ ସେତେବେଳେ କଣ କରୁଥିଲି, ଜାଣିପାରୁ ନ ଥିଲି । ମୋତେ ମୁଁ ହତ୍ୟା କରୁଥିଲି, ମୋର ସମାଧି ମୁଁ ଖୋଳୁଥିଲି ।"

ପୁଣି ବୃଦ୍ଧ କହିଲା, 'ମନ୍ଦିର ତୋଳା ସରିଲା, ମୋ ବଂଶର ସମାଧି-କାର୍ଯ୍ୟ ଶେଷ ହେଲା । ସେତେବେଳେ ଏହି ସଂକୀର୍ଣ୍ଣ କୁଟୀର ଭିତରେ ମୁଁ ଥାଏ ଏକାକୀ । ତା ପରେ ଦେବତାଗଠନ ଚାଲିଲା । ଉଃ, ଚାରିଁ ଚାରିଁ ପାଞ୍ଚବର୍ଷ ଗଲା, ଦେବତାଙ୍କ ଗଳାରେ ମାଳୀ ଦେଇ, ଦେହରେ ଲୁଗା ତାଙ୍କୁ ପିନ୍ଧାଇ ଅଭୟବରଦ ବେଶରେ ଯେତେବେଳେ ନେଇ ଖଞ୍ଜିଲି; ସେ କଥା ମନେ ଅଛି । ମୋର ଘରେ ଦେବତାଙ୍କ ଆସନ ହେଲା । ମନ୍ଦିର ପ୍ରତିଷ୍ଠା ହେଲା । ତା ପରେ ଆସିଲେ ଭକ୍ତ ! ବିପୁଳ କୋଳାହଳରେ ଏ ଉପକୂଳ ପୁରି ଉଠିଲା । ଫୁଲ, ଚନ୍ଦନ, ଧୂପ ଗନ୍ଧରେ ଜଗତ ସୁବାସିତ ହେଲା । ଡାକ ଶୁଭିଲା— "ପ୍ରଭୁ ହେ, ଅନାଥର ନାଥ, ଅଗତିର ଗତି, କରୁଣାସାଗର ହରି ।"

× × × ×

"ଏ ସକଳ ପ୍ରାର୍ଥନା ମୋ ପ୍ରାଣରେ ପ୍ରତିଧ୍ୱନିତ ହେଲା । ସେତେବେଳକୁ ମୁଁ ଅନ୍ଧ । ଭାବିଲି ସାହାସାଥୀହୀନ ଅନ୍ଧକୁ ତାହାର ହାତଗଢ଼ା ଦେବତା କି ରକ୍ଷା କରିବେ ନାହିଁ ? ଡାକିଲି—ଡାକିଲି – ଡାକିଲି—ଅନ୍ଧ ମୁଁ, କେତେ ଡାକିଲି । ମୋ ଦେବତା କେଉଁ ଅଗତିର ଗତି ହୋଇଥିବେ କେଜାଣି ; ମାତ୍ର ମୋର ଗତି, ମୁକ୍ତି କିଛି ହେଲା ନାହିଁ । ପ୍ରାଣରେ ଅଭିମାନ ଆସିଲା, ରାଗ ଆସିଲା, ପ୍ରତିହିଂସା ଆସିଲା । ଦିନେ ଅନ୍ଧାର ରାତିରେ ଦାରୁଣ ଅଭିଶାପରେ ହୃଦୟ ପୂର୍ଣ୍ଣ କରି ମନ୍ଦିର ଭିତରେ ପଶି ଦେବତାଙ୍କୁ ଟାଣି ଆଣିଲି । ଆଜି ସେ ମୋ କୁଟୀରରେ ବନ୍ଦୀ !

× × × ×

"ତା ପରେ ଭକ୍ତ ଆସିଲେ । ଦେବତା ଅନ୍ତର୍ଦ୍ଧାନ ହୋଇଛନ୍ତି ବୋଲି ସ୍ଥିର କଲେ । ସେତେବେଳେ ମୁଁ ବିକଟ ଭାବରେ ହସି ଉଠିଲି । ସେ

ହାସ୍ୟର ଝଙ୍କାର ଏବେ ମଧ୍ୟ ମୋ ପ୍ରାଣରେ ଅଛୁ । ମୋ ଦେବତାଙ୍କୁ କିଏ ଦେଖିବାକୁ ଆସିଲାବେଳେ ମୁଁ ସେହିପରି ହସି ଉଠେ । ଏବେ ସେ ମକଦମ ନାହାନ୍ତି । ଗାଁ ଏବେ ଉଠି ଏଇ ଖଣ୍ଡେ ଦୂରରେ—ଚିଲିକା ତାର ସର୍ବଗ୍ରାସୀ ବନ୍ୟାରେ ଏ ସ୍ଥାନକୁ ବର୍ଷ ବର୍ଷ ଧ୍ୱଂସ କରିବାରେ ଲାଗିଛି । ମନ୍ଦିର ଆଜି ପାଷାଣ-ସ୍ତୂପ, ଦେବତା ଆଜି ବନ୍ଦୀ, ଏ ଅନ୍ଧ ଆଜି ଆଉ ଏକ ଯାତ୍ରା ପାଇଁ ପ୍ରସ୍ତୁତ ।” ଏତିକି କହି ବୃଦ୍ଧ ନୀରବ ହେଲା ।

× × × ×

ଥରେ ସେ ଜୀର୍ଣ୍ଣମନ୍ଦିର, ଥରେ ସେହି ଜରାଜୀର୍ଣ୍ଣ ବୃଦ୍ଧକୁ ଚାହିଁ ମସ୍ତକ ଅବନତ କଲି । ସେ ଦିନ ବିଦାୟ ନେଇ ଆସିଲାପରେ କେତେ ଥର ସେଠାକୁ ଯାଇଛି; ମାତ୍ର ସେ ପାଷାଣ ମନ୍ଦିର ଭିତରକୁ ନୁହେଁ । ସେହି କୁଟୀ-ମନ୍ଦିର ପାଖରେ ଦେବତାଙ୍କ ଦେବତା ସେହି ବୃଦ୍ଧକୁ ଦର୍ଶନ କରି ଆସିଛି, ତା ପ୍ରାଣ—କାବ୍ୟକୁ ପଢ଼ି ଆସିଛି ।

## ଜାତିର ଧକ୍କା

( ୧ )

ଦିନ ନାହିଁ, ରାତି ନାହିଁ, କାମ ଚାଲିଛି । ଧରଣୀର ମାଟି ଗୋଡ଼ି ପଥର ସଙ୍ଗେ ଧରଣୀବାସୀ କେତେଗୁଡ଼ିଏ ମାନବ ସେଠି ସମାନ ହୋଇ ମିଶି ରହିଛନ୍ତି ! ସେମାନଙ୍କର ଜାତି ମହତ୍ତ୍ୱ ନାହିଁ, ମାନ ଗୌରବ ନାହିଁ, କୁଳୀନ୍ର ମହିମା ବା ଅଭିଶାପରେ ଓଡ଼ିଆ, ତେଲଙ୍ଗା, ହିନ୍ଦୁ, ମୁସଲମାନ ସମସ୍ତେ ସେଠାରେ ସମାନ ।

ଅନବରତ କାର୍ଯ୍ୟ ଚାଲିଛି । ପର୍ବତ ଭାଙ୍ଗି ପଥର ଫଟା ଯାଉଛି, ହାତୁଡ଼ି ଧରି ପଥର ଗୁଣ୍ଡା କରାଯାଉଛି; ଆଉ, ବୁଭୁକ୍ଷୁ ମାନବ ସେ ଗୁଡ଼ାକ ବୁଭୁକ୍ଷୁ ଭାବରେ ବୋହିନେଇ ଠାଏ ଠାଏ ଜମା କରୁଛି—ସେହିଠାରେ ରସୁଲ-କୋଣ୍ଡାର ବିରାଟ ଘାଇ ବନ୍ଧା ଯାଉଛି !

ଏ ପାଖେ ପର୍ବତ, ସେ ପାଖେ ପର୍ବତ—ଏ ମଧ୍ୟରେ ମାଟି ପଥର ଓ ମାନବର ଲୀଳା ଅନେକ ଦିନ ହେଲା ଚାଲିଛି । ମଣିଷ ମୁଣ୍ଡରୁ ବାଳ ଉପୁଡ଼ି ଯାଉଛି, ଆଖିର ତେଜ କମି ଆସୁଛି, ପାଦର ଗତି ଶିଥିଳ ହୋଇପଡ଼ୁଛି; ତଥାପି ସେହି ମାନବ-କୁଲି ମାଟି, ଗୋଡ଼ି, ପଥର ବୋହିବାରୁ ବିରତ ହେଉ ନାହାନ୍ତି !

ଏହି କୁଲି ପ୍ରାଣରେ ପୁଣି ହିସ ! ତାହା ବଡ଼ ବିଚିତ୍ର ଧରଣର ହିସ । କିଏ କେତେ ମାଟି ବୋହିଲା, କିଏ କେତେ ପଇସା ପାଇଲା—ଏଥିରେହିଁ ସେମାନଙ୍କର ସାନ ବଡ଼ର ମହିମା । ସେଠି ଯେବେ କିଏ ବଡ଼ ଜାତିର ଲୋକ ଛୋଟ ଜାତିର ଲୋକକୁ ଜାତି କଥା ପଚାରେ, ଉତ୍ତର ପାଏ—"ମୁଁ କୁଲି, କୁଲିଗିରି କରି ମୁଁ ପଇସା ପାଏ । ଗଙ୍ଗାନାଇଡୁ, ରାମଦାସ, ମଧୁରାଉଳ, ରଘୁମିଶ୍ର ସମସ୍ତଙ୍କ ସାଙ୍ଗର ମୁଁ ଜଣେ ।"

ରସୁଲକୋଣ୍ଡାର ଘାଇ ଏହିପରି ସାମ୍ୟଶିକ୍ଷା ଦେଇ ଅନେକ ଦିନ ଅନେକ ମାନବପ୍ରାଣୀଙ୍କୁ ବଞ୍ଚାଇ ରଖିଥିବା କଥା ଏବେ ମଧ୍ୟ ସେ ଅଞ୍ଚଳର ବନବାସୀ କନ୍ଧଙ୍କଠାରୁ ପ୍ରାସାଦବାସୀ ଭଦ୍ରଲୋକଙ୍କ ପର୍ଯ୍ୟନ୍ତ ଅନେକଙ୍କ ମୁହଁରୁ ବିରାଟ ସତ୍ୟରୂପେ ଶୁଣାଯାଏ ।

( ୨ )

ସେ ଦିନ ଏବେ ଅର୍ଦ୍ଧଶତାବ୍ଦୀରୁ ବଳିଗଲାଣି । ସେଠାରେ ମାଟି ଗୋଡ଼ି ବର୍ତ୍ତମାନ ସୁଦ୍ଧା ପାଲଟି ମାନବର ଅକଳନ୍ତ ରତ୍ନ ଭଣ୍ଡାରରେ ପରିଣତ ହୋଇଗଲାଣି । ସେଠାର ପାଣି ବର୍ତ୍ତମାନ ଭଞ୍ଜଭୂମି ଗଞ୍ଜାମରେ

ଅମୃତଧାରା ରୂପେ ଗ୍ରାମ ବିଲ ପ୍ରାନ୍ତରରେ ସୁନାର ଫୁଲ ଫୁଟାଇ ଦେଲାଣି । ଆଜି ସେ ଯୁଗର କଥା—ସେହି କୁଲି-ଧର୍ମର ସାମ୍ୟପୀଠ କଥା କିଏ ମନେ ପକାଉଛି ? ସେହି ଯୁଗର ଏକ ମାତୃତ୍ୱର କ୍ଷୁଦ୍ର କାହାଣୀ ଏଇଠାରେ ଏତେଦିନ ପରେ କୁହାଯାଉଛି ।

ଦିନେ ସେଠାରେ ସନ୍ଧ୍ୟା ହେଲା । ଦୂର ମଫସଲ ଭିତରେ ଯେପରି ସନ୍ଧ୍ୟାର କୃତ୍ୟାଗ୍ରମ୍ଭା ଆରମ୍ଭ ହୁଏ, ସେପରି ହେଲା ନାହିଁ । କ୍ରମେ ତରୁଲତା ମୂଳ ଅନ୍ଧାର—ତା ପରେ ଗିରିଗୁହା ଅନ୍ଧାର, ତା ପରେ ପର୍ବତର ଶିଖର ଦେଶ କ୍ରମ୍ଭ ଭ, ଶେଷରେ ନଭସ୍ପର୍ଶୀ ପାହାଡ଼ଟା କେଉଁଆଡ଼େ ଅଦୃଶ୍ୟ ! ଗୁହୁଁ ଗୁହୁଁ ନିବିଡ଼ ଅନ୍ଧକାର ଭିତରେ ବିଶାଳ ଧରଣୀ କୁଆଡ଼େ ବୁଡ଼ିଗଲା । ଖାଲି ଶୁଭିଲା ବନ୍ୟ ପଶୁର ବିକଟ ଚିତ୍କାର, ଆଉ, ପବନର ସନ ସନ ଶବ୍ଦ ।

ସେହି ଭିତରେ କିନ୍ତୁ ଧରଣୀବାସୀ ସେହି ଶ୍ରାନ୍ତ କ୍ଲାନ୍ତ କୁଲିଗୁଡ଼ାକ ଆନନ୍ଦରେ ଅଧୀର ହୋଇ ମାତି ଉଠିଲେ । କିଏ କହିଲା—

"ଜୟ ହେ ରଘୁପତି ରାଜା ରାମ !"
କିଏ କହିଲା—
"କହ ଭାଇ, ଆଲ୍ଲା ହୋ ଆକବର !"
କାହାର ଗମ୍ଭୀର ସ୍ୱର ଚମକ ଦେଇ ଉଠିଲା—
"ବଂ ବଂ ଶିବ—ଭୋଲାନାଥ······ ।"

ଏହିପରି କେତେ ପ୍ରକାରେ ମହା-ମହିମଙ୍କ ମହିମା ସଙ୍ଗୀତ ଶୁଣାଗଲା ! ରସୁଲକୋଣ୍ଡାର ନିର୍ଜନ ଗୋଡ଼ି, ମାଟି, ପଥର ଭିତରୁ ପ୍ରତିଧ୍ୱନି ଉଠି ବେଳେ ବେଳେ ଶାନ୍ତ ନୈଶ ଗଗନକୁ ଚମକାଇ ଦେଇ ନୂତନ ବିଶ୍ୱ ସୃଷ୍ଟିକଲା ।

ସେହି ସନ୍ଧ୍ୟାରେ ଘାଇରେ କାମ କରୁଥିବା କୁଲିମାନଙ୍କର ଏକ ବଣଭୋଜି । ହିନ୍ଦୁ, ମୁସଲମାନ୍, ଓଡ଼ିଆ, ତେଲଙ୍ଗା, ବ୍ରାହ୍ମଣ, ଚଣ୍ଡାଳ ସମସ୍ତଙ୍କର ଉତ୍ସବ । ସମସ୍ତେ କୁଲି—ସମସ୍ତେ ବୁଝିଥିଲେ ସେଠି ସମସ୍ତେ

ସମାନ । ଗାଣ୍ଡୁଆଏ ମାଟି ମୁଣ୍ଡକୁ ଟେକିଲେ କେତେ ଝାଳ ବୁହେ, ଝଣ୍ଡେ ପଥର ଗୁଣ୍ଡ କଲେ କପର ଷୋଳ ଶିରା ଦୁହିଁ ହୋଇଯାଏ—ଏ ପ୍ରାଣର ବ୍ୟଥା ସମସ୍ତଙ୍କୁ ଏକାପରି ଜଣା ଥିଲା । ତେଣୁ ସମସ୍ତେ ସମସ୍ତଙ୍କୁ ଜାଣିଥିଲେ-ସମସ୍ତେ ସମସ୍ତଙ୍କୁ କୁଲି ବୋଲି ପରିଚୟ ଦେଉଥିଲେ ।

ସେହି ଭୋଜିରେ ସାମ୍ୟ ଧର୍ମ ପାଳିତ ହେଲା ।

( ୩ )

ପାହପଡ଼ା ଗୋଟିଏ କ୍ଷୁଦ୍ର ପଲ୍ଲୀ । ଘାଇର ହୁଡ଼ା ଉପରେ ଠିଆ ହେଲେ ପାହାଡ଼ ତଳେ ଗ୍ଟୋଟ ଗ୍ଟୋଟ ଯେଉଁ କେତୋଟି ଘରଳଘର ଦେଖାଯାଏ ; ସେଠା ପାଖ ଲୋକେ ସେହି ସ୍ଥାନଟିକୁ ପାହପଡ଼ା କହନ୍ତି ।

ଘାଇ ପାଖେ ତ କୁଲି-ଭୋଜି ସରିଲା, ତା ପରେ ଗାଁ ଭିତରେ ଏକ କୁଡ଼ିଆ ପାଖେ ଏକ ବିଷମ ସମସ୍ୟା ପହଞ୍ଚିଲା । ଭୋଜି ଖାଇସାରି ଚଉଦବର୍ଷର ଭେଣ୍ଡିଆ ନାରସେନା ଯେତେବେଳେ ଯାଇ ପାହପଡ଼ା ଗାଁର ଗୋଟିଏ କୁଡ଼ିଆ ପାଖେ ପହଞ୍ଚିଲା, ରାତି ଅଧରେ ଜଗୁଆଳ କୁକୁର ଗର୍ଜି ଉଠିଲା ପରି ଘର ଭିତରୁ ଗର୍ଜନ ଶୁଭିଲା—

"ଦୂର୍ ହୁଅ ଅଜାତିଆ ଦୂର୍ ହୁଅ । ଯା, ପୁଣି ଯା, ଗୋବର ପାଣି ପି—ତେବେ ଯାଇ ଜାତି ପାଇବୁ । ବାରି ହାଡ଼ି, ତେର ଗୋଲା, ପଠାଣ, କିରସ୍ତାନ ସାଙ୍ଗରେ ଖାଇ ଏ ଘରେ ପୁଣି ପାଦ ପକାଇବାକୁ ଆସିଛୁ ?"

ନାରସେନାର ପଥର-ବୁହା ମୁଣ୍ଡା ଭିତରେ ଏ କଥା ଗୁଡ଼ାକ ସହଜରେ ପ୍ରବେଶ କଲା ନାହିଁ । ସେ ସତରେ ଆପଣା ଘରକୁ ଆସିଛି କି ଆଉ କେଉଁଠିକି ଆସିଛି, କିଛି ସମୟ ଠିଆହୋଇ ଆଗ ଭାବିଲା । ଯେତେବେଳେ ସେ ଆପଣା ଦୁଆରି ମୁହଁର ଲେମ୍ବୁଗଛ, ପଥର ପାହାଚ ସବୁ ଚିହ୍ନି ପାରିଲା, ଧୀରେ ଧୀରେ ପାଦଗଳ ପିଣ୍ଡାରେ ଯାଇ ବସିଲା ।

ସଙ୍ଗେ ସଙ୍ଗେ ଗାଳି ପରେ ଗାଳି ବର୍ଷଣ ହେଲା । ନୀରସେନା ଗତ ଦେଢ଼ବର୍ଷ ହେଲା ଆପଣା ଦେହକୁ ପଥର କରି କେତେ ପଥର ବୋହିଛି, ପଥରଠାରୁ କେତେ ଧୈର୍ଯ୍ୟ ଶିକ୍ଷା କରିଛି; ମାତ୍ର ସେତେବେଳର ଗାଳି ତାକୁ ବଡ଼ ବାଧିଲା । ତା ମୁଣ୍ଡରେ କେତେ ଚିନ୍ତା ଖେଳିଲା । ଘର ଭିତରକୁ ପାଦ ପକାଇବାକୁ ମନା । ସନ୍ଧ୍ୟାବେଳେ ଥିଲା ଅଧିକାର, ଏଇ କେତେ ଘଣ୍ଟା ଭିତରେ ସେ ଅଧିକାର ଗଲା କୁଆଡ଼େ ? ବଣଭୋଜି କି ସମସ୍ତଙ୍କ ଆଖିରେ ଏପରି ଲୁହ ଆଣି ସମସ୍ତଙ୍କୁ ଏପରି ଅଜାତିଆ କରିଦେଲା !

ଓହୋ......ନୀରସେନାର ବୁକୁ ଫାଟିଗଲା ପରି ଲାଗିଲା । ଅନ୍ଧାର ଭିତରେ ସେ ଜଣକର ଛବି ଦେଖିଲା । ଡାକିଲା—

"ମା !"

ପରମୁହୂର୍ତ୍ତରେ ପିଣ୍ଡାର ସେ ପାଖରେ କାହା ହୃଦୟ ଭିତରେ ଗୁରୁ ଶ୍ୱାସନିଃଶ୍ୱାସର ଶବ୍ଦ ଜଣାଗଲା ।

ପୁଣି ଏ ପଚାରିଲା—"ଯିବି ଭିତରି ? ଏ ଘର କଣ ମୋର ଆଉ ନୁହେ ?"

ଉତ୍ତର ପାଇଲା—"ନା, ଅଜାତିଆର ଏ ଘର ନୁହେ । ଯା, ଜାତି ହେଲେ ଆସିବୁ ।"

ନୀରସେନାର ତରୁଣ ହୃଦୟ କେବଳ ଦୁଃଖ, ଅଭିମାନ, କ୍ରୋଧରେ କୁହୁଳି ଉଠିଲା । ଅନ୍ଧାର ଭିତରେ ସେ କେତେ କଣ ଭାବିଗଲା । ରାତି ତିନି ପହର—ଏ ଗଭୀର ଅନ୍ଧାର ଭିତରେ ତା ଉପରେ କାହାର ଏ ଅଭିଶାପ ପଡ଼ିଲା !

ଶୂନ୍ୟ ଅନ୍ଧାର, ଶୂନ୍ୟ ଧରଣୀ—ଏ ଭିତରେ ଶୂନ୍ୟ ହୃଦୟଟା ଧରି ନୀରସେନା ଧୀରେ ଧୀରେ ପାଦ ଉଠାଇଲା ।

( ୪ )

ରୁକ୍ଷ ଗିରି ପାହାଡ଼ ଉପରେ ଜୀବନ ଆଲୋକ ବାଣ୍ଟିଲା ପରି ପ୍ରଭାତୀ ତାରା ଯେତେବେଳେ ବାଗ୍‌ବଲୟର ଅଳ୍ପ ଦୂରରେ ହସି ଉଠି ଘାଇର ପାଣି ଭିତରେ ପ୍ରତିବିମ୍ବିତ ହେଲା, ସେତିକିବେଳେ ସେହି ଘାଇ ଉପରେ ଜଣେ କିଏ ବର୍ଷୀୟସୀ ନାରୀ ତାର ପ୍ରାଣର ନନ୍ଦନକୁ ପ୍ରାଣରେ ପ୍ରତିବିମ୍ବିତ କରିବାକୁ ଚେଷ୍ଟାକରି କପୋଳଦେଶରେ ଘନ ଘନ ଚୁମ୍ବନ ଦେଇ କହିଲା ।

"ବାବୁ ରେ, ଧନ ମୋର୍......କୁଆଡ଼େ ଯିବୁ......?"

ପଥରୁଦ୍ଧ ଝରଣାର ଜଳ ହଠାତ୍ ପଥ ପାଇ ଉଚ୍ଛୁଳି ଉଠିଲା ପରି ତାହାର କୋଳରେ କାହାର କରୁଣ କଣ୍ଠର ସ୍ୱର ଶୁଣାଗଲା ।

"ମା...?"

ପୁଅ ରାତିରେ ଘର ଛାଡ଼ି ଆସିଲା ପରେ ମାଆ ଯେ କି ଉଦ୍‌ବେଗରେ ବଣ ଲତା ଭିତରେ ଡାକି ଡାକି ବୁଲୁଛି, ସେ କଥା କେବଳ ସେହି ମାତୃହୃଦୟ ବୁଝିବ । ଶେଷକୁ ପୁଅକୁ ବନ୍ଧ ଉପରେ ନିଦ୍ରାବସ୍ଥାରେ ପାଇ ଯାକି ପକାଇ କହିଲା—

"ବାବୁ ମୋର, ଯାଉଛୁ କୁଆଡ଼େ ତୁ ?"

ନାରସେନାର ଚେତା ହେଲା । ଘରୁ ଆସି ସେ ଗଛ ପଥର ପାଣି ପବନ ସମସ୍ତଙ୍କ ଆଗେ ଦୁଃଖ ଜଣାଇଥିଲା, ସମସ୍ତଙ୍କୁ ଉତ୍ତର ପାଇଁ ଡାକିଥିଲା; ମାତ୍ର ମାଆକୁ କିଛି କହିପାରି ନ ଥିଲା । ବାଟ କଡ଼ର ତାର ଚିର ପରିଚିତ ସିନ୍ଦୂର ବୋଳା ପଥର ଠାକୁରାଣୀଙ୍କୁ କୁଣ୍ଢାଇ ଡାକିଥିଲା—

"କହ ମା ମୋର କି ଜାତି ଗଲା ?"

ପଥର ଉତ୍ତର ଦେଇ ନ ଥିଲା ।

ଶେଷରେ ସତରେ ତାର ମାଆ ଆସି ଯେତେବେଳେ ତାକୁ ଛୁଇଁଲା, ସେ କହିଲା—"ମୁଁ ଅଜାତିଆ, ମା, ମୋତେ ଛୁଇଁଲେ ଜାତି ଯିବ ।"

ମାଆ କହିଲା—"ମୋର ଜାତି ଯିବ ? ମୁଁ ପରା ତୋର ମା···!"

"ମା, ମୁଁ ଯିବି ଦୂରକୁ । ମୋର ଘରେ ଆଉ ଥାନ ନାହିଁ ।"

"ଦୂରକୁ ?"

"ହଁ, ଦୂରକୁ । ଜାତି ନାହିଁ ମୋର । ଏଠି ମୋତେ କିଏ 'ଜାତି' ପଚାରିଲେ କଣ କହିବି ?"

ମାଆ ପୁଅକୁ ଆଦରର କୋଳକୁ ଟାଣି ଆଣି କହିଲା—

"କହିବୁ ମୋର ପୁଅ ବୋଲି !"

"ଅଜାତିଆ ତୋର ପୁଅ ହେବ···" ଏତିକି କହି ପୁଅ ବ୍ୟାକୁଳ ସନ୍ତୁଷ୍ଟଭାବରେ ମାଆର ସେହି ସ୍ନେହ-ଲାବଣ୍ୟମୟ ମୁଖମଣ୍ଡଳକୁ ଚାହିଁ ରହିଲା ।

ସେଥିରୁ ଯେଉଁ ଅମୃତ ଝରୁଥିଲା, ମୁହୂର୍ତ୍ତିକେ ତା ହୃଦସ୍ପନ୍ଦ ସେଥିରେ ଉଚ୍ଛ୍ୱସି ଉଠିଲା, ମାଆ ଆଉ ଉତ୍ତର ଦେଇ ପାରିଲା ନାହିଁ । ଅଜସ୍ର ଧାରାରେ ତାର ଦୁଇ ଆଖିରୁ ଲୁହର ଝରଣା ଫିଟିଗଲା । ରସୁଲକୋଣ୍ଡାର ସେହି ଘାଇଠାରୁ କେତେ ଗଭୀର ସେ ଝରଣା ! ଖାଲି ଲୁହ—ଖାଲି ଲୁହ—ଓହୋ ସେ ହୃଦସ୍ପନ୍ଦ ଫାଟିଗଲା ପରା !

ପୁଅ କହିଲା—"ମା, ଯାଉଚି ଦୂରକୁ ।"

"ଚାଲ୍ ଧନ, ମୁଁ ଯିବି···"

ଦୁହେଁ ଚାଲିଲେ—ଚାଲିଲେ··ଚାଲିଲେ...

ରାତି ପାହିଲା ମାଟି ବୁହା ହେଲା, ମାତ୍ର ନାରସେନା ଆଉ ତାର ମାଆର ଇତିହାସ ସେଦିନ ସେହିଠାରେ ସେତିକିରେ ରହିଲା ।

× × × ×

ଏହି ଘଟଣାର ବହୁବର୍ଷ ପରେ—୧୯୩୪ ମସିହା ଜୁଲାଇ ମାସ ୧୦ ତାରିଖ ସନ୍ଧ୍ୟାବେଳେ ଛତ୍ରପୁର ସହରର ଏକ ଗଳି ଭିତରେ ହଠାତ୍ କଥା ପ୍ରକାଶ ପାଇଲା ଯେ, ରସୁଲକୋଣ୍ଡା ଘାଇ-ଯୁଗର ନାରସେନା ନାଇଡ଼ୁ ପୀର୍ ମହମ୍ମଦ ନାମରେ ଏ ପର୍ଯ୍ୟନ୍ତ ମୁଣ୍ଡ ଟେକି ସଂସାରରେ ରହିଛି ।—ସେ ଆଉ ଘରକୁ ଫେରି ନାହିଁ, ପୁଷି ଯାଇ ନାହିଁ, ଗୋବର ପାଣି ପିଇ ନାହିଁ । କାଢର ଧକ୍କା ତାକୁ ବହୁଦୂରକୁ ଠେଲି ଦେଇଛି ।

# ମୁହୂର୍ତ୍ତିକର ଦେଖା

( ୧ )

ଥରେ ମାତ୍ର ଦେଖା, ତା ପୁଣି ମୁହୂର୍ତ୍ତିକ ପାଇଁ !

ସେ ଦିନ ବଡ଼ ଖରା । ଆକାଶରୁ ନିଆଁ ବର୍ଷା ହେଉଥିଲା । ରସମୟୀ ପୃଥିବୀ ତାର ଶୁଷ୍କ ବୁକୁ ଦେଖାଇ ତତଲା ପବନ ଭିତରେ କେବଳ ହାହାକାର କରୁଥିଲା । ସେହି ନିର୍ଜନ ମୁହୂର୍ତ୍ତିରେ କେବଳ ମୁହୂର୍ତ୍ତିକ ପାଇଁ ତା ସହିତ ମୋର ଦେଖା ହୋଇଥିଲା ।

ଏ ଜନ୍ମରେ କିଏ କାହାର ପରିଚିତ ନ ଥିଲୁଁ । ସେ ଥିଲା କେଉଁ ଦୂର ମଫସଲର; ମୁଁ ସହର ଭିତରର ଜୀବ । ସେ ଗଲୁଥିଲା ପାଦରେ, ମୁଁ ଥିଲି ମୋର କ୍ଷୁଦ୍ର ଯାନ ଦେହରେ । ଏତିକିବେଳେ ତା ସହିତ ମୋର ଦେଖା, ତା ପୁଣି ମୁହୂର୍ତ୍ତିକ ପାଇଁ !

( ୨ )

ବ୍ରହ୍ମପୁରଠାରୁ ବଡ଼ଖେମୁଣ୍ଡି ରାସ୍ତାରେ ଗଲାବେଳେ ବାମ ପଟରେ ଯେଉଁ ଘନ-ତରଙ୍ଗିତ ବୃକ୍ଷ-ଗିରିଶ୍ରେଣୀ ଦେଖାଯାଏ, ତାହାର ପାଦଦେଶରେ

କୌଣସି ଏକ ଅଖ୍ୟାତ କ୍ଷୁଦ୍ର ପଲ୍ଲୀରେ ମୋର ଏ କ୍ଷଣ-ପରିଚିତ ବନ୍ଧୁଙ୍କ ଘର । କଠୋର ଗିରିଶ୍ରେଣୀ କେତେ ଯୁଗରୁ ଯେ ସେ ପାଖେ ମୁଣ୍ଡଟେକି ଠିଆ ହୋଇଛନ୍ତି, ସେ କଥା ମାନବର ଇତିହାସ ଏ ପର୍ଯ୍ୟନ୍ତ କହିପାରି ନାହିଁ । ନିତାନ୍ତ ରୁକ୍ଷ ଗିରିମାଳା । —ସେଥି ଉପରେ ଗଛପତ୍ର ସୁଦ୍ଧା ଉଠିବାକୁ ବର୍ଷରେ ଛଅ ମାସ ସାହସ କରି ପାରନ୍ତି ନାହିଁ । ସେହି ସ୍ଥାନକୁ ଆଶ୍ରୀକରି ମନୁଷ୍ୟ ସେଠି ଘର ତୋଳିଲି ! ତାକୁ ପୁଣି ଗୃହିଁ ମନୁଷ୍ୟ ସେଠି ବଞ୍ଚିଲି ! କୋମଳପ୍ରାଣ ମନୁଷ୍ୟକୁ ଏହି ଗିରିଗୁଡ଼ାକ ନିଷ୍ଠୁର ହେବାକୁ ଆଦର୍ଶ ଦେଖାଇ ନାହାନ୍ତି ବୋଲି କିଏ କହିବ ?

( ୩ )

ମୁହୂର୍ତ୍ତିକର ବନ୍ଧୁ ମୋର ! ହାଡ଼ ଦେହରେ କେବଳ ଚର୍ମ ଆବରଣଟିଏ ରଖି ସେ ଆସି ଠିଆହେଲା । ବଡଘରର ବଡ଼ଲୋକର ଗ୍ଳାଣ୍ଟ ତା ମୁହଁ ଗଠନରେ ବାଣି ଯାଉଥିଲା । ତାର ଗୃହାଣି ଭିତରେ କୌଣସି ବିସ୍ମୃତ ସୌଭାଗ୍ୟର ବେଳାଭୂମିର କ୍ଷୀଣ ଫେନରେଖା ମୁଁ ଦେଖି ପାରିଲି । ତାର ଭିକାରୀର ବେଶ ତଳେ ମାନବିକତାର ଯାଦୁସ୍ପର୍ଶ ମୋତେ ମୁହୂର୍ତ୍ତିକ ପାଇଁ ଚମକାଇ ଦେଲା । ସେ ମୋ ଆଡ଼କୁ ହାତ ବଢ଼ାଇ କହିଲା—"ବାବୁ !"—

କାଣ କହିବ ଭାବୁଚି, ପୁଣି ତାର ମର୍ମ ତଳର କରୁଣସ୍ୱର ଶୁଣିଲି—"କିଛି ଦେଇ ପାରିବ ବାବୁ ?"

( ୪ )

ଦୁଇ ପକେଟରେ ହାତ ପୁରାଇଲି । ସେ ଭିତରେ କିଛି ନ ଥିଲା । ରୁଚ୍ଛା ହାତଟା ପକେଟରୁ କାଢ଼ି ତାର ହାତଟାକୁ ଧରିପକାଇ କହିଲି—"ଭାଇ, କିଛି ନାହିଁ !"

ତାର ଶୁଖିଲା ଅଧର ତଳେ କୁଆଡୁ ହସ ଟିକିଏ ଝରିପଡ଼ିଲା । ପରିଚିତ ବନ୍ଧୁପରି ମୋ ମୁହଁକୁ ସେ ଚାହିଁଦେଇ କହିଲା—"କିଛି ନାହିଁ ତ ନ ଆଉ । ଯାହା ଦେଲ ମତେ ଲକ୍ଷେ ଟଙ୍କା ।"

ଆଉ କାହାକୁ ସେ ମାଗି ନାହିଁ । ଯାନ ଛାଡ଼ିଦେଲା ।

( ୫ )

ଦୁଇ ପାଖରେ ଗିରି ଉପରେ ଗିରି । ରାସ୍ତାରେ ନିର୍ମମ ପଥର ଗୁଣ୍ଡି ଉପରେ ଯାନଟା କେବଳ ପଡ଼ିଲା, ଉଠିଲା । ମୋର ମନ ଥକିଲା, ମୋର ଦେହ ଥକିଲା । କେତେବେଳଯାଏ ହୃଦୟ ଭିତରେ ଅବସାଦ ଆସିଲା, ବୁଝିପାରିଲି ନାହିଁ । ହଠାତ୍ ଚମକ ଭାଙ୍ଗିଲା । ହାତ ମୁଠାଟା ଆଖି ପାଖକୁ ଆଣି ଦେଖିଲି—ମୋର ହାତ; ମାତ୍ର ତାହା ଉପରେ କାହାର ଉଚ୍ଛ୍ୱସିତ ସ୍ପର୍ଶ ମୋ ମନକୁ କ୍ଷଣକୁ କ୍ଷଣ ଚମକାଇଲା । ଦୂର ଗିରି ଗହଳ ତଳେ ସେହି ଅସ୍ଥିଚର୍ମସାର କ୍ଷଣକର ବନ୍ଧୁଟି ମୋର ବହୁଯୁଗର ପରିଚିତ ପରି ହାତ ପ୍ରସାରି ଠିଆ ହୋଇଛି । ଶୁଣିଲି, ସେହି କ୍ଷଣକର ବନ୍ଧୁ କେବଳ ମୋର ଆଡ଼କୁ ହାତ ବଢ଼ାଇ କହୁଛି—"କିଛି ଦେବ ?" ସେ ପୁଣି କହୁଚି—"ଯାହା ଦେଲ ଲକ୍ଷେ ଟଙ୍କା ।"

( ୬ )

ଆଖି ଫିଟାଇ ତାକୁ ଦେଖିଲି, ଆଖି ମୁଦି ତାକୁ ଦେଖିଲି । ଦେଖିଲି ତାକୁ ପାହାଡ଼ ତଳେ ଦେଖିଲି ତାକୁ ହୃଦୟ ତଳେ । ଦେଖିଲି ଦୂର ମଫସଲ ଗାଁରେ ସେ ବସିଛି । ସୁନ୍ଦର କୁଟୀର ଖଣ୍ଡିଏ, ତାହାର ଭିତରେ ଶିଶୁକଣ୍ଠରୁ କଳରୋଳ ଉଚ୍ଛୁଳି ପଡ଼ୁଛି । ସେହି ଦୁଆରେ ପଞ୍ଜୁରି ଭିତରେ ବଣର ପକ୍ଷୀ ଶୁଆ ମନୁଷ୍ୟର ଦେବତା 'କୃଷ୍ଣ' ନାମ ଗାଉଛି । ଦେଖିଲି ବନ୍ଧୁ ମୋର ଘରେ ବସିଛି, ତା ବିଲରେ ସୁନା ଫଳୁଛି । ଗୁହାଳରେ ଗୋମାତାର ସ୍ତନତଳୁ ରସଧାର ସ୍ରବି ବସୁମାତାକୁ ସିକ୍ତକରି ଦେଉଛି । ପାହାଡ଼ର ବୃକ୍ଷ-ତରୁତଳେ ଗାଈଜଗା ପିଲାର ବଂଶୀ ବାଜିଲେ ବନ୍ଧୁ ମୋର କର୍ତ୍ତବ୍ୟକର୍ମ ଶେଷ କରୁଛି ।

ତା ସୁଖର ସମୁଦ୍ର ତାକୁ କେନ୍ଦ୍ର କରି ଚତୁର୍ଦ୍ଦିଗରେ କଲରୋଳ ସୃଷ୍ଟି କରୁଛି । ସେ ହସୁଛି, ସେ ଖେଳୁଛି; ପଲ୍ଲୀ ସଂସାରକୁ ହୁଏ ତ ସେ ହସାଉଛି ।

ତା ପରେ ଦେଖିଲି, ସେହି ମୋର ବନ୍ଧୁ—ସେହି କ୍ଷଣକର ବନ୍ଧୁ ମୋର ମହାଜନ ଦୁଆରେ ଯାଇ ଠିଆ । ସେ ଟଙ୍କା ଧରି ଆସୁଛି, ଟଙ୍କା ସୁଝିବାକୁ ଯାଉଛି, ତା କାଖରେ ଛତା, ହାତରେ ଦଲିଲ ଦସ୍ତାବିଜ । ସେ ଚାଲିଛି କଚେରିକି ।

ଦେଖିଲି, ବନ୍ଧୁ ମୋର ଫେରୁଛି ତା ପ୍ରିୟ କୁଟୀର ଭିତରକୁ । ପ୍ରିୟ କୁଟୀର ଖଣ୍ଡିକ ତାର ହୋଇ ଆଉ ନାହିଁ । ମହାଜନର ପତାକା ତା ଚାଳ ଉପରେ ଉଡ଼ୁଛି । ବିଲର ଧାନ କରଜା ବାବଦକୁ ବିଲରୁ ଶୁଝା ପାଇଛି । ଘରର ମାଲିକ ଏବେ ଘରର ରଇତ ହୋଇଛି !

ପୁଣି ଦେଖିଲି ବନ୍ଧୁ ମୋର ଚାଲିଛି ଟଙ୍କା ଅରଜି । କାହିଁ ରେଙ୍ଗୁନ, କାହିଁ କଲିକତା ସବୁଠୁଁ ଫେରିଛି ସେ । ତାର ଦୃଷ୍ଟି ଆଗେ ଚାରିଟି ପିଲା, ଆଉ ଜୀବନର ସଙ୍ଗିନୀ !

ଦେଖିଲି, ତାର ଲୁଗା ଥିଲି ଲୁଗା ମଇଳା ହେଲା । ମଇଳା ଲୁଗା ଖଣ୍ଡ ଖଣ୍ଡ ହୋଇ ଛିଣ୍ଡିଗଲା । ଛିଣ୍ଡାଲୁଗା ଗଇଁଠା ହେଲା । ମୁହଁରେ କେବଳ ଦାନ୍ତଗୁଡ଼ିକ ଧରି, ଦେହରେ କେବଳ ଚମ ପରସ୍ତେ ଧରି ସେ ଆସି ମୋର ଆଡ଼କୁ ହାତ ବଢ଼ାଇ କହିଲା—"କିଛି ଦେବ ? ଯାହା ଦେଲେ ଲକ୍ଷେ ଟଙ୍କା !"

ଚମକିପଡ଼ି ମୋ ହାତକୁ ମୁଁ ଚାହିଁଦେଲି । ଶୂନ୍ୟ ଘର, କେହି କୁଆଡ଼େ ନାହାନ୍ତି । ସେ ଯାନଟା ଚାରିଘଣ୍ଟା ହେଲା କୁଆଡ଼େ ଗଲାଣି । ମାନବ କଣ୍ଠର ଚିତ୍କାରରେ ମୋର ପାଖ ଘରଟା ପୂରିରହିଛି । ଆଉ, ମୁଁ ମୋର ବିଛଣାରେ ପଡ଼ି ମୋର ସେହି ମୁହୂର୍ତ୍ତିକର ଦେଖା ବନ୍ଧୁଙ୍କୁ ଆଉ ଥରେ ଦେଖିବାକୁ ଇଚ୍ଛା କରୁଛି, ମାତ୍ର ସେ ଯାଇ ବହୁଦୂରରେ—ଦଶ ମାଇଲ ଦୂରରେ ଏବେ ।

# ଦୁଇଟି ରାତିର ଶେଷ ପ୍ରହର

## ( ୧ )

କେତେଟା ଆମ୍ବ, ବର, କଇଆ ଗଛତଳେ ଦଶ ବିଶଖଣ୍ଡି ଚାଳଘର । ତା ଭିତରେ ପୁଣି ସିନ୍ଦୂରବୋଳା ଶହାଡ଼ାଗଛ, ଛବିଲେଖା ଭାଗବତ ପିଣ୍ଡି, ପଥରବସା ଚଉରା, ଦରଭଙ୍ଗା କୂଅ ଚାନ୍ଦନୀ, ଦରପୋତା ପୋଖରୀ ତୁଠ ।

ଏଥିରେ ପୁଣି ଏତିକି ମାୟା, ଏମିତି ମମତା ! ତାହାରି ଭିତରେ କେଉଁ କୁଟୀର କୋଣରେ କାହାର ପ୍ରଣୟିନୀ—କିଏ କାହାର ପଲ୍ଲୀପୁରକୁ ଦିବ୍ୟପୁରରେ ପରିଣତ କରୁଛି, କିଏ ପୁଣି ଭଙ୍ଗା କାନ୍ଥ କଣା ଚାଳ ଘରେ ନୂଆ କରି ସଂସାର ଗଢ଼ିବାକୁ ଚେଷ୍ଟା କରୁଛି । ଏ ଆଶା, ଏ କଳ୍ପନା କେତେ କାହାର ପୂରଣ ହେଉଛି, ତାହା ତ ଅଲଗା କଥା !

ପଲ୍ଲୀବୋଲି କହୁଥିବା କୂଅ-ପୋଖରୀ-ମନ୍ଦିର-ଚଉଁରା ଧୂର୍ଣ୍ଣି କୁଟୀରମୟ ଭୂଇଁ ଖଣ୍ଡିକୁ କିଏ ହେୟ, ନିର୍ଜୀବ ବୋଲି ମନେ କରିପାରନ୍ତି, ମାତ୍ର ସହଦେବ ପାରିଲା ନାହିଁ । ତା ଭିତରେ ତାର ସ୍ୱପ୍ନର ପ୍ରତିମା । ସେ ଜଣାଇ ଦେଲା, ଏ ସବୁଥିରେ ଜୀବନ ଅଛି; ଯୁଗ ଯୁଗାନ୍ତରର ପିତୃପୁରୁଷଙ୍କର ବହୁ ବିଚିତ୍ର ସ୍ମୃତି ଅଛି । ଯାକୁ ଭୁଲିଲେ ଜୀବନଟା ନୀରସ ହୋଇପଡ଼େ ।

ଗାଁଟି ନିତାନ୍ତ ଛୋଟ, ତାକୁ ପଲ୍ଲୀ କୁହାଯାଇ ପାରିବ ନାହିଁ, କି ଗାଁ କୁହାଯାଇ ପାରିବ ନାହିଁ । କେତେ ଯୁଗରୁ କେଜାଣି, ବାଟୋଇ ସେ ବାଟେ ଯିବା ଆସିବା କଲାବେଳେ ସେହି କେତୋଟି ଘରର ସମଷ୍ଟିକୁ 'ଗମେଇ' ବୋଲି ଡାକନ୍ତି । ଆଜି, ଆଖପାଖ ଲୋକଙ୍କ ପାଖରେ ତାହା ବାଉଶାହାସ୍ତ ବୋଲି ପରିଚିତ ।

ଏହି ଗମେଇର ଏକ ପାଖରେ ଏକ ଶ୍ରେଷ୍ଠିଆ ନଈ ଓ ଅନ୍ୟ ଏକ ପାଖରେ ଗୋଟିଏ ଶ୍ରେଷ୍ଠିଆ ପାହାଡ଼ । ଓଡ଼ିଶାରେ ମଲ୍ଲଗୁଣୀଠାରୁ ଆରମ୍ଭ କରି ମହାନଦୀ ପର୍ଯ୍ୟନ୍ତ କେତେ ସାନ ବଡ଼ ନଦୀ ଅଛି; ମାତ୍ର ସେହି ଗମେଇ ପ୍ରାନ୍ତ ପ୍ରବାହିନୀ ଶ୍ରେଷ୍ଠ ନଈଟିକି ଗମେଇବାସୀ ଜଗତର ଏକମାତ୍ର ନଈ ବୋଲି ମନେ କରି ଆସିଛନ୍ତି । ତାଙ୍କ ଗାଁ ପାଖର ସେହି ଶ୍ରେଷ୍ଠ ପାହାଡ଼ଟିର ମହିମା ତାଙ୍କ ପକ୍ଷରେ ଅତୁଳନୀୟ । ମହେନ୍ଦ୍ର, ମେଘାସନ, ମାଲ୍ୟଗିରି କାହିଁ କେଉଁଠି ଦୂରରେ ଅଛି ପରା ! ତାହା ଗମେଇବାସୀଙ୍କ ଆଖିକି କବିର କଳ୍ପନା ବା ସ୍ୱପ୍ନର ସୃଷ୍ଟି ହୋଇପାରେ; ମାତ୍ର ସେହି ଶ୍ରେଷ୍ଠ ପାହାଡ଼ଟି ତାଙ୍କ ଆଗରେ ଅତି ରମଣୀୟ ମେରୁ ପର୍ବତ ! ପାହାଡ଼ରେ ଫୁଲ ଫୁଟିଲେ ଗାଁରେ ନବଜୀବନ ସଞ୍ଚାର ହୁଏ । ନଈର ତରଙ୍ଗ ପରି ସେମାନଙ୍କ ପ୍ରାଣରେ ସ୍ନେହପ୍ରୀତି ଛଳ ଛଳ । ପାହାଡ଼ର ଅଚଳ ପଥର ଖଣ୍ଡ ପରି ସେମାନଙ୍କ ସାହସ ଅତି କଠୋର । ମୋଟାମୋଟି କହିବାକୁ ଗଲେ, ସେହି ପାହାଡ଼ ଆଉ ନଈ ଭିତରେ ରହି ମାନବ ଜାତିର ସେହି ଏକ ବିଚ୍ଛିନ୍ନ ଅଂଶ ସତେ ଅବା ନଈପରି, ପାହାଡ଼ପରି ଜୀବନ୍ତ, ସତେଜ, ଅଚଳ ରହି ସଂସାର ପଥରେ ଯାତ୍ରା ଆରମ୍ଭ କରିଛନ୍ତି ।

( ୨ )

କେତେବର୍ଷ ପରେ କେହି କହି ପାରିବେ ନାହିଁ, କାଳର ପରିବର୍ତ୍ତନ ଘଟିଲା । ସେହି ପରିବର୍ତ୍ତନ ଫଳରେ ପାହାଡ଼ ତାଙ୍କୁ ଆଉ ଧୈର୍ଯ୍ୟ ଶିକ୍ଷା ଦେଇ ପାରିଲା ନାହିଁ; ନଈ ତାଙ୍କୁ ହସାଇ ନଚାଇ ପାରିଲା ନାହିଁ । ସେମାନେ ହା-ହୁତାଶ ଭାବରେ ଏଣେ ତେଣେ ବୁଲିଲେ ।

ଛବିଶି ସାଲ ଦୁର୍ଭିକ୍ଷର ଦାରୁଣ ଧକ୍‌କାରେ କେତେ ଗୌରବମୟ ଇଆସ ତ ଭାଙ୍ଗି ପଡ଼ିଲା, ଗମେଇ ଗାଆଁର ବାଉଁଶ ବେଢ଼ାପୋତା ଡାଟିଲଗା ଦଦରା କୁଟୀର କଥା କିଏ ପଚାରେ ? ତଥାପି ପେଟ ଗୁଣ୍ଡିକ ପାଇଁ ସେମାନେ ପାହାଡ଼କୁ ତାଡ଼ଦେବାକୁ ଉଦ୍ୟମ କଲେ । ଟାଙ୍ଗରା ମୁଣ୍ଡରେ

ପଥର ବୋହି କେତେ କୁବେର ଭଣ୍ଡାରର ଭିତ୍ତି ପକାଇ ଦେଲେ, ବଡ଼ ବଡ଼ ଦ୍ରୁମକୁ ଖଣ୍ଡ ଖଣ୍ଡ କରି ଗାଁ ଗାଁ ଭରତି କରିଦେଲେ; ତଥାପି ପେଟ ପୂରିଲା ନାହିଁ । ଅନ୍ନହୀନ, ସାହାହୀନ, ବସ୍ତ୍ରହୀନ, ଦୀନହୀନଭାବରେ ଗ୍ରାମବାସୀ କିଏ କୁଆଡ଼େ ଚାଲିଗଲେ ।

ସହଦେବ ଜାତିରେ ବାଉରି । ବୟସରେ ବାଇଶି ବର୍ଷର ଭେଣ୍ଡା । ଆକାରରେ ସେହି ପାହାଡ଼ ତଳିଆ, ନଈକୂଳିଆ ଭେଣ୍ଡା ଗଜାଗଛ ପରି । ତେଣୁ ଦୁର୍ଭିକ୍ଷର ଧକ୍କା ତାକୁ ହଲଚଲ କରିବା ପାଇଁ ବହୁତ ଦିନ ଲାଗିଲା । ସେ ଦେଖିଲା ତାର ସେହି ଶ୍ରେଷ୍ଠ ଗାଆଁଟିର କେତୋଟି ନିତି ପରିଚିତଙ୍କ ଶେଷ ଚିତା ଗାଆଁ ମୁଣ୍ଡ ବରଗଛ ମୂଳରେ ଡହ ଡହ ହୋଇ ଜଳି ଉଠିଲା । କାହା କଣ୍ଠର କେତେ କରୁଣ ସ୍ୱର ସେହି ପାହାଡ଼ର ଦାରୁଣ ପଥରଗୁଡ଼ାକୁ ତରଳାଇବାକୁ ଚେଷ୍ଟା କଲା । ସେ ସବୁ ଶୁଣିଲା, ସବୁ ଦେଖିଲା; ମାତ୍ର କାହାକୁ କୌଣସିଥିରୁ ବିରତ କରାଇ ପାରିଲା ନାହିଁ ।

ଶେଷକୁ ତାର ଆସିଲା ପାଳି । ଯେତେବେଳେ ତାର ଛାତିର ହାଡ଼ ଗଣିହେଲା, ଆଣ୍ଠୁଗଣ୍ଠିର ଠୁଙ୍ଗି ଦିଶିଲା, ଆଖି କୋରଡ଼ କୋରଡ଼ ହେଲା, ସେପରି ଅବସ୍ଥାରେ ଦିନେ ସେ କୁଡ଼ିଆ ଭିତରେ ନିତାନ୍ତ ହତାଶ ଭାବରେ ବସିପଡ଼ି ତା ଜୀବନର ଏକମାତ୍ର ସାଥୀ ଚମ୍ପେଇକୁ ଚାହିଁ କହିଲା—"ଆଜି କଣ ପାରିବ ?"

ସହଦେବ ପାରିବାର ସାହସ ଟିକି ହରାଇଲା । ଦିନରାତି ସେହି ଏକାକଥା ଭାବିଲା—"ଆଜି କଣ ପାରିବ ?" ଚମ୍ପେଇକି ପାଖରେ ରଖି ଭାବିଲା, ଚମ୍ପେଇକି ଦୂରରେ ରଖି ଭାବିଲା, ଚମ୍ପେଇକି କୋଳରେ ଧରି ଭାବିଲା—ନ ଭାବି ସେ ରହି ପାରିଲା ନାହିଁ । ଠିକ୍ କଲା, ଯିବ ଦୂରକୁ ରୋଜଗାର କରି ।

ଚାରିଟି ଆଖିରୁ ଲୁହ ବୋହିଲା । ଦୁଇଟି ବୁକୁତଳେ କି ଆଘାତ ପ୍ରତିଘାତ ଲୀଳା ଚାଲିଥିଲା, ସେହି ଦୁଇ ବୁକୁ ପରସ୍ପର ଛୁଟିଲେ । ଦୁଇଟି

ନାସିକାରୁ ନିଃଶ୍ୱାସ ଏକାବେଳକେ ଘନ ଘନ ବହିଲା । ଗୃଇଟି କରତଳ, ଗୃଇଟି ଚରଣ ଏକାବେଳକେ ଥରିଲା । ଏହା ପରେ ଦିନେ ଏକ ରାତିରେ ସହଦେବ ବାହାରି ପଡ଼ିଲା ରୋଜଗାର କରିବାକୁ ।

ଏହି ହେଉଛି ଦୁଇଟି ଜୀବନର ଏକ ରାତିର ଶେଷ ପ୍ରହରର ଇତିହାସ ।

( ୩ )

ତା ପରେ...

ତା ପରେ ଆଉ ଏକ ରାତିରେ... । ବିଶ୍ୱଜଗତର ଅଣୁ ପରମାଣୁ ଧରି ବେଳେ ବେଳେ ଯେଉଁ ଅନ୍ଧକାର ଘୋଟିଯାଏ, ସେ ସକଳ ଅନ୍ଧକାର ବୋଧହୁଏ ଗମେଇ ଗାଆଁକୁ ଜଡ଼ କରିଦେଇଛି । ସ୍ରୋତ ନଇଟି ପାଗଳିନୀ ପରି କୂଳସୀମା ଭୁଲି ଗୃଲିଛି; ସ୍ରୋତ ପାହାଡ଼ ଖଣ୍ଡିକ ସାଇଁ ସାଇଁ ଗର୍ଜୁଛି ।

ଏହିପରି ଏକ ଭୀଷଣ ରାତିରେ ସହଦେବ ତାର ଗମେଇ ଗାଆଁର ଭଙ୍ଗା କୁଡ଼ିଆ ଖଣ୍ଡିକରେ ବସି ଭାବୁଛି । ଏକାକୀ ସେ; ମାତ୍ର ଭାବନା ତାର ବହୁତ । ତାର ଘରେ ଆଲୁଅ ତ ନାହିଁ; ହୃଦୟ ଭିତରେ ମଧ୍ୟ ଆଲୁଅ ନାହିଁ । ଆଲୁଅ ବୋଲି ସେ ଯାହା ଆପଣା ହୃଦୟର କେଉଁ ନିଭୃତତମ କୋଣରେ ଅନୁଭବ କରୁଛି, ତାହା ତା ଜୀବନର ଗୃରିବର୍ଷ ତଳର ଗୋଟିଏ ସ୍ମୃତିର ଗ୍ଲାୟା ମାତ୍ର ! ସେହି ସ୍ମୃତିର ଗ୍ଲାୟାଟି—ଠିକ୍ ଚମ୍ପେଇର ବେଶ ଓ ଚମ୍ପେଇର ହାସ ! ସେ କଣ କରିବ ? କାହାକୁ ଡାକିବ ? ଅନ୍ଧାର ଭିତରେ ଉଠିପଡ଼ି ତାକୁ ଯାକି ପକାଇବ ବୋଲି ହାତ ବଢ଼ାଇଲା— । ଦେଖିଲା, ଖାଲି ଅନ୍ଧକାର ଛଡ଼ା କିଛି ନାହିଁ । ସେ ଗ୍ଲାୟା ଗୃରିବର୍ଷ ତଳର ସ୍ମୃତିଗ୍ଲାୟା ମାତ୍ର ।

ଗୃରିବର୍ଷ ତଳେ ସେ ଯେତେବେଳେ ଗାଁ ଗ୍ଲାଡ଼ି ବିଦେଶ ଗଲା, ଚମ୍ପେଇ ଓଦାକନା ପେଟରେ ଦେଇପରି ରହି ତା ବାଟ ଗୃହିଁଲା । କମେ ଦିନଦିନରେ

ଓଳିଏ ଚୁଲି ଲଗିଲା । ତହିଁରେ ପୁଣି ଆଜି ମୁଠିଶାଗ ତ କାଣି ବଣସାରୁ ପଡ଼ର ।

ହତଭାଗିନୀର ଏହି ଦଶା-ବିପର୍ଯ୍ୟସ୍ତ ଯେତେବେଳେ ଶେଷସୀମାରେ, ସହଦେବ କୃଅ ପୋଖରୀ-ମନ୍ଦିର-ତରୁରାପୂର୍ଣ୍ଣ ପଲ୍ଲୀଟିର ମଧୁରମାୟାରେ ଟାଣି ହୋଇ ଆସି ଘରେ ପହଞ୍ଚିଲା । ସନ୍ଧ୍ୟାରେ ଆସି ଦେଖିଲା, ତା କୁଟୀର ଖଣ୍ଡିକ ଜୀବନ-ସନ୍ଧ୍ୟାରେ । ଘାସରେ ପଥ ବାରି ହେଉ ନାହିଁ । ଆସନ୍ନ ଅନ୍ଧକାର ଜୀବନର ଦୁଃଖଦୁର୍ଦ୍ଦଶା ସଙ୍ଗେ ମାଡ଼ି ଆସୁଛି ।

ମନ୍ଦିରର ଅଚଳ ପାଷାଣ ପ୍ରତିମା ଉପରେ ପତାକା ଫର ଫର ଉଡ଼ିଲା ପରି ମୂକ ଜଡ଼ ସହଦେବ ଉପରେ ଭଙ୍ଗାଘର ଖଣ୍ଡିକରେ ଝଡ଼ତୋଫାନ ବହିଗଲା । ସେ ସେଥିକି ଭଲେ ହେଲେ ଖାତିର କଲା ନାହିଁ; ତାକୁ କିଛି ଜଣା ପଡ଼ିଲା ନାହିଁ ମଧ୍ୟ ।

ଗାଁ ଲୋକେ କହିଲେ—"ଜଣେ ଗଲା ଜାତିରୁ ଆଉ ଜଣେ ଆସିଛି ଜାତି ହେବ ।"

( ୪ )

ସେ ଦିନ ରାତିର ଭୀଷଣତା କ୍ରମେ ବଢ଼ିଲା । ବଜ୍ର ମାଇଲା, ବିଜୁଳି ମାଇଲା—ସେଥିପ୍ରତି ସହଦେବର ଶ୍ରବଣପଥ ମୁକ୍ତ ନ ଥିଲା; ମାତ୍ର ଦୁଆରେ ଯେତେବେଳେ କିଏ ହାତମାରି ଡାକିଲା—"କିଏ ଅଛ ?" ସେ ଚମକି ଜାଗିଲା ।

ସହଦେବ ସ୍ୱାବାବିକଭାବରେ ଉଠି ଠିଆ ହେଲା । ଟିକିଏ ଖଣ୍ଡି ଜାଣ, ତା ପରେ ପୁଣି ସେହି ଏକ ସ୍ୱର—"କିଏ ଅଛ କି ?"

ସହଦେବ ତାଟିଟା ଫିଟେଇ ଦେଇ କେବଳ ମୂକଭାବରେ ଠିଆ ହୋଇ ଦେଖିଲା, ଆଗରେ ଏକ ମୂର୍ତ୍ତି । ମୁଣ୍ଡରେ ତାର ତେଲହାତ ବାଜୁଛି

କି ନାହିଁ ଅନ୍ଧକାରରେ ବାରି ହେଲା ନାହିଁ ସତ; ମାତ୍ର ବୁଢ଼ୀମା ଗଳାରେ ଥିବା ଭୁତୁରିମୁଣ୍ଡୀର ମୁଣ୍ଡପର ତାହା ଏକ ପ୍ରକାଣ୍ଡ ଆକାରର ଦେଖାଗଲା । ସେ ଘରକୁ ପଛେଇ ଯାଇ ଦୀପରେ ଆଲୁଅ ଜାଳିଦେଲା । ସେ ମୂର୍ତ୍ତି ଘର ଭିତରେ ମିଞ୍ଜି ମିଞ୍ଜି ଜଳୁଥିବା ଦୀପାଲୋକରେ ଯାଇ ଠିଆ ହେଲା । ତାର ଆଖି ଦୁଇଟା ତାଳୁରେ କେଉଁଠି ଖୋସି ହୋଇ ମୁହଁରେ ହାଡ଼ ଦେଖାଯାଉଥିଲା । ସହଦେବ ବିସ୍ମୟ ଆବେଗରେ ପାଟିକରି କହିଲା – "ଚମ୍ପେଇ ! !"

ଭୂତ ନା ପ୍ରେତ ବା ପିଶାଚ ? ତାର ଅଧର କେତେଥର ମେଲା ହେଲା । କେତେଥର ପଡ଼ିଲା, ମାତ୍ର ସହଜରେ ସ୍ୱର ବାହାରିଲା ନାହିଁ । ଶେଷରେ ବଡ଼ କଷ୍ଟରେ ସେ କଣ୍ଠରୁ ବାହାରିଲା—

"ଆହା ! ଏତିକି ନିଷ୍ଠୁର ! ! କେତେଦିନ କେତେ ରାତି ଗୁହିଁ ଗୁହିଁ···ଶେଷକୁ···! !"

( ୪ )

ଶେଷକୁ କଣ ହେଲା, ସହଦେବ ଆଗରୁ ଶୁଣିଥିଲା । ସେ ଶେଷରେ ବଡ଼ ଧୈର୍ଯ୍ୟର ସହିତ ଉତ୍ତର ଦେଲା—"ମଣିଷ ହୋଇ ଯେ ଥିଲା, ସେ ଭୂତ ହୋଇ ଆସିଲା ଆଜି ! ! ଆଉ କାହିଁକି···?"

ଏତିକି କହି ସେ ମୁଣ୍ଡରେ ହାତ ଦେଇ ବସିପଡ଼ିଲା । ତାକୁ ବୁଦ୍ଧି ଦିଶିଲା ନାହିଁ, ତାକୁ ସ୍ୱପ୍ନ ଦିଶିଲା । ପରିଷ୍କାର ଦିବାଲୋକରେ ଦେଖିଲା ପରି ସେ ଦେଖିଲା, ଘର ଛାଡ଼ି, ଗାଁ ଛାଡ଼ି, ବନ୍ଧୁ ସଖାସୋଦର ଛାଡ଼ି ସେ ଗଲା ରେଙ୍ଗୁନ । କି ଜର୍ମ୍ୟାତନା ସେ ନ ଭୋଗିଲା ! ମରଣର ଝଡ଼ତୋଫାନ ଭିତରେ ବଞ୍ଚିବା ପାଇଁ ତାର ଅଭିଯାନ ଆରମ୍ଭ ହେଲା । ଦିନକ ତାର ଯୁଗେ ହେଲା । ଗୃହବର୍ଷରେ ତାର କେତେ ସହସ୍ର ଯୁଗ ଭୋଗ ହେଲା । ରେଙ୍ଗୁନ ଗଳିରେ ପେଟକୁ ପୂରି ନ ଖାଇ, ମନବୋଧ କରି ଲୁଗା ନ ପିନ୍ଧି, ଚମ୍ପେଇର ସ୍ୱପ୍ନ ଦେଖି ଦେଖି ସେ ଜୀବନଯଜ୍ଞରେ ବିବର··ଲାଭ କଲା । ଆହା-ହା ; କି

ମଧୁର ହାସ ତାର । ଯୌବନର ପ୍ରଥମ ପଣଚସ୍ତରେ, ବାସର ରାତର ପ୍ରଥମ ପଲକରେ, ତରୁଣ ତନୁର ପ୍ରଥମ ସ୍ପର୍ଶରେ, ମୁକୁଳିତ କୁନ୍ତଳର ପ୍ରଥମ କର ସଞ୍ଚାଳନରେ କି ତଡ଼ିତ ବା ସେ ହୃଦୟରେ ଅନୁଭବ କରି ନ ଥିଲା । ତା ପରେ ଜୀବନର ଜଞ୍ଜାଳ !—କି ମଧୁମୟ ତାହା ! ଜଙ୍ଗଲରୁ କାଠ ବୋହି ଆଣିଲେ, ନଈରୁ ମାଛ ଧରି ଆଣିଲେ, ଗଛରୁ ଫୁଲ ତୋଳି ଆଣିଲେ, ଜଣେ ଜଣକୁ ହସାଇଲା, ଜଣେ ଜଣକୁ ନଚାଇଲା—ନାଚି ନାଚି ହସି ହସି କୁଡ଼ିଆ ଖଣ୍ଡିକରେ ଜୀବନର ସୁଅ ବୁହାଇ ଦେଲେ । ଜାହାଜ ଯେତେବେଳେ ଗ୍ରାଉଡ଼ିଲା, ସମୁଦ୍ରରେ ତରଙ୍ଗ ଯେତେବେଳେ ନାଚିଲା, ଗଗନରେ ତାରକା ଯେତେବେଳେ ଫୁଟିଲା, ସେ ଚମ୍ପେଇର ରୂପ, ଚମ୍ପେଇର ହାସ କେବଳ ଦେଖିଲା । ତା ପରେ ଘର ଯେତିକି ପାଖେଇଲା, ଚମ୍ପେଇ ତାର ସେତିକି ନିକଟତର ହେଲା ।—ଚମ୍ପେଇ ତାର ଗଳା ଧରି ଓହଳିଲା, ଦୁଇଟା ବହୁଦିନର ତାପିତ ଅଧର ତାହାର ଆଡ଼କୁ ଧୀରେ ଧୀରେ ଆସିଲା ।

ସେ ଅଧରକୁ ଅଧରରେ ମିଶାଇ ଦେବାକୁ ଚେଷ୍ଟା କଲା । ଦେଖିଲା, ହାତ ତାର ଶୂନ୍ୟରେ ଦଉଡ଼ୁଛି । ଚମକି ଡାକିଲା କେବଳ—"ଚମ୍ପେଇ !"

କେହି ଶୁଣିଲେ ନାହିଁ । ଚମ୍ପେଇର ବାହୁକୁ ଧରିବାକୁ ଚେଷ୍ଟା କଲା, ଚମ୍ପେଇର ଗଳାକୁ ଟାଣି ଧରିବାକୁ ଇଚ୍ଛା କଲା, ତାର ଦୀର୍ଘଶ୍ୱାସ ସ୍ୱୀ ବୁକୁତଳେ ଶୁଣିବାକୁ କାମନା କଲା—ସବୁ ବୃଥା । ଘର ଭିତରୁ ସେ ଅନ୍ଧାର ରାଜ୍ୟକୁ ବାହାରି ପଡ଼ିଲା । ତଳ ଉପର ଦଶଦିଗ ଅନ୍ଧାର, ଉପରେ ତାରା ଚନ୍ଦ୍ର ନାହାନ୍ତି, ତଳେ ତା ଛଡ଼ା ଆଉ କେହି ମଣିଷ ନାହାନ୍ତି । ଅଳ୍ପ ଦୂରରେ କେବଳ ସେହି ଗ୍ରେଟ ନଈଟା ଭଉଁରୀ ଖେଳରେ ମାତି ଜାହାକୁ ଅଶ୍ରୁଧାରରେ ଭସାଇ ଦେଲାପରି ବହି ଯାଉଛି ।

ସ୍ୱର ଶୁଭିଲା—"କୁରୁ-କୁରୁ-କୁରୁ ।"

ଚମ୍ପେଇ କଣ ଡାକିଲା ?

କେତେ ପାହୁଣ୍ଡ ଆଗକୁ ଯାଇ ସହଦେବ ଥିର ହୋଇ ଠିଆ ହେଲା । ପୁଣି କଏ କହିଲା—"ଖଲ୍‌-ଖଲ୍‌-ଖଲ୍‌-ଖଲ୍‌ !"

ଗଛ ଗହଳରେ ଜୁଳୁ ଜୁଳିଆ ପୋକ ସହସ୍ର ଆଖିରେ କାହାକୁ ଚାହିଁ ଥିଲେ ! ସହଦେବ ଦଉଡ଼ିଗଲା ତାହାର ପାଖକୁ... । କାଦୁଅ ପଚ୍ ପଚ୍ ଶୁଭିଲା । ତା ପରେ ଏକମାତ୍ର ଶବଦ···ନଦୀ ହୁଙ୍କାର ଉଠିଲା··· ବହମାନ ଜଳଧାରା ଆହୁରି ବିଚଳିତ ହୋଇଗଲା ! ସେହି ଗଛମୂଳେ ପାଣିକୁ ଚାହିଁ ସହଦେବ ବସି ପଡ଼ି ଡାକିଲା—'ଚମ୍ପେଇ !'

ପାହାଡ଼ ସେ ପାଖରୁ କଏ ଉତ୍ତର ଦେଲା 'ଚମ୍ପେଇ !'

ଚମ୍ପେଇ ତ ଶୁଣିଲା ନାହିଁ, ସହଦେବ ମଧ୍ୟ ଆଉ କାହା ଡାକ ଶୁଣିଲା ନାହିଁ । ମେଘ ଡାକିଲା, ନଦୀ ଡାକିଲା, ପକ୍ଷୀ ଡାକିଲା, ଶେଷରେ ସକାଳେ ଯେତେବେଳେ ମଣିଷ ଡାକିଲେ 'ସହଦେବ' !' ସେ କହିଲା—'ଚମ୍ପେଇ !'

ଏ ଆଉ ଏକ ରାତିର ଶେଷ ପହରର ଇତିହାସ ।

ମୁଦ୍ରାକର—ଶ୍ରୀ ଜାନକୀ ନାଥ ହାଲ୍‌ଦାର, ପାୟୋନିଅର ପ୍ରେସ, କଟକ-୧